READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ସୁଭଦ୍ରା ଓ ବଳଭଦ୍ରଙ୍କ ରଥରେ ଦ୍ୱିତୀୟ ଭୂଇଁ ଉଠାଯାଉଛି

ବର୍ଷ-୨ ସଂଖ୍ୟା-୨୩ ୧୮ ଜୁନ - ୨୪ ଜୁନ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-23 18th JUNE - 24th JUNE, 2018 BHUBANESWAR ₹ 5/- (8 Pages)

### ନୀତି ଆୟୋଗ ବୈଠକରେ ମତ ରଖିଲେ ପ୍ରଧାନମନ୍ତ୍ରୀ

## ଦେଶରେ ଏକକ ନିର୍ବାଚନ ହେଉ




**ନୂଆଦିଲ୍ଲୀ :** ଦେଶରେ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ ନେଇ ବ୍ୟାପକ ବିତର୍କ ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଉଦ୍‌ବୋଧନ ଦେଇ ଏହା କହିଥିଲେ ମୋଦି। ଏକସଙ୍ଗେ ନିର୍ବାଚନ କରାଗଲେ ରାଜକୋଷରୁ ଖର୍ଚ୍ଚ କମିବ। ବୈଠକ ପରେ ଯେଉଁ ସରକାରୀ ଇସ୍ତାହାର ଜାରି କରାଯାଇଛି ଏଥିରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ଏକସଙ୍ଗେ ନିର୍ବାଚନ ପାଇଁ ବ୍ୟାପକ ଆଲୋଚନା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପରେ ଗଣମାଧ୍ୟମକୁ ସୂଚନା ଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଦେଶ ସବୁବେଳେ ନିର୍ବାଚନ ମୁହାଁହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ୨୩ ଜଣ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ଥିଙ୍କ୍‌ଟ୍ୟାଙ୍କ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିପରି ଆର୍ଥିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ବିଶିଷ୍ଟ କରିବା ପାଇଁ ଏବେ ସରକାରଙ୍କ ଆଗରେ ଏକ ବଡ଼ ଚ୍ୟାଲେଞ୍ଜ୍ ଦେଖାଦେଇଛି। ଏଥିପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗର ଚତୁର୍ଥ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ବୈଠକରେ ଶ୍ରୀ ମୋଦି କହିଲେ ଯେ ବନ୍ୟା କ୍ଷତିଗ୍ରସ୍ତ ରାଜ୍ୟଗୁଡ଼ିକୁ ପରିସ୍ଥିତିର ମୁକାବିଲା କରିବା ଲାଗି କେନ୍ଦ୍ର ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ। ଦେଶର ଆର୍ଥିକ ଅଭିବୃଦ୍ଧି ହାର ବେଶ୍ ଭଲ ଅଛି। ୨୦୧୭-୧୮ର ୪ର୍ଥ ତ୍ରୟମାସିକରେ ଅଭିବୃଦ୍ଧି ହାର ୭.୭% ରହିଛି। ଏବେ ଏହି ଅଭିବୃଦ୍ଧି ହାରକୁ ଦୁଇଅଙ୍କ କରିବା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ହୋଇଛି। ଏହି ବୈଠକରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ବିଭିନ୍ନ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରାଯିବା, ଆୟୁଷ୍ମାନ ଭାରତ, ମିଶନ ଇନ୍ଦ୍ରଧନୁଶ, ପୁଷ୍ଟି ମିଶନ ଓ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଛି। ୨୦୨୦ର ନବ ଭାରତ ଲକ୍ଷ୍ୟ ହାସଲ ➤ ପୃ-୬

## ଆଉ ସପ୍ତାହେ ତାତି



**ଭୁବନେଶ୍ୱର :** ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିଲେ ମଧ ଗତ କିଛିଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ, ଗୁଲୁଗୁଳି ଓ ତତଲା ହାଓ୍ୱା ଜାରି ରହିଛି। ଏଭଳି ସ୍ଥିତି ସପ୍ତାହେ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଅନ୍ୟପକ୍ଷରେ ୟୁଏନ୍‌ଡିପି ଓ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ କମ୍ପୋଜାଇଟ୍ ହାଜାର୍ଡ ଇଣ୍ଡେକ୍ସ

### ତତଲା ହାଓ୍ୱାରେ ଜନଜୀବନ ଅସ୍ତବ୍ୟସ୍ତ

(ସିଏଚ୍‌ଆଇ) ରିପୋର୍ଟ ଓଡ଼ିଶାର ଚିନ୍ତା ବଢ଼ାଇଛି। ସମଗ୍ର ଦେଶରେ ହିଟ୍‌ୱେଭ୍(ତତଲା ହାଓ୍ୱା) ବିପଦ ଓଡ଼ିଶାରେ ସର୍ବାଧିକ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ଲକ୍ଷ୍ମୀଧର ମହାପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଜ୍ୟର ଅନେକ ସ୍ଥାନରେ ଅସମ୍ଭବ ଭାବେ ତାପମାତ୍ରା ବୃଦ୍ଧି ପାଇଛି। ତାପମାତ୍ରା ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଉଛି ଉତ୍ତର-ଉତ୍ତରପଶ୍ଚିମ ଭାରତରୁ ଘଣ୍ଟାପ୍ରତି ୩୦ରୁ ୩୫ କିମି ବେଗରେ ତତଲା ହାଓ୍ୱା ପ୍ରବାହିତ ହେଉଛି। ରାଜ୍ୟରେ ଏବେ ମୌସୁମୀ ଦୁର୍ବଳ ରହିଛି। ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ଲଘୁଚାପ କିମ୍ବା ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ମଧ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତି ଅନୁସାରେ ଗତ ରବିବାର ରାଜ୍ୟର ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଭୁବନେଶ୍ୱରରେ ସର୍ବାଧିକ ୪୨.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନୁଗୁଳ, ବଲାଙ୍ଗିର, ବାରିପଦା, କଟକ, ଭବାନୀପାଟଣା, ଚାନ୍ଦବାଲି ସହରରେ ରବିବାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଗତ ଶନିବାର ଓ ଶୁକ୍ରବାର ୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ଭୁବନେଶ୍ୱର ସହରରେ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ରାଜ୍ୟ କୃଷି ବିଭାଗ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଚାଷୀମାନଙ୍କୁ ଚାଷ କାର୍ଯ୍ୟ ନକରିବା ପାଇଁ ପରାମର୍ଶ ଦିଆଯାଇଛି। ପୁନଃମୌସୁମୀ ବର୍ଷା ନଆସିବା ଯାଏ ଡିପି ଓ ମଧ୍ୟମ କିସମ ଜମିରେ ବିହନ ନବୁଣିବା ପାଇଁ କହିବା ସହ ଜଳସେଚନ ଦ୍ୱାରା ଫସଲକୁ ଅଧିକ ତାପମାତ୍ରାରୁ ସୁରକ୍ଷା ➤ ପୃ-୬

### ଅସ୍ତ୍ରବିରତି ମିଆଦ ସରିଗଲା

## ଏଣିକି ଆତଙ୍କବାଦୀ ଦମନ



**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସୁରକ୍ଷା ବାହିନୀର ଅପରେସନ ପୁଣି ଆରମ୍ଭ ହେବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ରମ୍‌ଜାନ୍ ଆରମ୍ଭରେ ଘୋଷଣା କରାଯାଇଥିବା ଅସ୍ତ୍ରବିରତି ମିଆଦ ବୃଦ୍ଧି କରାଯିବ ନାହିଁ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଏକ ବିବୃତିରେ କୁହାଯାଇଛି। ଶ୍ରୀନଗରରେ ଆତଙ୍କବାଦୀଙ୍କ ଗୁଳିରେ ବରିଷ୍ଠ ସାମ୍ବାଦିକ ତଥା ରାଇଜିଂ କଶ୍ମୀରର ସମ୍ପାଦକ ଶୁଜାତ୍ ବୁଖାରୀ ନିହତ ହେବାର ମାତ୍ର ଅଳ୍ପ ଦିନ ପରେ କେନ୍ଦ୍ର ସରକାର ଏଭଳି ଘୋଷଣା କରିଛନ୍ତି। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସରକାର ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଓ ହିଂସାକାଣ୍ଡ ମୁକ୍ତ ପରିବେଶ ସୃଷ୍ଟି କରିବାକୁ ସଂକଳ୍ପବଦ୍ଧ ଅଛନ୍ତି। କେନ୍ଦ୍ର ସରକାର ଗତ ମେ' ୧୭ରେ ରମ୍‌ଜାନ୍ ସମୟରେ ସୁରକ୍ଷା ବାହିନୀ ପକ୍ଷରୁ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ସୁରକ୍ଷା ବାହିନୀ ଏହି ନିଷ୍ପତ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିଥିବାରୁ ସରକାର ଏହାର ଭୂମିକାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆତଙ୍କବାଦୀମାନେ ବାରମ୍ବାର ସୁରକ୍ଷା ➤ ପୃ-୬

### '୮୦ବର୍ଷର ଓଡ଼ିଶା ବଜେଟ' ଉନ୍ମୋଚିତ

## ସଫଳତାର ମାଇଲଖୁଣ୍ଟ ହାସଲ କରିଛି ଓଡ଼ିଶା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ପୁରୁଣା ରାଜଧାନୀ କଟକରୁ ନୂଆ ରାଜଧାନୀ ଭୁବନେଶ୍ୱର ୮୦ ବର୍ଷର ଯାତ୍ରା। ଏହି ଦୀର୍ଘ ସମୟ ମଧ୍ୟରେ ଓଡ଼ିଶାବାସୀ ୮୦ଟି ବଜେଟ ଦେଖିବାର ସୁଯୋଗ ପାଇଛନ୍ତି। ୧୯୩୬ ମସିହାରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପି.ଟି. ମାନ୍ସଫିଲ୍ଡ ଉପସ୍ଥାପିତ କରିଥିବା ୧୭୭ କୋଟି ଟଙ୍କା ପ୍ରଥମ ରାଜ୍ୟ ବଜେଟ ୮୦ ବର୍ଷ ପରେ ୧ଲକ୍ଷ ୨୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏହା ଓଡ଼ିଶାକୁ ଦ୍ରୁତ ବିକାଶ ପଥରେ ଆଗେଇ ନେଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ଜୟଦେବ ଭବନରେ ଆୟୋଜିତ '୮୦ବର୍ଷର ଓଡ଼ିଶା ବଜେଟ' ପୁସ୍ତକ ଉନ୍ମୋଚନ ଅବସରରେ ଏହା କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହି ପୁସ୍ତକରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ପ୍ରତିଫଳିତ ହୋଇଛି। ବଜେଟ୍ ଦୃଷ୍ଟିରୁ ରାଜ୍ୟର ସାମାଜିକ-ଅର୍ଥନୀତିକ, ➤ ପୃ-୬

## ବଜ୍ରପାତ ସୂଚନା ଆଗୁଆ ମିଳିବ




**ଭୁବନେଶ୍ୱର :** ଏଣିକି ୪୫ ମିନିଟ୍ ପୂର୍ବରୁ ଲୋକମାନଙ୍କୁ ବଜ୍ରପାତ ସୂଚନା ପ୍ରଦାନ କରାଯିବ। ଏନେଇ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା) ଏବଂ ଆମେରିକୀୟ କମ୍ପାନୀ ଆର୍ଥ ନେଟ୍‌ୱାର୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକମାନଙ୍କୁ ବଜ୍ରାଘାତରୁ ରକ୍ଷା କରାଯାଇ ପାରିବ ବୋଲି କୁହାଯାଇଛି। ଆଗୁଆ କାଳବୈଶାଖୀ ଓ ବଜ୍ରାପାତ ସୂଚନା ପାଇବାକୁ ଲାଇଟନିଂ ଡିଟେକ୍ସନ୍ ସର୍ଭିସ ➤ ପୃ-୬

### ବିଶେଷ ପ୍ରସଙ୍ଗ



**ଶ୍ରୀମନ୍ଦିର ସଙ୍କଟ ପାଇଁ କିଏ ଦାୟୀ ?**

ଶେଷ ପୃଷ୍ଠାରେ...


## ଅଗଷ୍ଟ ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା



**ଭୁବନେଶ୍ୱର :** ଓଡ଼ିଶାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପୁଣି ଏକ ନୂଆ ଯୋଜନା ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାର ନାମ ରହିଛି 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'। ଏହା ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ କାର୍ଯ୍ୟକାରୀ ହେବ। ଯୋଜନା ଅଧୀନରେ ୭୦ ଲକ୍ଷ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ➤ ପୃ-୬




### ବକ୍ରବାଣୀ



ମହାନଦୀ ପାଣି ଶୁଖି ଗଲାଣି
ଶଙ୍ଖେଶ୍ୱର ଆମ ରୋଷ ହେଲେଣି
ପଠେଇଲେ ଲୋକ ଦିଲ୍ଲୀ ନଗରୀ
ବୁଲାବୁଲି କଲେ ଭାଇ ଆମରି
ବନେଇଲେ ସିଏ ଗୋଟେ ଫଉଜ
ନାଚଗୀତେ କଲେ କେତେ ମଉଜ
ଅନଶନ କଲେ ସେଠି ଯାଇକି
ଗଣିନେଲେ ଟଙ୍କା ଖର୍ଚ୍ଚ ପାଇଁକି
ଶୁଭୁନାହିଁ ଏବେ ତାଙ୍କ କାନ୍ଦଣା
ଟେକୁନାହିଁ ଫଣା ଆଉ ଡମଣା।

——ଟୁଟୁ

## ରଜପର୍ବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ



ଇଂ. ପାଣି
କନିଷ୍ଠ ଯନ୍ତ୍ରୀ
ତେନ୍ତୁଳିଖୁଣ୍ଟି ବ୍ଲକ



ଆର୍ଜନା ବେହେରା
ଆରାଧ୍ୟା ବେହେରା
ତେନ୍ତୁଳିଖୁଣ୍ଟି



କୁମର ପୂଜାରୀ
ସରପଞ୍ଚ
ପୂଜାରୀଗୁଡା

PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455



## କେମିତି କଟିବ ଏ ସପ୍ତାହ

**ମେଷ** ସରକାରୀ ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହେବ। ବ୍ୟବସାୟୀମାନେ କ୍ଷତି ସହିବେ। ଗୃହରେ ଆର୍ଥିକ ଅବସ୍ଥା ସୁଧୁରିବ।

**ବୃଷ** ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ। ଉଚ୍ଚପଦାଧିକାରୀଙ୍କ ଠାରୁ ସମ୍ମାନ ଓ ପ୍ରଶଂସିତ ହେବେ। ପୁରାତନ ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ।

**ମିଥୁନ** ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲୋଡିବେ। କଳାକାରମାନେ ସମ୍ମାନିତ ହେବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**କର୍କଟ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। କଳାକାରମାନେ ବିଦେଶ ଯାତ୍ରା କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ସହ ବଚସା ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ମନ ବଳାଇବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ବନ୍ଧୁଙ୍କ ଦ୍ୱାରା ଅଧିକ ଲାଭବାନ୍ ହେବେ।

**କନ୍ୟା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ। ନୂତନ କର୍ମରେ ଯୋଗ ଦେଇପାରନ୍ତି। ନୂତନ ଯାନ କିଣି ଚିନ୍ତାରେ ପଡିବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। ବ୍ୟବସାୟରେ ଉନ୍ନତି ଘଟିବ।

**ତୁଳା** କର୍ମକ୍ଷେତ୍ରରେ ବଦଳି ହେବାର ଯଥେଷ୍ଟ ସମ୍ଭାବନା ଅଛି। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ହେବ। ଯାନବାହନ ପ୍ରତି ସତର୍କ ରହିବେ। ରାଜନୈତିକ ବ୍ୟକ୍ତିମାନେ ସଫଳତା ପାଇବେ।

**ବିଛା** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ବିଦ୍ୟାର୍ଥୀମାନେ ଅସଫଳ ହେବେ। ନୂତନ ଜମି କିମ୍ବା ଗୃହ କ୍ରୟ କରି ଚିନ୍ତିତ ହେବେ। ବ୍ୟବସାୟୀମାନେ କ୍ଷତି ସହିବେ। କଳାକାରମାନେ ସମ୍ମାନିତ ହେବେ।

**ଧନୁ** ପୂଜା ପାଠରେ ଅଧିକ ସମୟ ବିତିବ। କର୍ମକ୍ଷେତ୍ରରେ ବଦଳି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରୁ ଅଧିକରୁ ଅଧିକ ଲାଭ ପାଇବେ।

**ମକର** ଧର୍ମାନୁଷ୍ଠାନରେ ଯୋଗ ଦେଇ ଖୁସି ଅନୁଭବ କରିବେ। ଶାରୀରିକ ପୀଡା ଅନୁଭବ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବଚସା ସୃଷ୍ଟିହେବ। ବ୍ୟବସାୟୀମାନେ ଆଶା କରିଥିବା ଲାଭ ପାଇବେ।

**କୁମ୍ଭ** ନୂତନ କର୍ମକ୍ଷେତ୍ରରେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ଭଲ ସମ୍ପର୍କ ରହିବ। ଛାତ୍ରଛାତ୍ରୀଙ୍କୁ କୌଣସି ମିତ୍ରଙ୍କ ସାହାଯ୍ୟ ମିଳିପାରେ। କୌଣସି ଧର୍ମାନୁଷ୍ଠାନକୁ ଯିବାର ଯୋଜନା କରିପାରନ୍ତି।

**ମୀନ** ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଚାକିରିଆଙ୍କର ବଦଳି ହୋଇପାରେ। ସାମାଜିକ କର୍ମରେ ସମୟ ବିତିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସା ପାଇବେ। ରାଜନୀତିରେ ନେତୃତ୍ୱ ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଟ୍ରମ୍ପ-କିମ୍‌ଙ୍କ ଐତିହାସିକ ଚୁକ୍ତି

# ଆଣବିକ ନିରସ୍ତ୍ରୀକରଣ ହେବ ଉତ୍ତର କୋରିଆ

**ସେଣ୍ଟୋସା :** ବିଶ୍ୱ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ମଧ୍ୟରେ ସିଙ୍ଗାପୁରରେ ଐତିହାସିକ ସାକ୍ଷାତ ଆଲୋଚନା ହେବା ପରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ଉତ୍ତରକୋରିଆ ସମ୍ପୂର୍ଣ୍ଣ ଆଣବିକ ନିରସ୍ତ୍ରୀକରଣ ପାଇଁ ରାଜି ହୋଇଛି। ଏହାର ପ୍ରତିବଦଳରେ ପ୍ୟୋଙ୍ଗ୍‌ୟାଙ୍ଗ୍ ଆମେରିକାଠାରୁ ସୁରକ୍ଷା ଗ୍ୟାରେଣ୍ଟି ମାଗିଛନ୍ତି। ଟ୍ରମ୍ପ୍ ଏହି ଐତିହାସିକ ଶିଖର ବୈଠକକୁ 'ସଚ୍ଚା, ପ୍ରତ୍ୟକ୍ଷ ଓ ଫଳପ୍ରଦ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଉତ୍ତର କୋରିଆର ଦାବି ଅନୁଯାୟୀ ଆମେରିକା ଦକ୍ଷିଣ କୋରିଆ ସହ ମିଳିତ ସମରାଭ୍ୟାସ ବନ୍ଦ କରିବ। କିନ୍ତୁ ଉତ୍ତର କୋରିଆର ଆଣବିକ ପରୀକ୍ଷା ଉପରେ ରହିଥିବା କଟକଣା ବଳବତ୍ତର ରହିବ। ଶିଖର ବୈଠକ ଶେଷରେ ଜାରି ହୋଇଥିବା ଏକ ମିଳିତ



ବିବୃତିରେ କୁହାଯାଇଛି, ଟ୍ରମ୍ପ୍ ଓ କିମ୍ ଦୁଇ ଦେଶ ମଧ୍ୟରେ ନୂଆ ସମ୍ପର୍କକୁ ଦୀର୍ଘସ୍ଥାୟୀ କରିବା ଏବଂ କୋରିଆ ଉପଦ୍ୱୀପରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି ଆନ୍ତରିକତାର ସହ ଆଲୋଚନା କରିଛନ୍ତି। ଏହି ମିଳିତ ବିବୃତିରେ ଟ୍ରମ୍ପ୍ ଓ କିମ୍ ସ୍ୱାକ୍ଷର କରିଛନ୍ତି। ଟ୍ରମ୍ପ୍ ଓ କିମ୍‌ଙ୍କ ଶିଖର ବୈଠକ ଉପରେ ସାରା ବିଶ୍ୱର ନଜର ରହିଥିଲା ବେଳେ ଆଜି ସିଙ୍ଗାପୁରର ପର୍ଯ୍ୟଟନ କ୍ଷେତ୍ର ସେଣ୍ଟୋସା ଦ୍ୱୀପର କାପେଲା ହୋଟେଲରେ ଏହି ଐତିହାସିକ ସାକ୍ଷାତ ଆଲୋଚନା ହୋଇଥିଲା। ୩୪ ବର୍ଷୀୟ କିମ୍ ୭୧ ବର୍ଷୀୟ ଟ୍ରମ୍ପ୍‌ଙ୍କ ୭ ମିନିଟ୍ ଆଗରୁ ହୋଟେଲରେ ପହଞ୍ଚିଥିଲେ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖ୍ୟ ଟ୍ରମ୍ପ୍ ବଂଶାନୁକ୍ରମିକ ଏକଚ୍ଛତ୍ରବାଦ ଶାସନ ଚାଲିଆସିଥିବା ରାଷ୍ଟ୍ରର ୩ୟ ପିଢ଼ିର ସ୍ୱେଚ୍ଛାଚାରୀ ଶାସକ କିମ୍‌ଙ୍କ ସହ ହାତ ମିଳାଇଥିଲେ। ଦୁହିଁଙ୍କ ମଧ୍ୟରେ ସିଧାସଳଖ ପ୍ରାୟ ୪୫ ମିନିଟ୍ ଆଲୋଚନା ହୋଇଥିଲା। ଏହି ସମୟରେ ସେଠାରେ କେବଳ ଅନୁବାଦକ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା। ଏଥିରେ ଟ୍ରମ୍ପ୍‌ଙ୍କ ସହ ବୈଦେଶିକ ମନ୍ତ୍ରୀ ପୋମ୍ପେଓ, ଜାତୀୟ ସୁରକ୍ଷା ପରାମର୍ଶଦାତା ଜନ୍ ବୋଲ୍‌ଟନ୍, ହ୍ୱାଇଟ୍ ହାଉସ୍ ଷ୍ଟାଫ୍ ମୁଖ୍ୟ ଜନ୍ କେଲି ଉପସ୍ଥିତ ଥିଲାବେଳେ କିମ୍‌ଙ୍କ ଟିମ୍‌ରେ ପୂର୍ବତନ ସାମରିକ ଗୋଇନ୍ଦା ମୁଖ୍ୟ କିମ୍ ୟୋଙ୍ଗ୍ ଚୋଲ୍, ବୈଦେଶିକ ମନ୍ତ୍ରୀ ରି ୟୋଙ୍ଗ୍ ହୋ ଓ ଶାସକ ୱାର୍କର୍ସ ପାର୍ଟିର ଉପାଧ୍ୟକ୍ଷ ରି ସୁ ୟୋଙ୍ଗ୍ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେଣ୍ଟୋସା ଦ୍ୱୀପରେ ଏହି ଐତିହାସିକ ଶିଖର ବୈଠକ ଚାଲିଥିଲା ବେଳେ ସିଙ୍ଗାପୁର ନୌସେନାର ଜାହାଜ, ଏୟାରଫୋର୍ସର ଆପାଚି ହେଲିକପ୍ଟର ପାଟ୍ରୋଲିଂ କରୁଥିଲା। ଏହାଛଡ଼ା ଦୁଇ ରାଷ୍ଟ୍ରମୁଖ୍ୟଙ୍କ ସୁରକ୍ଷା କର୍ମୀମାନେ ସେଠାରେ ମହଜୁଦ୍ ଥିଲେ।

## ସମରାଭ୍ୟାସ ବାତିଲ୍ କଲା ଆମେରିକା

**ୱାଶିଂଟନ୍ :** ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଓ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଐତିହାସିକ ବୈଠକ ବାସ୍ତବ ରୂପ ନେଇଛି। ଏହାର ଉଦାହରଣ ସ୍ୱରୂପ କୋରିଆ ଉପଦ୍ୱୀପରେ ଆମେରିକା ସର୍ବଦା ଦକ୍ଷିଣ କୋରିଆ ସହ କରୁଥିବା ସମରାଭ୍ୟାସକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କଲା ବୋଲି ଘୋଷଣା କରିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି କୋରିଆ ଉପଦ୍ୱୀପରେ ହେଉଥିବା ବୃହତ ସମାରାଭ୍ୟାସକୁ ଆମେରିକା ଅନିର୍ଦ୍ଦିଷ୍ଟକାଳ ପାଇଁ ବାତିଲ କରିଛି।

## କିମ୍‌ଙ୍କୁ ରୁଷିଆ ଆସିବାକୁ ପୁଟିନଙ୍କ ନିମନ୍ତ୍ରଣ

**ମସ୍କୋ :** ରାଷ୍ଟ୍ରପତି ଭ୍ଲାଦମିର ପୁଟିନ୍ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନ୍‌ଙ୍କୁ ରୁଷିଆ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ପୁଟିନ୍ କୋରିଆର ବରିଷ୍ଠ ଅଧିକାରୀ କିମ୍ ୟୋଙ୍ଗ ନାମଙ୍କ ସହ ବୈଠକ କରିବା ସମୟରେ ଏଭଳି ନିମନ୍ତ୍ରଣ କରିଛନ୍ତି। ସେ କିମ ୟୋଗ ନାମଙ୍କୁ କହିଛନ୍ତି ସେପ୍ଟେମ୍ବର ମାସରେ କିମ୍ ଏଠାକୁ ଆସନ୍ତୁ ବୋଲି ସମସ୍ତେ ଚାହୁଁଛନ୍ତି। ତେଣୁ ଆମେ ତାଙ୍କୁ ଆପଣଙ୍କ ଜରିଆରେ ନିମନ୍ତ୍ରଣ କରିବାକୁ ଚାହୁଁଛୁ।


## ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରିତ ୟୁନିଟ୍‌କୁ ଲୋକାର୍ପଣ କଲେ ମୋଦି

**ରାୟପୁର :** ଛତିଶଗଡ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ୍‌ର ସମ୍ପ୍ରସାରିତ ୟୁନିଟ୍‌କୁ ଲୋକାର୍ପଣ କରିଛନ୍ତି। ଏହାଛଡ଼ା ଆଇଆଇଟି ଭିଲାଇର ନୂଆ ବିଲ୍‌ଡିଂର ଶିଳାନ୍ୟାସ କରିଛନ୍ତି। ଏହି ଗସ୍ତ ଅବସରରେ ମୋଦି ଭାରତ ନେଟ୍ ପ୍ରକଳ୍ପର ୨ୟ ପର୍ଯ୍ୟାୟ ଲଞ୍ଚ୍ କରିଛନ୍ତି। ଏହି ଅବସରରେ ମୋଦି ଭିଲାଇରେ ଏକ ଜନସଭାରେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ନିଯୁକ୍ତି ସୃଷ୍ଟି କରିବା ସହ ଶିକ୍ଷାର ବିକାଶରେ ସହାୟକ ହେବ। ୨୨ ହଜାର କୋଟିର ପ୍ରକଳ୍ପଗୁଡ଼ିକ ରାଜ୍ୟର ବିକାଶରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି ନୟା ରାୟପୁରରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ଦ୍ୱାରା ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ପରିମଳ, ଟ୍ରାଫିକ୍ ବ୍ୟବସ୍ଥା, ସୁସମନ୍ୱିତ କୋଠାବାଡ଼ି ନିର୍ମାଣ ପରିଚାଳନା ଆଦି କାର୍ଯ୍ୟକୁ ଅନ୍‌ଲାଇନ୍‌ରେ ତଦାରଖ କରିହେବ। ରାୟପୁର ଓ ଜଗଦଲପୁର ମଧ୍ୟରେ ବିମାନ ସେବାକୁ ଉଦ୍‌ଘାଟନ କରିଥିଲେ



ମୋଦି। ଏହା ଦ୍ୱାରା ମାଓ ପ୍ରଭାବିତ ଆଦିବାସୀ ବହୁଳ ବସ୍ତର ଜିଲ୍ଲା ଦେଶର ବିମାନ ଚଳାଚଳ ମାନଚିତ୍ରରେ ସ୍ଥାନ ପାଇଛି। କେନ୍ଦ୍ରର ଉଡାନ୍ ଯୋଜନା ଅନୁଯାୟୀ ରାୟପୁର ଓ ଜଗଦଳପୁର ମଧ୍ୟରେ ବିମାନ ସେବା ଆରମ୍ଭ ହୋଇଛି।

## ମାଲ୍ୟାଙ୍କ ବିରୋଧରେ ଇଡିର ସାନି ଚାର୍ଜସିଟ୍



**ନୂଆଦିଲ୍ଲୀ :** ବିଶିଷ୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଖୁବ୍ ଶୀଘ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ଆଉ ଏକ ଚାର୍ଜସିଟ୍ ଦାଖଲ କରିବାକୁ ଯୋଜନା କରୁଛି। ମାଲ୍ୟାଙ୍କ କମ୍ପାନୀଗୁଡ଼ିକ ବିରୋଧରେ ମନି ଲଣ୍ଡରିଂ ମାମଲା ରହିଥିବା ବେଳେ ସେ ଜାତୀୟକରଣ ବ୍ୟାଙ୍କ୍‌ଗୁଡ଼ିକରୁ ୬୦୨୭ କୋଟି ଟଙ୍କା ଠକି ନେବା ଘଟଣାରେ ଇଡି ସାନି ଚାର୍ଜସିଟ୍ ଦାଖଲ କରିବାକୁ ପ୍ରସ୍ତୁତ ହେଉଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମାଲ୍ୟାଙ୍କ ୯ ହଜାର କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ଖୁବ୍ ଶୀଘ୍ର କୋର୍ଟଙ୍କ ଅନୁମତି ଲୋଡ଼ିବ। ଆର୍ଥିକ ହେରାଫେରି କରି ଦେଶ ଛାଡ଼ି ପଳାଇଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବା ଲାଗି ନିକଟରେ ଜାରି ହୋଇଥିବା ଅଧ୍ୟାଦେଶ ବଳରେ ଇଡି ଏଭଳି ପଦକ୍ଷେପ ଗ୍ରହଣ କରିବ। ଇଡି ଗତ ବର୍ଷ ମାଲ୍ୟାଙ୍କ ବିରୋଧରେ ତା'ର ପ୍ରଥମ ଚାର୍ଜସିଟ୍ ଦାଖଲ କରିଥିଲା। ବ୍ୟାଙ୍କ୍ ସମୂହ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଅଭିଯୋଗ କ୍ରମେ ଇଡି ଏଭଳି ପଦକ୍ଷେପ ନେବାକୁ ଯାଉଛି।

## ଉଚ୍ଚ ଶିକ୍ଷାରେ ନିଯୁକ୍ତି ପାଇଁ ନୂଆ ନିୟମ

**ନୂଆଦିଲ୍ଲୀ :** ୨୦୨୧-୨୨ରୁ ବିଶ୍ୱବିଦ୍ୟାଳୟ-ଗୁଡ଼ିକରେ ସିଧାସଳଖ ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ପିଏଚ୍‌ଡି ବାଧ୍ୟତାମୂଳକ ହେବ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଏହି ସୂଚନା ଦେଇଛନ୍ତି। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କଲେଜଗୁଡ଼ିକରେ ସିଧାସଳଖ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ସର୍ବନିମ୍ନ ଯୋଗ୍ୟତା ସ୍ନାତକୋତ୍ତର ଡିଗ୍ରୀ ସହିତ ନ୍ୟାସନାଲ ଏଲିଜିବିଲିଟି ଟେଷ୍ଟ୍‌ରେ କୃତକାର୍ଯ୍ୟ ହେବା କିମ୍ବା ପିଏଚ୍‌ଡି କରିଥିବା ନେଇ ଯେଉଁ ବ୍ୟବସ୍ଥା ରହିଛି, ତାହା ବଳବତ୍ତର ରହିବ। ୟୁଜିସି (ୟୁନିଭରସିଟି ଗ୍ରାଣ୍ଟ୍ କମିଶନ)ର ନୂଆ ନିୟମ ଘୋଷଣା କରି ଜାଭଡେକର କହିଛନ୍ତି, ଏକାଡେମିକ୍ ପର୍‌ଫର୍‌ମାନ୍ସ ଇଣ୍ଡିକେଟର୍ (ଏପିଆଇ) ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ଏହା ଦ୍ୱାରା କଲେଜ ଶିକ୍ଷକମାନେ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦେଇପାରିବେ। ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଏଥିସହିତ ମେଧାବୀମାନଙ୍କୁ ଶିକ୍ଷକତା ପ୍ରତି ଆକୃଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଯେଉଁସବୁ ପ୍ରୋତ୍ସାହନ ଦିଆଯାଉଥିଲା, ସେଗୁଡ଼ିକ ବଳବତ୍ତର ରଖାଯାଇଛି। କିନ୍ତୁ କଲେଜ ଶିକ୍ଷକଙ୍କ ପାଇଁ ଏପିଆଇ ହଟାଇ ଦିଆଯାଇଛି। ଏଣିକି କଲେଜ ଶିକ୍ଷକମାନେ ଗବେଷଣା କରିବାକୁ ବାଧ୍ୟ ହେବେ ନାହିଁ। ବରଂ ସେମାନେ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୧ରୁ କଲେଜଗୁଡ଼ିକରେ ଆସିଷ୍ଟାଣ୍ଟ୍ ପ୍ରଫେସର ପାହ୍ୟାକୁ ପଦୋନ୍ନତି ନିମନ୍ତେ ପିଏଚ୍‌ଡି ଡିଗ୍ରୀ ବାଧ୍ୟତାମୂଳକ କରାଯିବ। ଶିକ୍ଷକ ମୂଲ୍ୟାୟନ ଗ୍ରେଡେସନ୍ ବ୍ୟବସ୍ଥାରେ ସରଳୀକରଣ କରାଯାଇଛି। ଶିକ୍ଷାଦାନକୁ ଭିତ୍ତିକରି ପଦୋନ୍ନତି ସମ୍ପର୍କରେ ବିଚାର କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ନୂଆ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଯେଉଁମାନେ ପିଏଚ୍‌ଡି କରିଥିବେ ସେମାନଙ୍କୁ କେବଳ ସୁଯୋଗ ଦିଆଯିବ।

## ଅର୍ଥନୀତିରେ ଭାରତୀୟ ନିରାଶ

**ନୂଆଦିଲ୍ଲୀ :** ୨୦୧୪ ମସିହାରେ ନୂତନ ସରକାର ଆସିବା ଏବଂ ଏହାର ୪ ବର୍ଷ ପରର ଅବଧିରେ ଭାରତୀୟମାନେ ନିରାଶ ହୋଇଥିବା ରିପୋର୍ଟ ପ୍ରକାଶ କରିଛି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ। ଅଚ୍ଛେ ଦିନ୍‌ର ସଂକଳ୍ପ ନେଇ କ୍ଷମତାକୁ ଆସିଥିବା ଏବଂ ଜନତା ବିକାଶର ଗୋଲାପୀ ଚିତ୍ର ଦେଖାଇଥିବା ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏଥିରେ ଭାରତୀୟମାନେ ପ୍ରଭାବିତ ହୋଇପାରିନଥିବା ଜଣାଯାଇଛି। ୨୦୧୮ ମସିହା ମେ ମାସରେ ରିଜର୍ଭ ବ୍ୟାଙ୍କ୍ ପ୍ରକାଶିତ ଗ୍ରାହକ ବିଶ୍ୱାସ ସର୍ବେକ୍ଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ସଦ୍ୟ ପ୍ରକାଶିତ ଏହି ସର୍ବେକ୍ଷଣରେ ଉଲ୍ଲେଖ ରହିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବାପରେ ସାଧାରଣ ଖାଉଟିଙ୍କ ମଧ୍ୟରେ ନୈରାଶ୍ୟର ମାତ୍ରା କ୍ରମେ ଅଧିକ ହେବାରେ ଲାଗିଛି। ୨୦୧୪ ମସିହା ଜୁନ୍ ମାସରେ ମୋଦିଙ୍କ ସରକାର ଆସିବାର ଏକ ମାସ ପରେ ପ୍ରକାଶିତ ସର୍ଭେ ଏବଂ ବର୍ତ୍ତମାନର ସର୍ଭେକୁ ତୁଳନା କଲେ ଏହା ସ୍ପଷ୍ଟ ଜଣାପଡୁଛି। ଏହି ସର୍ଭେ ଅନୁଯାୟୀ ୪୮ ପ୍ରତିଶତ ଲୋକେ ଅନୁଭବ କରିଛନ୍ତି ସାଧାରଣ ଅର୍ଥନୈତିକ ପରିସ୍ଥିତି ଏଇ ଏକ ବର୍ଷ ତଳୁ ହିଁ ଖରାପ ହେବା ଆରମ୍ଭ କରିଛି। ଅନ୍ୟପକ୍ଷରେ ୩୧.୯ ପ୍ରତିଶତ ଲୋକେ ଜଣାଇଛନ୍ତି ଅର୍ଥନୀତିରେ ସୁଧାର ଆସିବା ଆରମ୍ଭ ହୋଇଛି। ଜୁନ୍ ୨୦୧୪ରେ ପ୍ରତକ୍ରିୟାର ମାତ୍ରା ବିଯୁକ୍ତ ୧୬.୧ ରହିଥିଲା ଯେଉଁଥିରେକି ବର୍ତ୍ତମାନ ସାମାନ୍ୟ ସୁଧାର ଆସିଛି। ଏହି ସଂଖ୍ୟାର ଅର୍ଥ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଭାବିବାକୁ ଆରମ୍ଭ କରିଛନ୍ତି ୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଅର୍ଥନୀତି ନଷ୍ଟ ହେବାରେ ଲାଗିଛି। ଏହି ନୈରାଶ୍ୟ କେବଳ ଅର୍ଥନୀତିରେ ସୀମିତ ହୋଇ ରହିନାହିଁ ଏହା ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ନିଯୁକ୍ତି ପ୍ରସଙ୍ଗରେ ଉପଲବ୍ଧି ଏବଂ ଆଶା ସେହି ସମାନ ଟ୍ରେଣ୍ଡ୍ ହିଁ ଦେଖାଉଛି। ଜୁନ୍ ୨୦୧୪ରେ ହୋଇଥିବା ସର୍ବେକ୍ଷଣରେ ଭାଗ ନେଇଥିବା ଲୋକଙ୍କ ମଧ୍ୟରୁ ୩୦.୮ ପ୍ରତିଶତ ଲୋକ ଭାବୁଥିଲେ ଚାକିରି ବା ନିଯୁକ୍ତି ସ୍ଥିତି ବଦଳିଛି। କିନ୍ତୁ ୩୦.୨ ପ୍ରତିଶତ ଲୋକେ ମତ ଦେଇଥିଲେ ସେମାନେ ଭାବୁଛନ୍ତି ଏହା ନଷ୍ଟ ହୋଇଛି। ଏହି ସର୍ବେକ୍ଷଣର ପ୍ରତିକ୍ରିୟା ମାତ୍ରା ୦.୬ ପ୍ରତିଶତ ପଏଣ୍ଟ ରହିଥିଲା। କିନ୍ତୁ ମେ ୨୦୧୮ ସର୍ବେକ୍ଷଣରେ ପ୍ରତିକ୍ରିୟାର ମାତ୍ରା ବିଯୁକ୍ତ ୧୨.୬ ରହିଥିଲା। ଏଥିରେ ୩୧.୫ ପ୍ରତିଶତ ଲୋକେ ମତ ଦେଇଥିଲେ ନିଯୁକ୍ତି ଜନିତ ପରିସ୍ଥିତିରେ ସୁଧାର ଆସୁଛି କିନ୍ତୁ ୪୪.୧ ପ୍ରତିଶତ ଲୋକେ ମତ ଦେଇଥିଲେ ଏହା କ୍ରମେ ହାତାଶଜନକ ପରିସ୍ଥିତି ଆଡ଼କୁ ଯାଉଛି। ସେହିଭଳି ଖାଉଟି ବିଶ୍ୱସନୀୟତା ୨୪.୮ ପ୍ରତିଶତ ରହିଥିଲା କିନ୍ତୁ ସଦ୍ୟ ପ୍ରକାଶିତ ସର୍ବେକ୍ଷଣରେ ଏହା ୩.୩ ପ୍ରତିଶତ ପଏଣ୍ଟରେ ପହଞ୍ଚିଛି।

# ଆମେରିକା ଠାରୁ ୬ଟି ଆପାଚି ଆଟାକ୍ ହେଲିକପ୍ଟର୍ କିଣିବ ଭାରତ

**ୱାଶିଂଟନ୍ :** ଭାରତକୁ ୬ଟି ଏଏଚ୍-୬୪ ଇ ଆପାଚି ଆଟାକ୍ ହେଲିକପ୍ଟର୍ , ଷ୍ଟିଞ୍ଜର୍ ବ୍ଲକ୍-ଆଇ-୯୨ଏଚ୍ କ୍ଷେପଣାସ୍ତ୍ର ଏବଂ ହେଲଫାୟାର୍ ଲଙ୍ଗ ବୋ' କ୍ଷେପଣାସ୍ତ୍ର, ନାଇଟ୍ ଭିଜନ୍ ସେନ୍ସର୍ସ, ଇର୍ନେସିଆଲ୍ ନାଭିଗେସନ୍ ସିଷ୍ଟମ୍ସ ଓ ଫାୟାର କଣ୍ଟ୍ରୋଲ୍ ରାଡାର୍ସ ଆଦି ଆନୁଷଙ୍ଗିକ ଯୁଦ୍ଧ ସରଞ୍ଜାମ ୯୩ କୋଟି ଡଲାର୍ ବିନିମୟରେ ବିକ୍ରି କରାଯିବା ପ୍ରସ୍ତାବକୁ ଆମେରିକା ସରକାର ଅନୁମୋଦନ ଦେଇଛନ୍ତି। ଟ୍ରମ୍ପ୍ ପ୍ରଶାସନର ଏହି ନିଷ୍ପତ୍ତି ସମ୍ପର୍କରେ ପେଣ୍ଟାଗନ୍ ପକ୍ଷରୁ ଆମେରିକାର କଂଗ୍ରେସକୁ ଅବଗତ କରାଯାଇଛି। ଆସନ୍ତା ମାସରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଆମେରିକାର ପରରାଷ୍ଟ୍ର ବିଭାଗ ସଚିବ ମାଇକ୍ ପୋମ୍ପିଓଙ୍କୁ ଓ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ଆମେରିକାର ପ୍ରତିରକ୍ଷା ସଚିବ ଜେମ୍‌ସ ମାଟିସ୍‌ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତା' ପୂର୍ବରୁ ଟ୍ରମ୍ପ ପ୍ରଶାସନ ଭାରତକୁ ୬ଟି ଏଏଚ୍-୬୪ ଇ ଆପାଚି ଆଟାକ୍ ହେଲିକପ୍ଟର୍, ଷ୍ଟିଞ୍ଜର୍ ଏବଂ ହେଲ୍‌ଫାୟାର୍ କ୍ଷେପଣାସ୍ତ୍ର ବିକ୍ରି ପ୍ରସ୍ତାବକୁ ଅନୁମୋଦନ ଦେଇଥିବାରୁ ଏହି ସଙ୍କେତ ମିଳିଛି ଯେ ସାମରିକ କ୍ଷେତ୍ରରେ ଭାରତ ସହ ସହଯୋଗକୁ ଆମେରିକା ସରକାର ଗୁରୁତ୍ୱ ଦେଉଛନ୍ତି। ଆମେରିକାର କଂଗ୍ରେସରେ ଯଦି କେହି ଭାରତକୁ ୬ଟି ଏଏଚ୍-୬୪ ଇ ଆପାଚି ଆଟାକ୍ ହେଲିକପ୍ଟର୍ , ଷ୍ଟିଞ୍ଜର୍ ଏବଂ ହେଲ୍‌ଫାୟାର୍ କ୍ଷେପଣାସ୍ତ୍ର ବିକ୍ରିର ପ୍ରସ୍ତାବକୁ ବିରୋଧ ନକରନ୍ତି ତେବେ ଏହି ଡିଲ୍ ସୁରୁଖୁରୁରେ ସମ୍ପନ୍ନ ହେବ। ଏଏଚ୍-୬୪ ଇ ଆପାଚି ଆଟାକ୍ ହେଲିକପ୍ଟର୍ ହେଉଛି ଏକ ଅତ୍ୟାଧୁନିକ ତଥା ଅତ୍ୟନ୍ତ ଶକ୍ତିଶାଳୀ ମଲ୍ଟିରୋଲ୍ କମ୍ବାଟ୍ ହେଲିକପ୍ଟର୍। ଆମେରିକୀୟ କମ୍ପାନୀ ଲକହିଡ୍ ମାର୍ଟିନ୍, ଜେନେରାଲ୍ ଇଲେକ୍ଟ୍ରିକ୍ ଓ ରେଥିଅନ୍ ଏହିସବୁ ଯୁଦ୍ଧାସ୍ତ୍ର ଓ ସରଞ୍ଜାମ ନିର୍ମାଣ କରନ୍ତି। ଆସନ୍ତା ୧୦ବର୍ଷରେ ଭାରତ ତାହାର ସେନାର ଆଧୁନିକୀକରଣରେ ଶହଶହ କୋଟି ଡଲାର୍ ବ୍ୟୟ କରିବାକୁ ପ୍ରସ୍ତୁତ ହେଉଛି। ଶତ୍ରୁ ଟାର୍ଗେଟ୍ ଏପରିକି ଶତ୍ରୁ ପକ୍ଷର ସ୍ୟାଟେଲାଇଟ୍ ଧ୍ୱଂସ କରିବାକୁ ହାଇ ଏନର୍ଜି ଲେଜର୍ ଓ ମାଇକ୍ରୋୱେଭ୍ ଭଳି ରିମୋଟ୍ ଚାଳିତ ଦୂର ନିୟନ୍ତ୍ରିତ ଚାଳକବିହୀନ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ ବା ଡିଇଡବ୍ଲ୍ୟୁ ଓ ୪୦୦ରୁ ଅଧିକ ଡ୍ରୋନ୍ ଭାରତୀୟ ସେନା ପାଇଁ ଆସନ୍ତା ୧୦ବର୍ଷ ଭିତରେ କିଣାଯିବା ଦରକାର ହେଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟର 'ଟେକ୍ନୋଲଜି ପ୍ରସପେକ୍ଟିଭ୍ ଆଣ୍ଡ୍ କ୍ୟାପାବିଲିଟି ରୋଡ୍‌ମ୍ୟାପ୍-୨୦୧୮ରେ ଏହା



ଲେଖାଅଛି। ସମ୍ପ୍ରତି ଯୁଦ୍ଧ ବେଳେ ଶତ୍ରୁ ଗତିବିଧିର ରିୟଲ୍ ଟାଇମ୍ ସର୍ଭେଲାନ୍ସ ଓ ଶତ୍ରୁ ପକ୍ଷର ହାଇଭାଲ୍ୟୁ ଟାର୍ଗେଟ୍‌କୁ ଧ୍ୱଂସ କରିବାରେ ଡ୍ରୋନ୍ ହେଉଛି ମୁଖ୍ୟ ସାମର୍ଥ୍ୟବର୍ଦ୍ଧକ ବା ଫୋର୍ସ ମଲ୍ଟିପ୍ଲାୟର୍। ଏବେ ସେନା ପାଖରେ ଲଙ୍ଗରେଞ୍ଜ୍ ସର୍ଭେଲାନ୍ସ ଓ ପ୍ରିସିସନ୍ ଟାର୍ଗେଟିଂ ନିମନ୍ତେ ଇସ୍ରାଏଲରୁ କିଣାଯାଇଥିବା ପ୍ରାୟ ୨୦୦ଟି ଡ୍ରୋନ୍ ରହିଛି। ପୁଣି ସେନା ପାଖରେ ଇସ୍ରାଏଲରୁ କିଣାଯାଇଥିବା କେତୋଟି ହରୋପ୍ କିଲର୍ ବା କାମିକାଜି ଡ୍ରୋନ୍ ରହିଛି ଯାହା କ୍ରୁଜ୍ ମିସାଇଲ୍ ଭଳି ଶତ୍ରୁ ପକ୍ଷର ଟାର୍ଗେଟ୍ ଓ ରାଡାର୍ ଉପରେ ପଡ଼ି ବିସ୍ଫୋରିତ ହୋଇଥାଏ। ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ବା ଡିଆର୍‌ଡିଓ ମଧ୍ୟ ଘାତକ କମ୍ବାଟ୍ ଡ୍ରୋନ୍ ନିର୍ମାଣ ପାଇଁ କାର୍ଯ୍ୟ ଚଳାଇଛି। ଘାତକ କମ୍ବାଟ୍ ଡ୍ରୋନ୍ ପ୍ରକଳ୍ପ ପାଇଁ ଡିଆରଡିଓ ୨୬୫୦ କୋଟି ଟଙ୍କା ବ୍ୟୟ କରିବ। ସେନା ଓ ନୌସେନା ପାଇଁ ୩୦ରୁ ଅଧିକ ସଂଖ୍ୟକ କମ୍ବାଟ୍ ରିମୋଟ୍‌ଲି-ପାଇଲଟେଡ୍ ଏୟାରକ୍ରାଫ୍ଟ ବା ଆର୍‌ପିଏ ଦରକାର ହେଉଛି। ମିଡିୟମ୍-ଅଲଟିଚ୍ୟୁଡ୍ ଲଙ୍ଗ୍-ଏଣ୍ଡୁରାନ୍ସ (ଏମ୍‌ଏଏଲ୍‌ଇ) କମ୍ବାଟ୍ ଆର୍‌ପିଏ ସମୁଦ୍ର ପତ୍ତନର ୩୦,୦୦୦ ଫୁଟ ଉଚ୍ଚତାରେ ୨୪ଘଣ୍ଟା ଯାଏ ଉଡ଼ିପାରିବ ଓ ୨୦ କିଲୋମିଟର ଦୂରରୁ ସ୍ଥଳ ଓ ସମୁଦ୍ରରେ ଥିବା ଟାର୍ଗେଟ୍ ଉପରକୁ ମିସାଇଲ୍ ଫାୟାର୍ କରିପାରିବ। ଡ୍ରୋନ୍ ବ୍ୟତୀତ ସେନା ପାଇଁ ଆଗାମୀ ପିଢ଼ିର ବୁଡ଼ାଜାହାଜ, ଡେଷ୍ଟ୍ରୟର୍ସ, ଫ୍ରିଗେଟ୍‌ସ, ମିସାଇଲ୍, ପଦାତିକ ବାହିନୀ ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ସ୍ୱତନ୍ତ୍ର ଧରଣର ଗୁଳିଗୋଳା ଓ ସିବିଆର୍‌ଏନ୍ ଡିଫେନ୍ସ ସିଷ୍ଟମ୍ ମଧ୍ୟ କିଣାଯିବା ଦରକାର। ସିବିଆର୍‌ଏନ୍ ଡିଫେନ୍ସ ସିଷ୍ଟମ୍ ହେଉଛି କେମିକାଲ୍, ବାୟୋଲଜିକାଲ୍, ରେଡିଓଲଜିକାଲ୍ ଓ ନ୍ୟୁକ୍ଲିୟାର୍ ଡିଫେନ୍ସ ସିଷ୍ଟମ୍। ଏହି ଯୁଦ୍ଧାସ୍ତ୍ର, ଯୁଦ୍ଧ ସରଞ୍ଜାମ ଓ ଉପକରଣଗୁଡ଼ିକ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସରେ ଦେଶ ଭିତରେ ନିର୍ମାଣ ଓ ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯିବ। ବିଦେଶୀ କମ୍ପାନୀମାନେ ଭାରତୀୟ କମ୍ପାନୀ ସହ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରି ପ୍ରତିରକ୍ଷା ସାମଗ୍ରୀ ଓ ଯୁଦ୍ଧାସ୍ତ୍ର ଜ୍ଞାନକୌଶଳ ବିକାଶ, ନିର୍ମାଣ ଓ ଉତ୍ପାଦନ କରିବାକୁ ଆଗ୍ରହୀ ହେଲେ ଭାରତ ସରକାର ସେଥିପାଇଁ ପ୍ରୋତ୍ସାହନ ଦେବେ। ଗତ କିଛି ବର୍ଷ ଭିତରେ ଆମେରିକାଠାରୁ ଭାରତ ସରକାର ସି-୧୭ ପରିବହନ ବିମାନ, ୧୫୫ ଏମ୍‌ଏମ୍ ଲାଇଟ୍ ୱେଟ୍ ଟୋଓଡ୍ ହାୱିଜର୍, ୟୁଜିଏମ୍-୮୪ଏଲ୍ ହାର୍ପୁନ୍ କ୍ଷେପଣାସ୍ତ୍ର, ଗ୍ୟାସ୍ ଟର୍ବାଇନ ଇଞ୍ଜିନ୍ ଆଦି କିଣିଛି। ଏତଦ୍‌ବ୍ୟତୀତ ଆମେରିକାଠାରୁ ଭାରତ ସରକାର କେମିକାଲ୍, ବାୟୋଲଜିକାଲ୍, ରେଡିଓଲଜିକାଲ୍ ଏବଂ ନ୍ୟୁକ୍ଲିୟର୍ ସପୋର୍ଟ ଇକ୍ୱିପମେଣ୍ଟ୍‌ସ ମଧ୍ୟ କିଣିଛନ୍ତି।

## ଆୟୁଷ୍ମାନ ଓ ବିଜୁ ସ୍ୱାସ୍ଥ୍ୟ ଯୋଜନା ବିବାଦ

# କାଳ୍ପନିକ ଦ୍ୱନ୍ଦ୍ୱରେ ରାଜ୍ୟ ସରକାର : ଧର୍ମେନ୍ଦ୍ର




**ଭୁବନେଶ୍ୱର :** ଆୟୁଷ୍ମାନ ଭାରତ ଯୋଜନାକୁ ବିରୋଧ କରି ସାଧାରଣ ଓଡିଆଙ୍କୁ ସୁବିଧା ସ୍ୱାସ୍ଥ୍ୟ ସେବାରୁ ବଂଚିତ ନ କରନ୍ତୁ ରାଜ୍ୟ ସରକାର ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଦାୟିତ୍ୱକୁ ବାଧା ପ୍ରାପ୍ତ କରିବା ପାଇଁ ଆୟୁଷ୍ମାନ ଭାରତ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧ କରୁଛନ୍ତି ଏଥିରୁ ନିବୃତ ରହିବାକୁ ତାଙ୍କୁ ସେ ବିନମ୍ର ନିବେଦନ କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯଦି ଓଡିଆ ଲୋକ ମାନେ ଯେଉଁଥିରୁ ଲାଭ ପାଇବେ ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ବିରୋଧ ନ କରନ୍ତୁ ବୋଲି ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମାର୍ଚ୍ଚ ୨୦୧୭ରେ ଦେଶବାସୀଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ଭାରତ ସରକାର ନୀତିଗତ ନିଷ୍ପତି ନେବା ପରେ ଫେବୃଆରୀ ୨୦୧୮ରେ ଦେଶର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହି ଯୋଜନା ସମ୍ପର୍କରେ ବଜେଟରେ ଘୋଷଣା କରିଥିଲେ । ଆୟୁଷ୍ମାନ ଯୋଜନା ହେଉଛି ବିଶ୍ୱର ସବୁଠୁ ବଡ ସ୍ୱାସ୍ଥ୍ୟ ସେବା ଯୋଜନା ବୋଲି ଆକଳନ କରା ଯାଇଛି। ବିଜେଡି ତରଫରୁ ଭାରତ ସରକାରଙ୍କ ଯୋଜନା ଆସ୍ୟୋରାନ୍ସ ନୁହେଁ ଇନସ୍ୟୁରାନ୍ସ ଆଧାରିତ ହୋଇଥିବାରୁ ଚିକିତ୍ସା ପରେ ଅର୍ଥ ବିଳମ୍ବରେ ହେବା କାରଣରୁ ରାଜ୍ୟ ସରକାର ଏହି ଯୋଜନାରେ ସାମିଲ ହେବାକୁ ଚାହୁଁ ନାହାନ୍ତି ବୋଲି ବିଜେଡି ତରଫରୁ କୁହା ଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବୋଧ ହୁଏ ଓଡିଶା ସରକାରଙ୍କ ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ବ୍ରିଫିଂକୁ ସେ ସଠିକ ଭାବେ ବୁଝି ନାହାନ୍ତି। ଶ୍ରୀ ପ୍ରଧାନ ଓଡିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବାର ମୁଖ୍ୟ ପରାମର୍ଶଦାତା କେ. ଶ୍ରୀନାଥ ରେଡ୍ଡୀ ଲେଖିଥିବା ଏକ ଲେଖାକୁ ଉଦ୍ଧୃତ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ଇନସୁରାନ୍ସ ଛାଡି ଆସ୍ୟୋରାନ୍ସ ବ୍ୟବସ୍ଥା କରିଥିବାରୁ ତାଙ୍କୁ ଧନ୍ୟବାଦ । ମୁଖ୍ୟମନ୍ତ୍ରୀ ଯଦି ତାଙ୍କ ଦ୍ୱାରା ନିଯୁକ୍ତ ତାଙ୍କର ମୁଖ୍ୟ ପରାମର୍ଶଦାତାଙ୍କ କଥା ଶୁଣିଥାନ୍ତେ ତାହେଲେ ଏହି ଯୋଜନାକୁ ବିରୋଧ କରି ନ ଥାନ୍ତେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ୬୧ ଲକ୍ଷ ଏସଇସିସି ତାଲିକାଭୁକ୍ତ ଲୋକଙ୍କ ବଦଳରେ ରାଜ୍ୟ ସରକାର ୭୦ ଲକ୍ଷ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବକ୍ତବ୍ୟକୁ କଟୁ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ। ୬୧ ଲକ୍ଷ ଏସଇସିସି ତାଲିକା କେନ୍ଦ୍ର – ରାଜ୍ୟ ସହମତିରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଏହି ତାଲିକା ଆଧାରରେ ପ୍ରଧାନମନ୍ତ୍ରୀ ଆବାସ, ଉଜ୍ୱଳା ଯୋଜନାର ହିତାଧିକାରୀ ଚୟନ ହେଉଛି। ରାଜ୍ୟ ସରକାର ୭୦ ଲକ୍ଷ ଲୋକଙ୍କୁ ସୁବିଧାର ତାଲିକା କେଉଁ ଆଧାରରେ କହୁଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ପ୍ରଥମେ ଏସଇସିସି ତାଲିକା ପରେ ଦେଶର ସବୁ ବର୍ଗର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବାରେ ସାମିଲ କରିବା ପାଇଁ ମୋଦି ସରକାର ଘୋଷଣା କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଯଦି ରାଜ୍ୟ ସରକାର ଭାରତ ସରକାରଙ୍କ ଏହି ଯୋଜନାରୁ ଓହରି ଯାଏ ତା ହେଲେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଗରୀବ ଓଡିଆ ଲୋକ ମାନେ ସବୁଠାରୁ ଅଧିକ ପ୍ରଭାବିତ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ବିଜେପିର ଅଭିଯୋଗ ଭିତ୍ତିହୀନ : ବିଜେଡି



**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ବିଜେପି ଯେଉଁ ଅଭିଯୋଗ ଆଣୁଛି, ତାହା ସଂପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏହି ଯୋଜନାର କୌଣସି ସଂପର୍କ କେନ୍ଦ୍ର ଦ୍ୱାରା ଘୋଷଣା କରାଯାଇଥିବା ଆୟୁଷ୍ମାନ ଯୋଜନା ସହିତ ନାହିଁ। ଯେଉଁ ଯୋଜନା କେବଳ ଶିରୋନାମାରେ ଘୋଷଣା ହୋଇଛି, କିନ୍ତୁ ତା'ର କାର୍ଯ୍ୟକାରିତା ନେଇ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ତାରିଖ ଘୋଷଣା କରିନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ତରଫରୁ ଏହି ଯୋଜନାକୁ କାର୍ଯ୍ୟକାରିତା ପାଇଁ ଅଗଷ୍ଟ ୧୫ ତାରିଖକୁ ଘୋଷଣା କରାଯାଇଛି। ୨୦୧୪ ନିର୍ବାଚନୀ ଇସ୍ତାହାରରେ ଦଳ ତରଫରୁ ଘୋଷଣା କରାଯାଇଥିଲା ଯେ ବିଜୁ ଜନତା ଦଳ ସରକାରକୁ ଆସିଲେ ଏକ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହିଭଳି ଏକ ଐତିହାସିକ ଘୋଷଣା ୨୦୧୪ ନିର୍ବାଚନୀ ଇସ୍ତାହାରର ଏକ ଅଂଶବିଶେଷ। କେନ୍ଦ୍ର ସରକାର ତାଙ୍କ ଶେଷବେଳକୁ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ଏହିଭଳି ଏକ ଯୋଜନା ହେବ ବୋଲି ଘୋଷଣା କରିଥିଲେ, ଯାହା ତାଙ୍କ ବଜେଟ୍‌ରେ ରୂପାୟନ ଦେଇଥିଲେ। କିନ୍ତୁ କେବେ ହେବ, କେଉଁ ପ୍ରକାର ହେବ ତାହା ଏ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଖରେ ଉପସ୍ଥାପିତ କରିପାରି ନାହାନ୍ତି। ସେତେବେଳେ କେନ୍ଦ୍ର ସରକାର କହୁଥିଲେ ଏଥିରେ ଦେଶର ୫୦ କୋଟି ଜନସାଧାରଣ ଉପକୃତ ହେବେ। ହିସାବକୁ ଦେଖିଲେ ଓଡ଼ିଶାର ୨ କୋଟି ଲୋକେ ଏହି ଯୋଜନାରେ ଉପକୃତ ହୋଇଥାନ୍ତେ।ବର୍ତ୍ତମାନ କେନ୍ଦ୍ରର ଆୟୁଷ୍ମାନ ଯୋଜନା ଓ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭିତରେ ଗୋଟିଏ ମୌଳିକ ପ୍ରାର୍ଥକ୍ୟ ରହିଛି, ଯାହା ଦୁଇଟିଯାକ ଯୋଜନା ଏକାଭଳିଆ ନୁହେଁ। ଆୟୁଷ୍ମାନ ଯୋଜନା ବୀମା ଆଧାରିତ ଯୋଜନା, ଯାହା କେନ୍ଦ୍ର ସରକାର ୬୦ ଭାଗ ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ଏଥିରେ ୪୦ ଭାଗ ଅର୍ଥ ଦେବେ। ହିତାଧିକାରୀଙ୍କୁ ଚୟନ କରିବା, ସର୍ବେକ୍ଷଣ ଭଳି ଯଦି ରାଜ୍ୟର ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣଗୁଡିକୁ ଯୋଡ଼ିବେ, ତେବେ ଏହା ୫୦:୫୦ ଅନୁପାତକୁ ଆସିଯିବ। କେନ୍ଦ୍ର ସରକାର ଅତୀତରେ ଏହିଭଳି ଯୋଜନା ରାଜ୍ୟମାନଙ୍କ କାନ୍ଧ ଉପରେ ରଖି ଯେଉଁ ନିଜର ବାହାବା ନେଇଆସିଛନ୍ତି, ଆୟୁଷ୍ମାନ ଯୋଜନା ତା'ର ଏକ ନମୂନା। ଅପରପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଶ୍ୱାସନା ଭିତ୍ତିକ ଯୋଜନା। ରାଜ୍ୟ ସରକାର ଯେଉଁ ଯୋଜନା କରିଛନ୍ତି, ସେଥିରେ ଜଣେ ନାଗରିକ ସିଧାସଳଖ ଉପକୃତ ହୋଇପାରିବ। ଏଥିରେ କୌଣସି ବୀମା କରିବାକୁ ପଡିବ ନାହିଁ। ଗୋଟିଏ ଯୋଜନାରେ ଜଣେ ହିତାଧିକାରୀ ସିଧାସଳଖ ଉପକୃତ ହେଉଥିବା ବେଳେ ଅନ୍ୟ ଯୋଜନାରେ ବୀମା ମାଧ୍ୟମରେ ଉପକୃତ ହେଉଛି, ଯାହା ଏହି ଦୁଇଟି ଯୋଜନା ମଧ୍ୟରେ ପ୍ରାର୍ଥକ୍ୟ। ଆୟୁଷ୍ମାନ ଯୋଜନା ବିଶେଷତଃ ସାମାଜିକ ଆର୍ଥିକ ଓ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି) ତାଲିକା ଆଧାରରେ ହିତାଧିକାରୀ ଚୟନ ହୋଇ ଉପକୃତ ହେବେ। ଅତୀତରେ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଯୋଜନାକୁ ଏହି ତାଲିକାକୁ ଆଧାର କରି କାର୍ଯ୍ୟକାରୀ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। ଯଦି ୨୦୧୧ ମସିହା ଏସ୍‌ଇସିସି ତାଲିକାକୁ ଅନୁଯାୟୀ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରାଯାଏ, ତେବେ ରାଜ୍ୟର ବହୁ ଜନସାଧାରଣ ଏଥିରୁ ବଞ୍ଚିତ ହେବେ।

# ସୁପ୍ରିମ୍‌କୋର୍ଟଙ୍କ ଆଦେଶ ମାନିବେ ସେବାୟତ

**ପୁରୀ :** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗତ ରବିବାର ଛତିଶାନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦାନ ଦକ୍ଷିଣାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ଅନ୍ତରୀଣ ଆଦେଶ, ନୀତି ନିର୍ଘଣ୍ଟ, ନୀତି ପରିଚାଳନା ଆଦି ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ ଯେ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ଓ ପରଦିନ ଗ୍ରହଣ ନୀତିର ନିର୍ଘଣ୍ଟଣ୍ଟସଂପର୍କରେ ଛତିଶାନିଯୋଗ ବୈଠକରେ ଆଲୋଚନା ହୋଇଥିଲା। ନୀତି ନିର୍ଘର୍ଟକୁ ଛତିଶାନିଯୋଗ ଅନୁମୋଦନ କରିଛି । ସୁପ୍ରିମ୍‌କୋର୍ଟ ଦେଇଥିବା ଅନ୍ତରୀଣ ଆଦେଶ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ନିଯୋଗର କର୍ମକର୍ତ୍ତାମାନେ ସଚେତନ ଅଛନ୍ତି। ଚତିଶା ନିଯୋଗର କର୍ମକର୍ତ୍ତାମାନେ ଶ୍ରୀମନ୍ଦିର ପ୍ରଶାସନ ନେବାକୁ ଯାଉଥିବା ବିଭିନ୍ନ ପଦକ୍ଷେପକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦ ତାରିଖ ସୁଦ୍ଧା ବିଭିନ୍ନ ନିଯୋଗ ଜିଲ୍ଲା ଦୌରାଜଜ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସତ୍ୟପାଠ ଦାଖଲ କରାଯିବ । ଜିଲ୍ଲାଜଜ୍ ଯେଉଁ ତଥ୍ୟ ମାଗିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେବ। ପରିଚାଳନା କମିଟି ସଦସ୍ୟ ତଲୁଛ ନୀଳକଣ୍ଠ ମହାପାତ୍ର କହିଥିଲେ ଯେ ସ୍ନାନଯାତ୍ରା କିଭଳି ଶୃଙ୍ଖଳିତ ହେବ ସେ ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି । ନିଳାଦ୍ରୀବିଜେ ପରଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ନୀତି କିଭଳି ତ୍ୱରାନ୍ୱିତ ହେବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିରର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ କରାଯାଉଥିବା ତିନିଜଣିଆ କମିଟି ଦେଶର ବିଭିନ୍ନ ମନ୍ଦିର ବୁଲି ଆସିବା ପରେ ଜଗନ୍ନାଥ ମନ୍ଦିରକୁ ନେଇ ସେମାନଙ୍କ ମତାମତ ସରକାରଙ୍କୁ ଦେବେ। ଜଗନ୍ନାଥ ମନ୍ଦିର ସଂପୂର୍ଣ୍ଣ ଭିନ୍ନ ହୋଇଥିବାରୁ ବାହାର ମନ୍ଦିରର ରୀତିନୀତି ସହିତ ଶ୍ରୀମନ୍ଦିରର ରୀତିନୀତିର କୌଣସି ସାମଞ୍ଜସ୍ୟ ନାହିଁ ବୋଲତି ସେ କହିଥିଲେ।

## ହକି ବିଶ୍ୱକପ୍ ପୂର୍ବରୁ ଲାଗିବ ୧୦ ହଜାର ଏଲ୍‌ଇଡି ଲାଇଟ୍

# ଝଲସିବ ରାଜଧାନୀ




**ଭୁବନେଶ୍ୱର :** ହକି ବିଶ୍ୱକପ୍ ପୂର୍ବରୁ ରାଜଧାନୀର ଆଲୋକୀକରଣ ୭୮ କିମି ଅଞ୍ଚଳରେ ଲାଗିବ ୧୦ହଜାର ଏଲ୍‌ଇଡି ଲାଇଟ୍ ଲାଗିବ। ୭୮ କିମି ଅଞ୍ଚଳରେ ୧୦ହଜାର ଏଲ୍‌ଇଡି ଲାଇଟ୍ ଲଗାଯିବ। ପୂର୍ବରୁ ୪ହଜାର ଏଲ୍‌ଇଡି ଲାଇଟ୍ ଲାଗି ସାରିଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬ହଜାର ଲାଇଟ୍ ଲାଗିବ। ରାଜଧାନୀର ୬୨ଟି ରାସ୍ତାରେ ଏହି ୬ହଜାର ଏଲ୍‌ଇଡି ଲାଇଟ୍ ଲାଗିବ ବୋଲି ଜଣାଯାଇଛି। ଏଥିପାଇଁ ଟେଣ୍ଡରଧାରୀ ସଂସ୍ଥା ନିଭ୍ ଏନର୍ଜି କାମ ଆରମ୍ଭ କରିଛି। ଅନ୍ଧାରରେ ରହୁଥିବା ରାଜଧାନୀର ବିଭିନ୍ନ ଅଞ୍ଚଳକୁ ଏଥିରେ ପ୍ରାଥମିକତା ଦିଆଯାଇଛି। ପ୍ରତ୍ୟେକ ଲାଇଟ୍‌ପୋଷ୍ଟ୍‌ର ୭୦ୱାଟ୍‌ର ଲାଇଟ୍ ଲାଗିବ। ବିଏମସି ଅଧୀନରେ ଆସୁଥିବା ସମସ୍ତ ଅଞ୍ଚଳରେ ଏହି ଏଲଇଡି ଲାଗିବାକୁ ଥିଲା ବେଳେ ଏଥିପାଇଁ ମାସକୁ ୩୦୯ କିଲୋୱାଟ୍ ଶକ୍ତିକ୍ଷୟ ହେବ। ଫଳରେ ବିଏମ୍‌ସି ଅଞ୍ଚଳର ମାସିକ ବିଦ୍ୟୁତ୍ ବିଲ୍ ମାସିକ ୬ ଲକ୍ଷ ଟଙ୍କା ଆସିବ। ବିଏମ୍‌ସି, ବିଡିଏ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ 'ବିଏସସିଏଲ୍' ତରଫରୁ ହକି ବିଶ୍ୱକପ୍ ପୂର୍ବରୁ ସ୍ମାର୍ଟ ସିଟି ପ୍ରକଳ୍ପର ଅର୍ଦ୍ଧାଧିକ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍, କମନ୍ ପେମେଣ୍ଟ କାର୍ଡ ଓ ରାଜଧାନୀରେ ଶତ ପ୍ରତିଶତ ୱାଇ-ଫାଇ ବ୍ୟବସ୍ଥା ଲାଗୁ କରିବାକୁ ଭୁବନେଶ୍ୱର ତିନିଟି ଯାକ ପୌର ବ୍ୟବସ୍ଥା ବିଏମ୍‌ସି, ବିଡିଏ ଓ 'ବିଏସସିଏଲ୍' ଜୋରଦାର୍ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେହିପରି ସିଟି ବସ୍ ପରିଚାଳନା କରୁଥିବା ବିପିଟିଏସ୍‌ଏଲ୍‌କୁ ମଧ୍ୟ ଏଥିରେ ସାମିଲ୍ କରାଯାଇଛି। ବିଶ୍ୱ କପ୍ ସମୟରେ ୩୦୦ ସିଟି ବସ୍ ଚଳାଚଳ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଅକ୍ଟୋବର ୩୦ ସୁଦ୍ଧା ଶିଶୁଭବନ ଛକରୁ ରାମମନ୍ଦିର ପର୍ଯ୍ୟନ୍ତ ଭୂତଳ କେବୁଲ ବିଛାଯିବ। ଆନ୍ତର୍ଜାତିକ ଖେଳାଳି ଯିବା ଆସିବା ପାଇଁ ୩ଟି ରୁଟ୍ ନିର୍ଦ୍ଧାରିତ କରାଯାଇଛି। କିଟ୍ ଛକରୁ ଲିଙ୍ଗରାଜ ମନ୍ଦିର ଛକ, ଜନତା ମଇଦାନରୁ କଳିଙ୍ଗ ଷ୍ଟାଡ଼ିୟମ୍ ଛକ ସହ ତୃତୀୟରେ ବାଣୀବିହାରରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ରାସ୍ତାକୁ ନିର୍ଦ୍ଧାରିତ କରାଯାଇଛି। ରାଜଧାନୀର ୨୦ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟଟନ ବିଭାଗକୁ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ରାସ୍ତାକଡ଼ରେ ଅଧିକ ପରିମାଣରେ ପବ୍ଲିକ୍ ଟଏଲେଟ୍ ଖୋଲିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ୬୦ଟି ପବ୍ଲିକ୍ ଟଏଲେଟ୍ ଓ ୧୦୦ ୟୁରିନାଲ୍ ନିର୍ମାଣ କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ୩୫୦୦ ସେୟାରିଂ ବାଇ-ସାଇକେଲ୍ ଚଳାଚଳ କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଶ୍ୱକପ୍ ସମୟରେ ପଥ ଉତ୍ସବ, ଏକାମ୍ର ଐତିହ୍ୟ ପଦଯାତ୍ରା, ଲୋକ ନୃତ୍ୟ, ଫିଲ୍ମ ଫେଷ୍ଟିଭାଲ୍ ଆଦି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଲକ୍ଷ୍ୟରଖାଯାଇଛି।

# ମହାରାଷ୍ଟ୍ରରେ ଶାଖା ଖୋଲିବ କିସ୍

**ଭୁବନେଶ୍ୱର :** ଖୁବ୍ ଶୀଘ୍ର ମହାରାଷ୍ଟ୍ରରେ ଖୋଲିବାକୁ ଯାଉଛି କିସ୍‌ମହାରାଷ୍ଟ୍ର ଶାଖା। ଏଥିପାଇଁ ମହାରାଷ୍ଟ୍ର ପାଲଘର ଜିଲ୍ଲା ବିକ୍ରମଗଡ଼ ଅନ୍ତର୍ଗତ ଜମ୍ବା ଗ୍ରାମରେ କିସ୍-ମହାରାଷ୍ଟ୍ର ଶାଖା 'ଲାୟନ୍‌ସ ଚଏସ୍ କିସ୍ ଆବାସିକ ବିଦ୍ୟାଳୟ'ର ଭୂମିପୂଜନ ରବିବାର ଅନୁଷ୍ଠିତ ହୋଇଯାଇଛି। ଲାୟନ୍‌ସ ମୁମ୍ବାଇ ଚଏସ୍ ଫାଉଣ୍ଡେସନ୍ ସହଯୋଗରେ 'ଲାୟନ୍‌ସ ଚଏସ୍ କିସ୍ ଆବାସିକ ବିଦ୍ୟାଳୟ' ନାମରେ କିସ୍‌ର ଏହି ଶାଖା କାର୍ଯ୍ୟ କରିବ। ଲାୟନ୍‌ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସୁନୀଲ ପାଟୋଡ଼ିଆଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ହେବାକୁ ଥିବା କିସ୍-ମହାରାଷ୍ଟ୍ର ଶାଖାର ସମସ୍ତ ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟର ସମସ୍ତ ଖର୍ଚ୍ଚ ଲାୟନ୍‌ସ ମୁମ୍ବାଇ ଚଏସ୍ ଫାଉଣ୍ଡେସନ୍ ବହନ କରିବ। ଏଥିପାଇଁ ପ୍ରାରମ୍ଭିକ ବ୍ୟୟ ଅଟକଳ ୬୦କୋଟି ଟଙ୍କା ରଖାଯାଇଥିବା ବେଳେ ଏହି ଅର୍ଥ ଫାଉଣ୍ଡେସନ୍ ଯୋଗାଇ ଦେବ। ଲାୟନ୍‌ସ ଚଏସ୍ କିସ୍ ଆବାସିକ ବିଦ୍ୟାଳୟରେ ୫ହଜାର ଅବହେଳିତ ଛାତ୍ରଛାତ୍ରୀ ନିଃଶୁଳ୍କ ଗୁଣାତ୍ମକ ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇବେ। ଆସନ୍ତା ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟ କାର୍ଯ୍ୟ କରିବା ଲକ୍ଷ୍ୟ ରଖାଯାଇଛି। ପାଲଘର ଜିଲ୍ଲା ଜନଜାତି ଅଧ୍ୟୁଷିତ ହୋଇଥିବା ବେଳେ ଏଠାରେ ଜନଜାତି ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପାଲଘର ଜିଲ୍ଲାର ଜମ୍ବା ଗ୍ରାମରେ ଲାୟନ୍‌ସ ଚଏସ୍ କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ କିସ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସାଂସଦ ଡ.ଅଚ୍ୟୁତ ସାମନ୍ତ କହିଛନ୍ତି, ଗତ ୫ବର୍ଷ ହେଲା ମହାରାଷ୍ଟ୍ରର ଜନଜାତି ତଥା ଅବହେଳିତ ପିଲାମାନଙ୍କ ପାଇଁ ସେଠାରେ କିସ୍‌ର ଏକ ଶାଖା ଖୋଲିବା ପାଇଁ ଚିନ୍ତା କରିଆସୁଥିଲି। ଏଥିପାଇଁ ଉଦ୍ୟମ ଜାରି ରଖିଥିଲି ତାହା ଆଜି ଫଳବତୀ ହୋଇଛି। କିସ୍-ମହାରାଷ୍ଟ୍ର ଶାଖା ଖୋଲିବାରେ ଲାୟନ୍‌ସ ମୁମ୍ବାଇ ଚଏସ୍ ଫାଉଣ୍ଡେସନ୍, ବିଶେଷ କରି ଲାୟନ୍‌ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସୁନୀଲ ପାଟୋଡ଼ିଆଙ୍କ ଯଥେଷ୍ଟ ସହଯୋଗ ରହିଛି। ଏଥିପାଇଁ ଡ. ସାମନ୍ତ ଲାୟନ୍‌ସ ମୁମ୍ବାଇ ଚଏସ୍ ଫାଉଣ୍ଡେସନ୍ ଓ ଶ୍ରୀ ପାଟୋଡ଼ିଆଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଡ. ସାମନ୍ତଙ୍କ ଦ୍ୱାରା ଲାୟନ୍‌ସ କ୍ଲବ ଅଫ୍ ହେରିଟେଜ୍ ଗାଲାକ୍ସି ଓ ଲିଓ କ୍ଲବ୍ ଅଫ୍ ହେରିଟେଜ୍ ଗାଲାକ୍ସି ପକ୍ଷରୁ ଭରତକ ଆଶାହତ ଗ୍ରାମରେ ନିର୍ମିତ ଗୋଷ୍ଠୀ ଶୌଚାଳୟ କମ୍ପ୍ଲେକ୍ସ ଉଦ୍‌ଘାଟନ କରାଯାଇଥିଲା। ସେହିପରି ଡ. ସାମନ୍ତ ମୁମ୍ବାଇଠାରେ ଶ୍ରୀ ଭଗବତ ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଅପ୍ରତିମ ଭାରତ' ପୁସ୍ତକର ଉନ୍ମୋଚନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନିରବତା କଳାପାହାଡ ମାନସିକତାର ପରିଚୟ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରବତା କଳାପାହାଡ଼ ମାନସିକତାର ପରିଚୟ ବୋଲି ଟ୍ୱିଟ୍ କରି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ରତ୍ନଭଣ୍ଡାର ସୁରକ୍ଷା ନେଇ ଓଡ଼ିଆ ଜାତି ବିବ୍ରତ ଥିଲା ବେଳେ ମୁଖ୍ୟମନ୍ତ୍ରୀ ନିରବତା ଅବଲମ୍ବନ କରିଛନ୍ତି। ଗତ ଅପ୍ରେଲ୍ ୪ରେ ରତ୍ନଭଣ୍ଡାର ସୁରକ୍ଷା ଯାଞ୍ଚ ଦିନ ଠାରୁ ଚାବି ହଜିବା ସରକାରଙ୍କୁ ନଜରକୁ ଆସିବା ବେଳେ ଘଟଣାକୁ ଦୀର୍ଘ ଦିନ ଧରି ଲୁଚାଯାଇଥିଲା କାହିଁକି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱରୁ ଅବ୍ୟାହତି ପରେ ଡୁପ୍ଲିକେଟ୍ ଚାବି ମିଳିବା ଲୋକଙ୍କୁ ଆହୁରି ସନ୍ଦେହ ଘେରକୁ ଟାଣିଛି। ରତ୍ନ ଭଣ୍ଡାର ଚାବି ନେଇ ଆଇନ ମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳଙ୍କ ବୟାନରେ ତାଳମେଳ ନରହିବା ରାଜ୍ୟବାସୀଙ୍କ ମନରେ ଆହୁରି ସନ୍ଦେହ ସୃଷ୍ଟି କରିଛି। ଗତ ଏପ୍ରିଲ ୪ ରତ୍ନଭଣ୍ଡାର ଯାଞ୍ଚ ପର ଠାରୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି। ଛୋଟମୋଟ ଘଟଣାରେ ମୁଖ୍ୟମନ୍ତ୍ରୀ ବୟାନ ରଖୁଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରେ ଚୁପ୍ ରହିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ରତ୍ନ ଭଣ୍ଡାର ଚାବି ନେଇ ଆଇନ ମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳଙ୍କ ବୟାନରେ ତାଳମେଳ ନରହିବା ଜନସାଧାରଣଙ୍କ ମନରେ ଆହୁରି ସନ୍ଦେହ ସୃଷ୍ଟି କରିଛି। ମନ୍ଦିର ପରିଚାଳନା କମିଟିର ମିନିଟ୍ସରେ ୧୯୭୦ ମସିହାରୁ ଆଜି ପର୍ଯ୍ୟନ୍ତ ଭିତର ଭଣ୍ଡାର ଘର ଚାବି ଜମା ନରହିବା କିମ୍ବା ପରବର୍ତ୍ତୀ ସମୟରେ ଭିତର ଭଣ୍ଡାର ଖୋଲାଯିବା ସମୟରେ ଟ୍ରେଜେରୀରୁ ଚାବି ଅଣାଯିବାର କୌଣସି ପ୍ରମାଣ ନାହିଁ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ମାତ୍ର ୧୯୭୦ ମସିହାରୁ ଯଦି ଟ୍ରେଜେରୀରେ ଚାବି ନାହିଁ, ତେବେ ୧୯୭୮ ଓ ୧୯୮୫ରେ କେଉଁଠୁ ଚାବି ଆଣି ଭଣ୍ଡାର ଖୋଲାଯାଇଥିଲା, ତାହା ସନ୍ଦେହକୁ ତୀବ୍ର କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀମନ୍ଦିର ସମ୍ପତ୍ତି ସଙ୍କଟରେ ଥିବା ନେଇ ଲୋକେ ବିବ୍ରତ ଥିଲା ବେଳେ ମୁଖ୍ୟମନ୍ତ୍ରୀ କେବେ ଉତ୍ତର ଦେବେ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍‌ରେ କହିଛନ୍ତି।

# ଜରିମାନା ଖିଲାପୀ ଖଣି ବିରୁଦ୍ଧରେ ରାଜ୍ୟ ସରକାରଙ୍କ କଠୋର ଆଭିମୁଖ୍ୟ



**ଭୁବନେଶ୍ୱର :** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜୋରିମାନା ଦାଖଲ କରିନଥିବା ଖିଲାପୀ ଖଣି କମ୍ପାନୀଗୁଡ଼ିକ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି ରାଜ୍ୟ ସରକାର। ଧାର୍ଯ୍ୟ ଜୋରିମାନା ପୈଠ କରିନଥିବା ଖଣି କମ୍ପାନୀଗୁଡ଼ିକ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଆର.କେ.ଶର୍ମା ଏହି ଦୁଇ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜୋରିମାନା ପୈଠ କରିନଥିବା ଖଣିକମ୍ପାନୀଗୁଡ଼ିକର ସମ୍ପତ୍ତି ଚିହ୍ନଟ ପାଇଁ ଆରମ୍ଭ ହୋଇଥିବା ସାର୍ଟିଫିକେଟ୍ କେସ୍‌ର ସ୍ଥିତାବସ୍ଥା ଜାଣିବାକୁ ଚାହିଁଛନ୍ତି। ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକର ବିସ୍ତୃତ ବିବରଣୀ ଓ ଖିଲାପୀ ଖଣି ଲିଜ୍‌ଧାରୀଙ୍କ ବିରୁଦ୍ଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏପର୍ଯ୍ୟନ୍ତ ଜିଲ୍ଲାପାଳମାନେ ଖଣି ବିଭାଗକୁ ସୂଚନା ଦେଇନଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅତ୍ୟଧିକ ଖଣିଜ ସାମଗ୍ରୀ ଖନନ ମାମଲାରେ ୨୦୧୭ ଅଗଷ୍ଟ ମାସ ୨ତାରିଖରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ରାଜ୍ୟ ସରକାର ୧୩୧ଟି ଲୁହାପଥର ଓ ମାଙ୍ଗନିଜ ଖଣି ଲିଜ୍‌ଧାରୀଙ୍କୁ ୧୭,୫୭୬ କୋଟି ଟଙ୍କାର ଜୋରିମାନା ପୈଠ ପାଇଁ ନୋଟିସ୍ ଜାରି କରିଥିଲେ। ପରିବେଶ ଅନୁମତିକୁ ଉଲ୍ଲଙ୍ଘନ କରି ଖଣି ଖନନ କରିଥିବାରୁ ଏହି କମ୍ପାନୀଗୁଡ଼ିକୁ ନୋଟିସ୍ ଜାରି ହୋଇଥିଲା। ଡିସେମ୍ବର ୩୧ ତାରିଖ ସୁଦ୍ଧା ଜୋରିମାନା ପୈଠ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଧାର୍ଯ୍ୟ ଅବଧି ମଧ୍ୟରେ ସମସ୍ତ ଖଣି ଲିଜ୍‌ଧାରୀ ଆବଶ୍ୟକ ଜୋରିମାନା ଦାଖଲ କରିବାରେ ସକ୍ଷମ ହୋଇନଥିଲେ। ଫଳରେ ରାଜ୍ୟ ସରକାର ବାର୍ଷିକ ୨୩ଲକ୍ଷ ଟନ୍ ଉତ୍ପାଦନ କରୁଥିବା ୭ଟି ଲୁହାପଥର ଖଣିକୁ ବନ୍ଦ କରିଦେଇଥିଲେ। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ଲିଜ୍‌ଧାରୀ ଖଣି କମ୍ପାନୀଗୁଡ଼ିକ ୧୨ ପ୍ରତିଶତ ସୁଧରେ ଧାର୍ଯ୍ୟ ଜୋରିମାନା ଦାଖଲ କରିଥିଲେ। ଏହାପରେ ରାଜ୍ୟ ସରକାର ସମ୍ପୃକ୍ତ ଖଣି ଲିଜ୍‌ଧାରୀଙ୍କୁ ପୁନଃ ଖଣି ଖନନ ପାଇଁ ଅନୁମତି ମିଳିଥିଲା। ତେବେ ଯେଉଁ ୫୬ଟି ଲିଜ୍‌ଧାରୀ କମ୍ପାନୀ ଧାର୍ଯ୍ୟ ଜୋରିମାନା ଦାଖଲ କରିନଥିଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ନିଷ୍ପତ୍ତି ନେଇଥିଲା। ଏପରିକି ସେମାନଙ୍କର ସମ୍ପତ୍ତି ବ୍ୟାଜାପ୍ତି ସହ ବ୍ୟାଙ୍କ ଆକାଉଣ୍ଟ୍ ସିଜ୍ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ସାଢ଼େ ୪ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲାପାଳମାନେ ଏନେଇ ବିସ୍ତୃତ ସ୍ଥିତାବସ୍ଥା ରିପୋର୍ଟ ଖଣି ବିଭାଗରେ ଦାଖଲ କରିନଥିବା ଜଣାପଡ଼ିଛି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ ଜୁନ - ୨୪ ଜୁନ, ୨୦୧୮

# କମି ନଯାଉ ଦରଦ

ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ ମଣିଷ ଦେହମନ ଜାଳି ଦେଉଥିଲା ବେଳେ ଆଷାଢ଼ ଆକାଶର ମେଘମହ୍ଲାରକୁ ଅପେକ୍ଷା କରିବାକୁ ପଡେ। ଯଦିଓ ଚଳିତ ବର୍ଷ ଖରା ତାତି ଅଧିକ ଥିଲା ତଥାପି କାଳବୈଶାଖୀ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ବର୍ଷା ହୋଇଥିଲା। ଯେଉଁଥିପାଇଁ ରୌଦ୍ରତାପର ଅସହ୍ୟତା ଜଣାପଡିଲାନାହିଁ। ତଥାପି ପ୍ରଚଣ୍ଡ ଗୁଳୁଗୁଳି ସାଙ୍ଗକୁ ଅଧିକାଂଶ ସମୟ ବିଜୁଳିକାଟ୍ ଜନମାନସକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଏହାରି ଭିତରେ ଆମ ରାଜ୍ୟରେ କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଗ ଭଲ ରହିବା ଯୋଗୁ ଗାଁଠୁ ସହର ପର୍ଯ୍ୟନ୍ତ ସମସ୍ତେ ଏହାର ମଜା ଉଠାଇଥିଲେ। ଘରେ ଘରେ ପୋଡପିଠା ଓ ମିଠାପାନର ମହକ ସହିତ ଦୋଳି ଖେଳାଯାଇଥିଲା। ରାଜଧାନୀର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ରଜ ଉତ୍ସବକୁ ବିଶେଷ ଭାବେ ଆୟୋଜିତ କରିଥିଲେ। ଯେଉଁଠାରେ ରଙ୍ଗୀନ ଦୋଳିର ଆକର୍ଷଣ ଓ ପିଠାପଣାର ସମ୍ଭାର ସମସ୍ତଙ୍କ ମନରେ ଆନନ୍ଦ ଭରି ଦେଇଥିଲା। ହେଲେ ମାତ୍ର ଆଉ ଦିନ କେଇଟା ପରେ ଆଷାଢ଼ ଆକାଶରେ ମେଘମହ୍ଲାର। କୃଷି ପ୍ରଧାନ ଓଡ଼ିଶାର ଚାଷୀଙ୍କ ମନରେ ଜାଗି ଉଠିବ ନବ ପୁଲକ। ପୌଷ ଓ ମାଘ ମାସରେ ଧାନ କଟା ସରିଯିବା ପରେ କୃଷି କାର୍ଯ୍ୟରୁ କିଛିଦିନ ଅବସର ମିଳେ। ତା'ରି ଭିତରେ ଦୋଳ ଓ ରଜପର୍ବ ଭଳି ଉତ୍ସବ ମୁଖର ଦିନ ଗୁଡିକ କେମିତି କେଜାଣି ବିତିଯାଏ। ପୁଣି ଚଷା ମୁଣ୍ଡରେ ବରଷକର ଚିନ୍ତା। ସାରା ରାଜ୍ୟରେ ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମୁଠି ଅନୁକୂଳ ହୋଇଥାଏ। ଯେଉଁଦିନ ଚଷାପୁଅ ଅତ୍ୟନ୍ତ ନିଷ୍ଠା ଓ ପବିତ୍ରତାର ସହ ନିଜ କ୍ଷେତରେ ହଳ କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହାପରେ ଅପେକ୍ଷାଥାଏ ବର୍ଷାକୁ। ମୌସୁମୀ ପ୍ରବାହର ଆଗମନ ହେଲେ ଶୁଷ୍କ ପଡିଥିବା କ୍ଷେତ ଗୁଡିକରେ ଟିକିଟିକି ଘାସର ସବୁଜିମା ଗୋଟେ ଗାଲିଚା ପରି ବିଛେଇ ହୋଇଯାଏ। ନବ ଉନ୍ମାଦନା ନେଇ ଚଷାପୁଅ ପାଗ ଅନୁସାରେ ଚାଷ କାର୍ଯ୍ୟ ଆରମ୍ଭ କରେ। ଯେଉଁ ସନ ପାଣିପାଗ ଠିକ୍ ରହେ ସେଥର ଫସଲ ଭଲ ଅମଳ ହେବାର ଆଶା ଜାଗିଉଠେ ଚାଷୀ ମନରେ। କଥାରେ ଅଛି 'ଚାଷ ଅଛି ଯାହାର କେଡେ ସୁଖ ତାହାର'। କାରଣ ଆଗରୁ ଗ୍ରାମାଞ୍ଚଳରେ କୃଷି ବ୍ୟତୀତ ଅନ୍ୟ କୌଣସି ବେଉସା ପ୍ରତି ଲୋକଙ୍କ ଆଗ୍ରହ ନଥିଲା। କାଁ ଭାଁ ଲୋକ ଶିକ୍ଷିତ ହେଉଥିଲା ବେଳେ ଅଧିକାଂଶ ଏହି କୃଷି କାର୍ଯ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। କୃଷିରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରି ସେଥିରୁ ଯାହା ଆୟ ହେଉଥିଲା ସେଇଥିରେ ପରିବାର ସଦସ୍ୟଙ୍କ ପାଇଁ ବସନ, ଭୂଷଣ କ୍ରୟ କରାଯିବା ସହିତ ବିବାହ ଉତ୍ସବ ଇତ୍ୟାଦିରେ ଖର୍ଚ୍ଚ କରାଯାଉଥିଲା। ସମ୍ବଳ ଅନୁସାରେ ଏହି କାର୍ଯ୍ୟ ଅତ୍ୟନ୍ତ ଆତ୍ମୀୟତାର ସହିତ ସମ୍ପାଦିତ ହେଉଥିଲା ବେଳେ ବର୍ତ୍ତମାନ ଆଧୁନିକତାର ଛାପରେ ଏଥିରେ ବହୁତ ପରିବର୍ତ୍ତନ ଘଟିଛି। ଏବେ କୃଷି ଆଉ ମୁଖ୍ୟ ଆୟର ପନ୍ଥା ହୋଇ ରହିନାହିଁ। ଲୋକେ ଶିକ୍ଷିତ ହେବା ଫଳରେ ଚାକିରି ବାକିରି ତଥା ଅନେକ ପ୍ରକାର ଧନ୍ଦା କରି ପରିବାର ପାଇଁ ଉପାର୍ଜନ କରୁଛନ୍ତି। ବସ୍ତୁବାଦର ପ୍ରଭାବ ବଢ଼ିବା ଫଳରେ ଲୋକେ ଆଗପରି ଆତ୍ମୀୟତା ଦେଖାଇବା ବଦଳରେ ଲୋକ ଦେଖାଣିଆ ସମ୍ପର୍କ ଉପରେ ଭରସା କରୁଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ମାନସିକତା ଦେଖାଦେଇଛି। ପାଖ ପଡିଶା ଓ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ଏଭଳି ମାନସିକତା ସୃଷ୍ଟି ହୋଇଛି ଯେ, କେହି କାହାର ଭଲ ଦେଖିପାରୁ ନାହାନ୍ତି। ସତେଯେମିତି ନିଜେ ଭଲରେ ରହି ନିଜ ପିଲାଛୁଆଙ୍କୁ ଅଧିକ ଭଲରେ ରଖିବା ପାଇଁ ଉଚିତ୍ ମଣୁଛନ୍ତି। ଅନ୍ୟର ସୁଖଦୁଃଖରେ ଭାଗୀଦାର ହେବାକୁ କାହା ପାଖରେ ଯେମିତି ସମୟ ନାହିଁ। ସମୟ ନାହିଁ କହିଲେ ଏହା ଏକ ବାହାନା ମାତ୍ର। ବାସ୍ତବରେ ଦେଖିଲେ ଏଥିପାଇଁ କାହାର ଆନ୍ତରିକତା ନଥିବା ଜଣାପଡେ। ପୁଞ୍ଜିପତି ହେବାର ମାନସିକତା ଯୋଗୁଁ ଆଜିକାଲି ସମ୍ପର୍କର ପରିଭାଷା ମଧ୍ୟ ଭିନ୍ନ ପରିଦୃଷ୍ଟ ହୁଏ। ଆଚରଣ ଓ ଉଚ୍ଚାରଣର ଭିନ୍ନତା ଯୋଗୁଁ ସମ୍ପର୍କ ମଝିରେ ଏକ ବିରାଟ ପ୍ରାଚୀର ଦେଖାଦେଉଛି। ଯେଉଁ ପ୍ରାଚୀର ଡେଇଁ ଜଣେ ନିହାତି ନିଜର ଲୋକ ସହିତ ଖୋଲା ମନରେ କଥା ହୋଇପାରିବନାହିଁ କିମ୍ବା ନିଜର ଦୁଃଖ ଜଣାଇ ପାରିବନାହିଁ। ଏହା କେବଳ ସହରାଞ୍ଚଳର ସମସ୍ୟା ନୁହେଁ ବରଂ ଗାଁ ଗହଳିରେ ଏଭଳି ମାନସିକତା ଦେଖାଦେବା ଫଳରେ ପୂର୍ବଭଳି ଭାଇଚାରା ରହିପାରୁନାହିଁ। ପ୍ରତ୍ୟେକ କଥାରେ ଜଣେ ଜଣକୁ ଆରୋପ ପ୍ରତ୍ୟାରୋପ କରୁଛି ସିନା ସମାଧାନ ପାଇଁ ଯେଉଭଳି ପନ୍ଥା ଗ୍ରହଣ କରିବା କଥା ତାହା ହୋଇପାରୁନି। ବସ୍ତୁବାଦର ସଂକ୍ରମଣ ସମସ୍ତଙ୍କୁ ଯେମିତି ନିଜ କବଳରେ ଆକ୍ରାନ୍ତ କରି ରଖିଛି। ମଣିଷ ଯେତେ ଶିକ୍ଷିତ ଓ ବୁଦ୍ଧିମାନ ହୋଇଥିଲେ ବି ଏଥିରୁ ମୁକୁଳି ପାରୁନାହିଁ। ଯେଉଁଥିପାଇଁ ମଣିଷ-ମଣିଷ ମଧ୍ୟରେ ଦୂରତା ବୃଦ୍ଧି ପାଇଚାଲିଛି।



ସମ୍ପାଦକୀୟ
ତାରକ ମହାନ୍ତି

ପର୍ବ ପର୍ବାଣୀ ଓ ଯାନିଯାତ୍ରା ସମୟରେ ଏହାର ପ୍ରଭାବ ମଧ୍ୟ ରହିଛି। ଯେଉଁଥିପାଇଁ ଏ ଘରର ପିଠାପଣା ସେ ଘରର ଲୋକ ଖାଇବାକୁ ଉଚିତ୍ ମଣୁନାହିଁ। ବହୁ କୁଟୁମ୍ବୀ ପରିବାର ଲୋପ ପାଇ ଆସୁଥିଲା ବେଳେ କେହି କେବେ ଏ ସମ୍ପର୍କରେ ଚିନ୍ତା କରନ୍ତି ନାହିଁ। ସ୍ୱଳ୍ପ ସଦସ୍ୟଙ୍କୁ ନେଇ ସ୍ୱଚ୍ଛନ୍ଦରେ ବିଳାସବ୍ୟସନ ଭିତରେ ବୁଡି ରହିବା ପାଇଁ ସମସ୍ତଙ୍କର ଯେମିତି ଇଚ୍ଛା ଜାଗ୍ରତ ହୋଇଛି। ଏଭଳି ମାନସିକତା ବୃଦ୍ଧି ପାଇବା ଫଳରେ ସାମାଜିକ ସମ୍ପର୍କ ତିକ୍ତତା ଦେଇ ଗତି କରୁଛି। ପରସ୍ପର ମଧ୍ୟରେ ସହଭାଗୀତା କମିଯିବା ଫଳରେ ସବଳଟିଏ ଦୁର୍ବଳ ଉପରେ ନିଜର ବଡଲୋକି ପଣିଆ ଜାହିର କରିବାକୁ ପଛାଉ ନାହିଁ। ଯେଉଁଥିପାଇଁ ମଣିଷ-ମଣିଷ ମଧ୍ୟରେ ତାରତମ୍ୟ ବୃଦ୍ଧି ପାଉଛି। କେତେକ ସ୍ଥଳେ ମଣିଷର ଏହି ଖରାପ ଗୁଣ ଯୋଗୁ ଶବ ବାହକ ହେବା ପାଇଁ ଲୋକଟିଏ ଯୋଗାଡ କରିବା ମଧ୍ୟ କଷ୍ଟକର ହେଲାଣି। ପ୍ରତ୍ୟେକ କାର୍ଯ୍ୟରେ ଆନ୍ତରିକତା ଦେଖାଇବା ଅପେକ୍ଷା ଅର୍ଥ ବଳରେ ଏହା କିପରି କରାଯାଇପାରିବ ସେଥିପାଇଁ ଅହରହ ଉଦ୍ୟମ ହେଉଛି। ପରିଣାମ ସ୍ୱରୂପ ଅର୍ଥହୀନ ଲୋକ ମଧ୍ୟ ଅର୍ଥ ଥିବା ଲୋକ ପ୍ରତି ନିଜର ସମ୍ମାନ ଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ହେୟଜ୍ଞାନ କରୁଛି। ପୂର୍ବେ ଗୁରୁଜନ ଓ ଲଘୁଜନଙ୍କ ମଧ୍ୟରେ ଯେଉଭଳି ଆନ୍ତରିକତା ଦେଖାଯାଉଥିଲା ତାହା ଏବେ ପ୍ରାୟ ଦେଖାଯାଉନାହିଁ। ମାନସିକତା ଏଭଳି ହୋଇଛି ଯେ, କେହି କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ପରିବାର ହେଉ କି ରାଜନୈତିକ କ୍ଷେତ୍ର ହେଉ ଗୁଣବାନ ଲୋକ ଯେତିକି ସମ୍ମାନ ପାଇବା କଥା ତାହା ପାଇପାରୁନାହିଁ। କାରଣ କେହି କାହାକୁ କମ ବୋଲି ନିଜକୁ ଭାବୁ ନାହାନ୍ତି। ସମାଜରେ ନୀତି, ଆଦର୍ଶ ଓ ଗୁଣବତ୍ତାର ଆଧିପତ୍ୟ ସତେଯେମିତି କମି କମି ଆସୁଥିବାର ଅନୁଭବ ହୁଏ। ତେଣୁ ମୁଣ୍ଡଝାଳ ତୁଣ୍ଡରେ ମାରୁଥିବା କୃଷକ ପ୍ରତି ଆଧୁନିକ ମଣିଷ ଦରଦ ନଥିବା ଜଣାପଡେ। ଯେଉଁ କୃଷକର ମେହେନତରେ ଆମର ବଞ୍ଚିବା ପାଇଁ ଆହର ସଂଗ୍ରହ ହୋଇପାରୁଛି ତା'ର ଦୁଃଖ ଦରଦ ପ୍ରତି ବିଚାରଶୀଳ ହେବା ସମସ୍ତଙ୍କର କର୍ତ୍ତବ୍ୟ ହୋଇଥିଲେ ବି ଏକଥାକୁ ଗ୍ରହଣ କରିବା ସ୍ଥିତିରେ କେହି ନାହାନ୍ତି। ବରଂ ସବୁକଥା ସରକାରଙ୍କ ଉପରେ ଛାଡିଦେଇ ସମସ୍ତେ ଯେମିତି ନିଶ୍ଚିତରେ ରହୁଛନ୍ତି ତାହା ଆଗକୁ ଆହୁରି ବିପଦ ସୃଷ୍ଟି କରିପାରେ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆୟୁଷ୍ମାନ ଭାରତ ବନାମ ବିଜୁ ସ୍ୱାସ୍ଥ୍ୟ ସେବା



ଡାକ୍ତର ନୀଳମାଧବ ପୃଷ୍ଟି

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଲଢ଼େଇ। କେନ୍ଦ୍ର ସରକାର ଭାରତବର୍ଷର ଶହେ ନିୟୁତ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବାକୁ ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କରିବାକୁ ଯାଉଥିବାବେଳେ ଓଡ଼ିଶା ଏଥିରୁ ନିଜକୁ ଦୂରେଇଛି। ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ସହ ବୁଝାମଣା ପତ୍ର ବା ଏମଓୟୁ କରିବାକୁ ଓଡ଼ିଶା ରାଜି ହୋଇନି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ସୂଚନା ଅନୁସାରେ ଗୁରୁବାର ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେବା ପାଇଁ ୬ଟି ରାଜ୍ୟ ସରକାର ଏମଓୟୁ କରିବାକୁ ଯାଉଛନ୍ତି। ସେଥିମଧ୍ୟରେ ରହିଛି ଗୁଜୁରାଟ, ଉତ୍ତରପ୍ରଦେଶ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ। ତେବେ ୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହେବା ନେଇ ସମ୍ମତି ଦେଇନାହାନ୍ତି। ସେଥିମଧ୍ୟରେ ରହିଛନ୍ତି ଓଡ଼ିଶା ଏବଂ ପଶ୍ଚିମବଙ୍ଗ। ପୂର୍ବରୁ ୧୨ଟି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଏହି ଯୋଜନାରେ ଏମଓୟୁ କରିସାରିଛନ୍ତି। ଅଣବିଜେପି ଶାସିତ ରାଜ୍ୟ କେରଳ ପ୍ରଥମେ ଅରାଜି ହୋଇଥିବାବେଳେ ପରବର୍ତ୍ତୀ ସମୟରେ ରାଜି ହୋଇସାରିଛି। ଦିଲ୍ଲୀ ଓ ପଞ୍ଜାବ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସହ ରହିଛନ୍ତି। ଅର୍ଥାତ ଏହି ଦୁଇ ରାଜ୍ୟ ଆୟୁଷ୍ମାନ ଭାରତରେ କେନ୍ଦ୍ର ସହ ଯୋଡ଼ି ହେଉନାହାନ୍ତି। ଦିଲ୍ଲୀ ସରକାର ନିଜସ୍ୱ ଯୋଜନା କରିବାକୁ ଯାଉଥିବା ବେଳେ ପଞ୍ଜାବ ସରକାର ନିଜସ୍ୱ ଯୋଜନା କରିସାରିଛନ୍ତି। ଏପଟେ ଓଡ଼ିଶା ସରକାର ମଙ୍ଗଳବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଘୋଷଣା କରିସାରିଛନ୍ତି। କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଭାରତ ଯୋଜନା ଅନୁଯାୟୀ ପ୍ରତ୍ୟେକ ବର୍ଷ ପ୍ରତି ପରିବାରକୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ସହାୟତା ପ୍ରଦାନ କରାଯିବ।

ସେହିପରି ଦେଶର ପ୍ରାୟ ୧୨ ହଜାର ହସ୍ପିଟାଲରେ ଏହି ଯୋଜନା ରହିବ ଓ କୌଣସି ରୋଗୀଙ୍କୁ ଚିକିତ୍ସା ପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବନାହିଁ। ସାମାଜିକ ଓ ଅର୍ଥନୈତିକ ଜନଗଣନା ଆଧାରରେ କେନ୍ଦ୍ର ସରକାର ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଉଭୟ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ରୋଗୀମାନେ ଏହି ସୁବିଧା ପାଇପାରିବେ। ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଯୋଜନା ବୋଲି କେନ୍ଦ୍ର ସରକାର ଏହାକୁ ଅଭିହିତ କରିଛନ୍ତି। ଆୟୁଷ୍ମାନ ଭାରତକୁ ଜବାବ ଦେଇ ରାଜ୍ୟ ସରକାର କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ସମାନ ବ୍ୟବସ୍ଥା ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁଯାୟୀ ରାଜ୍ୟର ୭୦ ଲକ୍ଷରୁ ଅଧିକ ପରିବାରକୁ ବାର୍ଷିକ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ସହାୟତା ମିଳିବ। ଅର୍ଥାତ ସରକାରୀ ହସ୍ପିଟାଲରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଏହାଛଡ଼ା ରାଜ୍ୟ ସରକାର ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ମିଶନ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ମଧ୍ୟ ଘୋଷଣା କରିଛନ୍ତି। ରାଜ୍ୟ ସରକାର ସଂପୂର୍ଣ୍ଣା କାର୍ଯ୍ୟକ୍ରମ ଅଧିନରେ ଗର୍ଭବତୀ ମହିଳା ଓ ଏକ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁଙ୍କୁ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପରେ ଘରକୁ ଫେରିବା ଲାଗି ୫ଶହ ଟଙ୍କାର ଖର୍ଚ୍ଚ ମଧ୍ୟ ଘୋଷଣା କରିଛନ୍ତି। ଏହି ଟଙ୍କା ଉପଭୋକ୍ତାଙ୍କ ବ୍ୟାଙ୍କଖାତାରେ ସିଧାସଳଖ ଜମା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହିସବୁ ଘୋଷଣା କରି କେନ୍ଦ୍ର ସରକାରଙ୍କ ଠାରୁ ପାଦେ ଆଗରେ ରହିଛନ୍ତି। କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଓଡ଼ିଶା ସରକାର ଏହି ଯୋଜନା ଘୋଷଣା କରିସାରିଛନ୍ତି। ଓଡ଼ିଶା ସରକାରଙ୍କର ଏହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମଙ୍ଗଳବାର ଘୋଷଣା ହୋଇଥିଲେ ମଧ୍ୟ ଏହା ଆସନ୍ତା ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟକାରୀ ହେବ। ଅପରପକ୍ଷରେ କେନ୍ଦ୍ର ସରକାର ମଧ୍ୟ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଏବେ କାର୍ଯ୍ୟକରୀ କରିନାହାନ୍ତି। ଏହାର ପ୍ରସ୍ତୁତିରେ ରହିଛନ୍ତି। ପରବର୍ତ୍ତୀ ସମୟରେ ଏହାକୁ କାର୍ଯ୍ୟକାରୀ କରିବେ।

*ପାଣିକୋଇଲି, ଯାଜପୁର*

# କୃଷିଭିତ୍ତିକ ପର୍ବ ରଜ



ଅମିନୀଲୁ ରାୟ

ଅଥର୍ବ ବେଦରେ ବର୍ଣ୍ଣିତ –
"ମାତା ଭୂମିଃ ପୁତ୍ରୋହଂ ପୃଥିବ୍ୟାଃ
ପର୍ଜନ୍ୟଃ ପିତା ସ ଉନଃ ପିପର୍ତ୍ତୁଃ"।

ଅର୍ଥାତ୍ ଭୂମି ହେଉଛି ମୋ ମାତା ଆଉ ମୁଁ ତା'ର ପୁତ୍ର। ପର୍ଜନ ବା ମେଘ ହେଉଛନ୍ତି ମୋ ପିତା। ତେଣୁ ମୃତିକା ବା ମୌସୁମୀର ଉପାସନା ସଂଗେ ସଂଗେ ତା'ର ମହତ୍ୱ ଉପଲବ୍ଧି କରିବା ହେଉଛି ରଜପର୍ବର ମହାନ୍ ତାତ୍ପର୍ଯ୍ୟ।

ପୁନଶ୍ଚ 'ରଜସ୍' ଶବ୍ଦରୁ 'ରଜ'ର ସୃଷ୍ଟି। ଏହାର ଅର୍ଥ ରଜସ୍ୱଳା ବା ଋତୁମତୀ। ଆମର ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ବସୁମତୀ ଏହି ତିନି ଦିନ ରଜସ୍ୱଳା ହୁଏ। ଏହା ପରେ ବର୍ଷକ ପାଇଁ ସେ ହୁଏ ସୃଜନଶୀଳା। ତେଣୁ ଉକ୍ତ ତିନି ଦିନ ପାଇଁ କୃଷିକର୍ମ ବନ୍ଦ ରଖି ବସୁମାତାକୁ ବିଶ୍ରାମ ଦିଆଯାଏ।

ଓଡିଶାରେ କେଉଁ ଆଦିମ କାଳରୁ ପାଳିତ ହୋଇଆସୁଥିବା ଏହି ତ୍ରୟ ଦିବସ ବ୍ୟାପୀ ରଜପର୍ବଟି ହେଉଛି ଏକ କୃଷିଭିତିକ ପର୍ବ। କାରଣ ପ୍ରାଚୀନ ଇତିହାସକୁ ସ୍ମରଣ କଲେ ଜଣାଯାଏ ସଭ୍ୟତାର ବିବର୍ତନ ଧାରାରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଆସିଛି। ଏହି କୃଷିକୁ କେନ୍ଦ୍ରକରି ଗଢିଉଠିଛି ଗୋଷ୍ଠୀ ଜୀବନ ଓ ପରେ ଗୋଷ୍ଠୀକୁ କେନ୍ଦ୍ରକରି ଗଢିଉଠିଛି କେତେ କେତେ ପର୍ବପର୍ବାଣି, ଉତ୍ସବ, ମହୋତ୍ସବ ଇତ୍ୟାଦି। ଏହି ରଜପର୍ବକୁ ଓଡିଶାର ଏକ ଜାତୀୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପର୍ବରେ ଭାଗ ନେଇ ଅପୂର୍ବ ଆନନ୍ଦ ମଧ୍ୟରେ ନିଜକୁ ହଜାଇ ଦେଇଥା'ନ୍ତି।

ଆଦ୍ୟ ଆଷାଢର ମେଘମେଦୁର ଆକାଶ ତଳେ ବକ୍ରର ଗୁରୁଗମ୍ଭୀର ନାଦ ଶୁଣି ରୌଦ୍ରତପ୍ତା ଧରଣୀ ପ୍ରାଣରେ ଆସେ ପୁଲକର ଜୁଆର। କଠୋର ନିଦାଘର ନିପୀଡନରେ ମ୍ରିୟମାଣା ଧୂସର ଧରଣୀ ପୁନର୍ବାର ସୃଜନର ନୂତନ ସ୍ୱପ୍ନରେ ଉନ୍ମତା ହୋଇଉଠେ। ସେ ହୁଏ ରଜସ୍ୱଳା। କୋଟି କୋଟି ସନ୍ତାନଙ୍କ ମୁହଁରେ ଆହାର ଦେବା ପାଇଁ ବର୍ଷକରେ ଥରେ ଆସେ ପୂର୍ଣ୍ଣ ଯୌବନର ଦିପ୍ତି, ପୁଣି ଥରେ ସେ ସରସ ଶୋଭାରେ ଶ୍ରୀମଣ୍ଡିତା ହୋଇ କଲ୍ୟାଣମୟୀ ରୂପରେ ଆବିର୍ଭୂତା ହୁଏ। କୃଷିକାରୀ ମାନବ ଏହି ଅବସରରେ ପାଳନ କରେ ନାନାଦି ଉତ୍ସବ ଓ ମହୋତ୍ସବ। ସାମାଜିକ ଜୀବନରେ ସେ ସ୍ୱୀକାର କରେ ଯେ ମାତା ବସୁନ୍ଧରାର ଆବାହନୀ ହିଁ ହେଉଛି କୃଷିଜୀବୀର ପରମ କର୍ତବ୍ୟ। ପୁନଶ୍ଚ କେଉଁ ଅନାଦି କାଳରୁ ଉତ୍କଳୀୟ ସଂସ୍କୃତିରେ ରଜପର୍ବ ବା ମୃତିକା ପୂଜା ଏକ ପ୍ରଧାନ ଉତ୍ସବ ଭାବରେ ପାଳିତ ହୋଇଆସୁଅଛି।

ଜ୍ୟେଷ୍ଠ ମାସର ଶେଷ ଦିନ ଓ ଆଷାଢ ମାସର ପ୍ରଥମ ଦୁଇ ଦିନ, ଏହିଭଳି ମୋଟ ତିନି ଦିନ ଓଡିଶାର ଘରେ ଘରେ ରଜପର୍ବ ପାଳନ କରାଯାଏ। ପ୍ରଥମ ଦିବସକୁ 'ପହିଲି ରଜ', ଦ୍ୱିତୀୟ ଦିବସକୁ 'ରଜ ସଂକ୍ରାନ୍ତି' ଓ ତୃତୀୟ ଦିବସକୁ 'ଭୂମିଦାହ' ନାମରେ ନାମିତ କରାଯାଇଛି। ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଥିଲା ଏହି ମୃତିକା ବକ୍ଷରେ ଏବଂ ଏଇ ମୃତିକା ହିଁ ମହାନ୍ ମାନବ ସଭ୍ୟତା ଓ ସାମାଜିକ ଜୀବନର କରିଛି ପ୍ରାଣ ପ୍ରତିଷ୍ଠା। ମନୁଷ୍ୟର ଜୀବନଧାରଣ ନିମନ୍ତେ ବହୁ ପ୍ରକାର ବୈଜ୍ଞାନିକ ସାଧନ ଆବିସ୍କୃତ ହୋଇଥିଲେ ମଧ୍ୟ ଅନ୍ନ ମୁଠିକ ନିମନ୍ତେ ଯୁଗ ଯୁଗ ଧରି ମଣିଷ ମୃତିକା ଓ ମୌସୁମୀ ଉପରେ ହିଁ ସଦାସର୍ବଦା ନିର୍ଭର କରିଆସିଛି। ତେଣୁ ଏହାକୁ ଲକ୍ଷ୍ୟକରି ଶ୍ରୀମଭଗବତ ଗୀତାରେ ବର୍ଣ୍ଣନା କରାଯାଇଛି –

"ଅନ୍ନାଭବନ୍ତି ଭୂତାନି
ପର୍ଜନ୍ୟାଦନ୍ନସମ୍ଭବଃ
ଯଜ୍ଞାଭବତି ପର୍ଜନ୍ୟୋ ଯଜ୍ଞଃ
କର୍ମସମୁଦ୍ଭବଃ"।

ଅର୍ଥାତ୍ ଅନ୍ନ ହେଉଛି ଜୀବନଧାରଣର ଅବଲମ୍ବନ ବା ଉପାଦାନ। ଏହାର ସୃଷ୍ଟି ପର୍ଜନ୍ୟ ବା ମେଘରୁ , ପୁଣି ମେଘର ସୃଷ୍ଟି ଯଜ୍ଞରୁ ଓ ଯଜ୍ଞର ସୃଷ୍ଟି କର୍ମରୁ। ତେଣୁ ଆମ କୃଷିକେନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏହିଭଳି ନାନା ପର୍ବପର୍ବାଣି ସୃଷ୍ଟି କରାଯାଇଛି।

ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଏବଂ ମୃତିକାର ହୁଏ ମହାମିଳନ। ଘନ ମେଘମାଳା ଆକାଶ ପଥରେ ଭାସି ଭାସି ଆସି ଧରିତ୍ରୀ ବକ୍ଷରେ ଢାଳି ଦିଅନ୍ତି ଅଜସ୍ର ବାରିରାଶି। ନାରୀ ସଦୃଶା ଏଇ ମାତା ବସୁନ୍ଧରା ରଜସ୍ୱଳା ହୋଇ ପୁଣି ଉତ୍ପାଦିକା ଶକ୍ତି ଲାଭ କରେ। ଉତ୍କଳୀୟ ସଂସ୍କୃତିର ପ୍ରତୀକ ଏଇ ରଜପର୍ବର ପଶ୍ଚାତରେ କୌଣସି ଦେବାଦେବୀଙ୍କର ପରିକଳ୍ପନା ନାହିଁ।

ରଜପର୍ବକୁ ସର୍ବାଧିକ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ନିମନ୍ତେ ପ୍ରତ୍ୟେକ ପରିବାରରେ ପ୍ରାୟ ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ସେଥିପାଇଁ ପହିଲି ରଜର ପୂର୍ବ ଦିନଟି 'ସଜବାଜ' ନାମରେ କଥିତ। ନିଜ ନିଜର କର୍ମଜଂଜାଳରୁ ଅବସର ନେଇ ଲୋକମାନେ କ୍ରିଡା କୌତୁକ, ଆମୋଦ ପ୍ରମୋଦ ଓ ଆଳାପ ଆଲୋଚନା ମଧ୍ୟରେ ଦିନ ତିନୋଟିକୁ ଅତିବାହିତ କରନ୍ତି। ନାଚ, ଗୀତ, ତା'ସ, ପଶା ଓ ବାଗୁଡି ଖେଳ ଇତ୍ୟାଦି ହେଉଛି ଏହି ପର୍ବର ବିଶେଷ ଆକର୍ଷଣ। ପହିଲି ରଜର ପୋଡପିଠା ଉକ୍ତ ପର୍ବର ଏକ ପାରମ୍ପରିକ ବିଧି। ପହିଲି ରଜର ପ୍ରତ୍ୟୁଷରୁ ଏହି ପିଠାକୁ କାଟି ଖିଆଯାଏ ଏବଂ ପ୍ରିୟ ପରିଜନ ଓ ପ୍ରତିବେଶୀଙ୍କ ମଧ୍ୟରେ ବଂଟାଯାଏ।

କୁମାରୀମାନଙ୍କ ନିମନ୍ତେ ଉକ୍ତ ପର୍ବର ଏକ ବିଶେଷ ଆକର୍ଷଣ ହେଉଛି ଦୋଳି। ଗ୍ରାମ ଉପାନ୍ତରେ ଆମ୍ବତୋଟାରେ, ମନ୍ଦିର ପ୍ରାଙ୍ଗଣରେ ଅଥବା ନିଜ ଗୃହର ପଶ୍ଚାତ୍‌ଭାଗ ବାଡିପଟରେ ବୃକ୍ଷ ଡାଳରେ ଦୋଳିମାନ ଝୁଲାଇଦିଆଯାଏ। ଦୋଳି ସହିତ ସେମାନଙ୍କ ସୁଲଳିତ ସଂଗୀତର ମୂର୍ଚ୍ଛନା ଗ୍ରାମ୍ୟ ପରିବେଶକୁ ମଧୁମୟ କରେ। କିଛି କିଛି ସ୍ଥାନରେ ଦୋଳି ଖେଳର ପ୍ରତିଯୋଗିତାମାନ ମଧ୍ୟ ଅନୁଷ୍ଠିତ ହୁଏ। ରଜଦୋଳି ଏବଂ ଦୋଳି ଉଦ୍ଦେଶ୍ୟରେ ରଚିତ ଗୀତଗୁଡିକ ଓଡିଶୀ ସଂସ୍କୃତିର ପରିଚୟ ପ୍ରଦାନ କରିଥାଏ।

"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜଲୋ, ଘେନି ନୂଆ ସଜବାଜ
ବଉଳଲୋ ଘେନି ନୂଆ ସଜବାଜ "।

ପହିଲି ରଜ ପ୍ରତ୍ୟୁଷରୁ ସ୍ତ୍ରୀ ଓ ବାଳିକାମାନେ ସେମାନଙ୍କର ସ୍ନାନାଦି ନିତ୍ୟକର୍ମ ଶେଷ କରି ବିଭିନ୍ନ ରଙ୍ଗର ବେଶଭୂଷାରେ ସଜ୍ଜିତ ହୁଅନ୍ତି। କୁମାରୀମାନେ ନବବସ୍ତ୍ର ପରିଧାନ କରି ମୁଣ୍ଡରେ ତିଳକ ଲଗାଇ ପୋଡପିଠା ଖାଇବାର ଆନନ୍ଦ ମଧ୍ୟରେ ରଜପର୍ବର ଆବାହନୀ କରନ୍ତି। ଏହି ପର୍ବରେ ସେମାନଙ୍କର ପାଦ ଭୂମିସ୍ପର୍ଶ ନକରିବାର ବିଧି ବହୁକାଳରୁ ପ୍ରଚଳିତ। ସେଥିପାଇଁ ପୂର୍ବେ କୁମାରୀମାନେ ଗୁଆଗଛର ବଲ୍କଳକୁ ପାଦୁକା ସଦୃଶ କାଟି ବ୍ୟବହାର କରୁଥିଲେ। ସଂପ୍ରତି ବଲ୍କଳ ସ୍ଥାନରେ ଆଧୁନିକ ଢଙ୍ଗରେ ନିର୍ମିତ ଚପଲମାନ ବ୍ୟବହୃତ ହେଉଛି। ପିଠାପଣା, କ୍ରିଡାକୌତୁକ, ତାମ୍ବୁଲ ବଂଟନ ଓ ଆନନ୍ଦ ଉଲ୍ଲାସର ବିପୁଳ ଆୟୋଜନ ମଧ୍ୟରେ ପ୍ରଥମ ଦୁଇ ଦିନ ଅତିବାହିତ ହୁଏ। ତୃତୀୟ ଦିବସଟି ଭୂମିଦାହ ନାମରେ କଥିତ ହେଉଥିବାରୁ ସେଦିନ ଭୂମିକୁ ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ଅର୍ଥାତ୍ ଭୂମିରେ କ୍ଷତ ବା ଆଘାତ ହେବାଭଳି କୌଣସି କାର୍ଯ୍ୟ କରାଯାଏ ନାହିଁ। ରଜୋତ୍ସବର ଚତୁର୍ଥ ଦିବସର ପ୍ରତ୍ୟୁଷରେ ପ୍ରତ୍ୟେକ ଗୃହସ୍ଥର ଅଗଣାରେ କାଷ୍ଠ ଆସନ ଉପରେ କୃଷିକାର୍ଯ୍ୟର ଏକ ପ୍ରଧାନ ଉପକରଣ ଲଙ୍ଗଳ ଲୁହା ସହିତ ଶିଳପୁଆ ଓ ନାରିକେଳକୁ ଏକତ୍ର ସ୍ଥାପନ କରି କୃଷକ ଗୃହିଣୀ ହଳଦୀ ପାଣିରେ ସ୍ନାନ କରାଇଦିଏ। ଏହାକୁ 'ଧରାସ୍ନାନ' ବା 'ବସୁମତୀ ଗାଧୁଆ' କୁହାଯାଏ। ଉତ୍ସବର ଉଦ୍‌ଯାପନ ସଂଗେ ସଂଗେ ବସୁମତୀର ବରପୁତ୍ର କୃଷକ ନିଜର ଆମୋଦ ଓ ଆଳସ୍ୟକୁ ପରିତ୍ୟାଗ କରି ନୂତନ କର୍ମ ପ୍ରେରଣା ନେଇ ସ୍ୱକର୍ମରେ ପୁଣି ଅଗ୍ରସର ହୁଏ। ଆଷାଢ ଆକାଶରୁ ଝର ଝର ହୋଇ ଝରିଆସେ ଭଗବାନ୍‌ଙ୍କର ଅସୀମ କରୁଣାର ଧାରା। ମାଟିର ବୁକୁ ଫଟାଇ ନୂତନ ଅଙ୍କୁରର ଉନ୍ମେଷ ଘଟେ। ଧରଣୀମାତା ନୂତନ ସୃଜନୀର ଆନନ୍ଦରେ ପୁଣି ଅଭିଭୂତା ହୋଇଉଠେ।

ରଜପର୍ବ ମୁଖ୍ୟତଃ ଏକ ବିଶ୍ରାମ ଏବଂ ଆମୋଦର ପର୍ବ। ପୁରୁଷମାନେ ଯେପରି କୃଷି କର୍ମରୁ ବିଶ୍ରାମ ନିଅନ୍ତି ଘରର ଝିଅବୋହୁମାନେ ସେଇଭଳି ଗୃହ ପାଇଟିରୁ ଅବସର ନିଅନ୍ତି। ଧାନକୁଟା, ମସଲାବଟା, ବିରି ରଗଡା ଇତ୍ୟାଦି କାର୍ଯ୍ୟ ଏହି ପର୍ବରେ ନିଷିଦ୍ଧ। ଏପରିକି ସ୍ତ୍ରୀ ଲୋକମାନେ ଛୁଂଚି ସୂତାରେ ସିଲେଇ କାର୍ଯ୍ୟ ମଧ୍ୟ କରନ୍ତି ନାହିଁ।

ରଜପର୍ବରେ ପୋଡପିଠା ହେଉଛି ଉତ୍କଳୀୟ ସଂସ୍କୃତିର ଏକ ଅଂଶ। ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟହ ପୋଡପିଠା ଲାଗିହେବାର ପରମ୍ପରା ବହୁଦିନରୁ ପ୍ରଚଳିତ। ସମ୍ଭବତଃ ଉକ୍ତ ପରଂପରା ରଜ ପୋଡପିଠାରେ ପ୍ରତିଫଳିତ।

ଆଧୁନିକତାର ପ୍ରଭାବରେ ମନୁଷ୍ୟର ରୁଚି ଓ ରୀତିରେ ବହୁ ପରିବର୍ତନ ଘଟିଛି। ଜନନୀ ବସୁନ୍ଧରା ସହିତ ମନୁଷ୍ୟ ଶିଶୁର ଯୁଗ ଯୁଗର ଆତ୍ମୀୟତା ଏବେ ଖଣ୍ଡିତ ହୋଇଛି। କୃଷି ଓ କୃଷକ ଉଭୟଙ୍କର ଭାଗ୍ୟ ହୋଇଛି ବିଡମ୍ବିତ। ପରିବେଶ କ୍ଷୟ ଯୋଗୁଁ ମୌସୁମୀର ସ୍ୱାଭାବିକ ପ୍ରଭାବ ହୋଇଛି ବିଘ୍ନିତ। ମୃତିକାର ମହନୀୟତାକୁ ଉପଲବ୍ଧି କରି ତା'ର ପରିଚର୍ଯ୍ୟାରେ ନିଜକୁ ନିୟୋଜିତ କରିବା ନିମନ୍ତେ ଯେଉଁ ସମସ୍ତ ସାମାଜିକ ବ୍ୟାଧି ବ୍ୟବସ୍ଥା ଥିଲା, ଆଧୁନିକ ମନୁଷ୍ୟ ଦୃଷ୍ଟିରେ ସେସବୁ ଏବେ କୁସଂସ୍କାର ବା ଅନ୍ଧବିଶ୍ୱାସ ଭାବରେ ବିବେଚିତ ହେଲାଣି। ଆଜି ଆଉ ବିଂଶ ଶତାବ୍ଦୀର ଶିକ୍ଷିତା ନାରୀ ଆଦ୍ୟ ଆଷାଢର ଶୁଭ ତୃତୀୟ ଦିବସର ପ୍ରତ୍ୟୁଷରୁ ଉଠି ଘର ଅଗଣାରେ ଲଙ୍ଗଳ ଲୁହା ଓ ଶିଳପୁଆଟିଏ ସ୍ଥାପନ କରି ଶୁଦ୍ଧ ହୃଦୟରେ ତାହାକୁ ହଳଦୀ ପାଣିରେ ସ୍ନାନ କରାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ। ଲଙ୍ଗଳ ଲୁହା ବି ଆଜି ଆଉ କୃଷକ ପରିବାରରେ ସୁଲଭ ନୁହେଁ। କାରଣ ଲଙ୍ଗଳର ସ୍ଥାନ ଟ୍ରାକ୍ଟର ଗ୍ରହଣ କଲାଣି। ଆଜି କୃଷି ହୋଇଛି ହେୟ, ମୃତିକା ହୋଇଛି ଅବହେଳିତ, ଆଧୁନିକତାର ପ୍ରଭାବରେ ମନୁଷ୍ୟ ହୋଇଛି ଉର୍ଦ୍ଧମୁଖ। ତେଣୁ ଆମ ବିଚାରରେ ଯନ୍ତ୍ର ସଭ୍ୟତାର ଅନୁଗାମୀ ମାନବ ମୃତିକା ଓ ମୌସୁମୀର ଆଦର କରି ନ ଶିଖିଲେ, ତାହାର ମହତ୍ୱକୁ ଉପଲବ୍ଧି ନ କଲେ, ସଭ୍ୟତାର ଧ୍ୱଂସ ସୁନିଶ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୯

"ଅତି ଭକ୍ତିଭରେ ଶୋଇଲଇଁ ମୁହିଁ
ତାହାଙ୍କର ପଦାଗ୍ରତେ।
ଈଶ୍ୱର ପାର୍ବତୀ ଦୁହେଁ ବରଦେଲେ
ଗର୍ଭରେ ଧରିଲି ତୋତେ॥"

ଯୁବରାଜ ଗୋବିନ୍ଦଙ୍କ ମୁଖକୁ ଚାହିଁ ମୁକ୍ତାଦେଈ ଅଶ୍ରୁ ନୟନରେ କହିଲେ-ହେ'ପୁତ୍ର,ବହୁକାଳ କୃଚ୍ଛ୍ର ସାଧନା କରିବା ପରେ ଶେଷରେ ଶିବ ପାର୍ବତୀ ସନ୍ତୋଷ ହୋଇ ବର ଯାଚି ଦେଲେ। ସ୍ୱାମୀ ସେବାରେ ରହି ପୁତ୍ର ସନ୍ତାନ ଜାତ କର ବୋଲି ସ୍ୱପ୍ନରେ କହିଲେ। ଧନରେ,ଶିବଙ୍କ ବର ମିଳିବା ପରେ କୋଟିନିଧି ପାଇବା ଭଳି ଆନନ୍ଦରେ ଗଦ୍‌ଗଦ ହୋଇ ପଡ଼ିଲି। ତୋର ପିତାଙ୍କ ନିକଟରେ ପହଞ୍ଚି ଏଇ ଶୁଭ ଖବର ଦେଲି। ତୋର ପିତା ମୋତେ କୁଣ୍ଢାଇ ଧରି କାନ୍ଦି ପକାଇଲେ। କେତେ ଯନ୍ତ୍ରଣା ଦେଇଛି କହି କ୍ଷମା ମାଗିଲେ। ତହିଁପରେ ଅନ୍ତଃପୁରରେ ଅନେକ ଦାସୀ ନିଯୁକ୍ତ କଲେ। ମୋର ସେବାରେ ଯେପରି ସାମାନ୍ୟ ଅବହେଳା ନ ହୁଏ,ସେଥିପ୍ରତି ନିଜେ ତଦାରଖ କଲେ। ଯେଉଁ ଦିନ ତୋତେ ଗର୍ଭରେ ଧରିଲି ସେଦିନର ଆନନ୍ଦ କଥା କହିଲେ ସରିବ ନାହିଁ। ତୋର ପିତା ରାଇଜ ସାରା ଡେଙ୍ଗୁରା ପିଟି ଦେଲେ ରାଣୀ ମୁକ୍ତାଦେଈ ଗର୍ଭବାସ ହୋଇଛନ୍ତି। ଆଉ ଦଶମାସ ପରେ ଆମ୍ଭ ରାଜ୍ୟର ଯୁବରାଜ ଭୂମିଷ୍ଠ ହେବେ। ସବୁ ପ୍ରଜା ଆନନ୍ଦ ଉଲ୍ଲାସ କର। ଗ୍ରାମ୍ୟ,ନଗର ଗୁଡ଼ିକରେ ଜଣାଇ ଦିଅ ଯାହାର ଯାହା ଅଭାବ ଅସୁବିଧା ରହିଛି ରାଜା ପୂରଣ କରିବେ। ତିନି ଦିବସ ଧରି ରାଜପ୍ରାସାଦରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଇଲେ। ଗାଭୀ,ଅନ୍ନ ବସ୍ତ୍ରାଦି ନାନା ପ୍ରକାର ଉପହାରମାନ ଦେଇ ଗୁରୁ ବ୍ରାହ୍ମଣଙ୍କୁ ସନ୍ତୋଷ କଲେ।

ହେ'ଗୋବିନ୍ଦାଇ,ତୋର ଜନ୍ମବେଳାକୁ ପ୍ରତୀକ୍ଷା କରି ରାଜା,ରାଜ୍ୟବାସୀ ସଭିଏଁ ଉଲ୍ଲାସରେ ମଜ୍ଜିଗଲେ। ତିନିମାସ ପରେ ମୋ ଗର୍ଭରେ ତୋର ଉପସ୍ଥିତି ଅନୁଭବ କଲି! ସେଇ ଦିବସରୁ ତୋତେ ସ୍ୱଚକ୍ଷୁରେ ଦେଖିବା ପାଇଁ ଦିନ ଗଣୁଥାଇ! ଚାରିମାସ ହେବାରୁ ହାଇ ପରେ ହାଇ ଆସିଲା। ପାଞ୍ଚମାସ ପଶନ୍ତେ ପାଟି ସୁଆଦ ଖୋଜିଲି। ଯାହା ଇଚ୍ଛା କଲି ସେଭଳି ଭୋଜନ ତୋର ପିତା ଯୋଗାଇ ଦେଲେ। ହେ'ପୁତ୍ର, ଷଡ଼ମାସରୁ ମା'ର ଗର୍ଭକଷ୍ଟ ଆରମ୍ଭ ହୁଏ। ଛ'ମାସ ହେବାରୁ ପେଟର ଭାରା ବଢୁଥାଏ। ପ୍ରକୃତିର ନିୟମ ମନଯୋଗର ସହିତ ମାନିବାକୁ ପଡ଼େ। ସେହିପରି ତୋର ସୁରକ୍ଷା ନିମନ୍ତେ ସବୁଦିନେ ସଞ୍ଜ ଦେଇ ପ୍ରକୃତିମାତାଙ୍କୁ ଡାକୁଥିଲି। ସହଜରେ ଉଠିବସି ପାରିଲି ନାହିଁ। ସପ୍ତମାସ ହେବା ପରେ ଭୂମିରେ ଶୟନ କଲି। ଅଷ୍ଟମାସ ପଶନ୍ତେ ଆଉ ଛିଡ଼ା ହୋଇ ପାରିଲି ନାହିଁ। ନିତ୍ୟକର୍ମ ପାଇଁ ଆଣ୍ଠେଇ ଚାଲିଲି। ନବମାସରେ ନବଯାତ୍ରା ଉତ୍ସବ ସାରା ମହଲରେ ପାଳନ କରାଗଲା। ହେ'ଗୋବିନ୍ଦ,ଏହି ପ୍ରକାର ଯନ୍ତ୍ରଣା ଜର୍ଜରିତ ଜୀବନର ଅବସାନ ଘଟାଇ ତୁ ଯେତେବେଳେ ଦଶମାସ ଦଶ ଦିନରେ କୋଳମଣ୍ଡନ କଲୁ,ସେତେବେଳେ ମୋର ଚେତା ହଜିଗଲା। ଦାସୀମାନେ ସୁନା ଶାମୁକାରେ ତୋର ନାଭି କାଟିବା ପରେ ସେକିସାକି ମୋ କୋଳରେ ଶୁଆଇଦେଲେ। ତୋର ସେଇ ପଦ୍ମଫୁଲିଆ ପାଟିରେ ସ୍ତନ କ୍ଷୀର ଖୋଇବା ପରେ ଶିବପାର୍ବତୀଙ୍କୁ କୋଟି କୋଟି ପ୍ରଣାମ ଜଣାଇଲି। ତହିଁପରେ ବିଧିବିଧାନ ମତେ ପଞ୍ଚୁଆତି, ଷଷ୍ଠିଘର,ସପ୍ତମ ଦିବସରେ ଉଠିଆରୀ ଘର କଲି। ବାର ଦିବସରେ ବାରଯାତ୍ରା କର୍ମ ସାରି ତୋର ଆୟୁଷ ମନାସିଲି। ଶିବ ପାର୍ବତୀଙ୍କୁ ସହସ୍ର ବର୍ଷ ମାଗି ତାଙ୍କ ପୟରରେ ଅଧିଆ ପଡ଼ିଲି।

ଏକୋଇଶ ଦିବସ କଥା ଭାଳି ମୁକ୍ତା ଦେଈଙ୍କ କଣ୍ଠ ଶ୍ୱାସରୁଦ୍ଧ ହୋଇ ପଡ଼ିଲା। ସେ ଆଖିରୁ ଲୁହ ଝରାଇ କହିଲେ-ହେ'ପୁତ୍ର ଗୋବିନ୍ଦ,ତୋର ଜନ୍ମର ଏକବିଂଶ ଦିବସରେ ତୋର ଏକୋଇଶା ଉତ୍ସବ ବଡ଼ ଧୁମଧାମରେ ପାଳିତ ହେଲା। ନାହାକ ପଣ୍ଡିତମାନଙ୍କୁ ଡକାଇ ଋଷିବାକ୍ୟ କରାଇଲୁ। ତିଥି,ବେଳାନକ୍ଷତ୍ର ଗଣନା କରି ମହାବିଷ୍ଣୁଙ୍କର ପୂର୍ଣ୍ଣାନନ୍ଦ ନାମ ଗୋବିନ୍ଦ ରଖାଇଲୁ। ରାଶିଚକ୍ର ଗଣନା କାଳରେ ନାହାକ କହିଲେ ଏକବିଂଶ ବର୍ଷ ବୟସରେ ତୋର ମରଣ ରିଷ୍ଟ ରହିଛି! ହେ'ପୁତ୍ର, ଏ କଥା ଶୁଣିବାମାତ୍ରେ ମୋର ପିଣ୍ଡରୁ ପ୍ରାଣ ଛାଡ଼ିଯିବା ପରି ବୋଧ ହେଲା। ଚେତାଶୂନ୍ୟ ହୋଇ ଭୂମିରେ ଲୋଟି ପଡ଼ିଲି। ତୋତେ ପାଇବା ପାଇଁ ଅଦ୍ୟାବଧି ଯେତେ କଷ୍ଟସ୍ୱୀକାର କରିଥିଲି ସବୁ ଯେପରି ପୋଡ଼ି ପାଉଁଶ ହୋଇଗଲା! ତଥାପି ଆତ୍ମବିଶ୍ୱାସ ହରାଇଲି ନାହିଁ। ଛାତିକି ପଥର କରି ଜ୍ୟୋତିଷଙ୍କୁ କହିଲି ଯେତେ ଧନ ନେବା କଥା ନେଇ ଯାଅ,ମାତ୍ର ଏହି ସମ୍ବାଦ ଗୁପ୍ତ ରଖିବ। ଜନଜଗତରେ ପ୍ରକାଶ ପାଇଲେ ମୋର ପୁତ୍ରର ଅମଙ୍ଗଳ ହେବ। ହେ'ପୁତ୍ର, ଅମାନିଆ ଦୁଷ୍ଟ ପିଲାର ମା' ଦୁଆର କିଳି କାନ୍ଦିବା ଭଳି ସେଇ ଦିବସରୁ ମୋର ଚକ୍ଷୁରୁ ଲୋତକ ଧାର ବନ୍ଦ ହେଉ ନାହିଁ। ଏକାକୀ ବସି ଗୁଣୁଗୁଣୁ କଣ୍ଠରେ ତୋତେ ବାହୁନି ବାହୁନି କାନ୍ଦୁଛି। ଗଜା ବୟସରେ ତୋର ମରଣ କଥା ଭାଳି ହୋଇ କେତେବେଳେ ମୂର୍ଚ୍ଛା ଯାଉଛି ତ ଆଉ କେତେବେଳେ ଭୂମିରେ ମୁଣ୍ଡକୋଡ଼ି ଭାଗ୍ୟବିଧାତାଙ୍କୁ ଦୋଷାରୋପ କରୁଛି। ମନର ବିଳାପ ମନରେ ରଖି ଅଢ଼େଇ ବର୍ଷ ପର୍ଯ୍ୟନ୍ତ ତୋତେ ସ୍ତନଭାଙ୍ଗି କ୍ଷୀର ଖୁଆଇଲି। ପାଞ୍ଚବର୍ଷ ହେବାରୁ ଚାଟଶାଳୀ ଘର ପଠାଇ ବିଦ୍ୟାଶିକ୍ଷା ଆରମ୍ଭ କରାଇଲି। ଦଶବର୍ଷ ବେଳେ ରାଜନୀତି ଶିକ୍ଷା ଦେଲି। ଯୁଦ୍ଧ ଓ ଶାନ୍ତି ପର୍ବର ବିଦ୍ୟା ସମାପ୍ତ ହେବା ପରେ ପନ୍ଦର ବର୍ଷରେ ତୋତେ ରାଜ୍ୟରେ ରାଜା କରାଇଲି। ଅଠରବର୍ଷ ସାବାଳକ ବୟସରେ ଚଉଦିଗରୁ ବାଛି ବାଛି ଅନେଶତ ସୁନ୍ଦରୀ ରାଜକନ୍ୟାଙ୍କୁ ବିବାହ କରାଇଲି। ଏବେ ତୋର ବୟସ କୋଡ଼ିଏ ପୂରିବାରୁ ଏକୋଇଶ ବର୍ଷରେ ମରଣଯୋଗ କଥା ଭାଳି ହେଉଛି। ତୋତେ ଅନୁନୟ ବିନୟ ହୋଇ ଯୋଗୀ ହେବା ପାଇଁ ପଥ ପ୍ରଦର୍ଶନ କରୁଛି। ମୋକ୍ଷପଥରେ ପାଦଦେବା କ୍ଷଣି ଯମଦଣ୍ଡରୁ ଅବଶ୍ୟ ରକ୍ଷା ପାଇବୁ,କେହି ତୋତେ ମାରି ପାରିବେ ନାହିଁ। ଭଗବାନ ବିଷ୍ଣୁଙ୍କ ପଥରେ ଚାଲୁଥିବା ଜୀବର କେହି ଅନିଷ୍ଟ କରି ପାରନ୍ତି ନାହିଁ। ହେ'ପୁତ୍ର,ସେଇଥି ପାଇଁ କହୁଛି ସଂସାରମାୟା ତ୍ୟାଗ କରି ଯୋଗୀର କେନ୍ଦରାକୁ ଭରସା କର! ହରି ଓଁ ତତ୍‌ସତ୍।

*ଦୂରଭାଷ-୯୬୬୮୬୩୧୨୫୭*




**ପୁ**ଣି ଛିଗୁଲେଇ କହିଲା ପାରୋ-ଆହା ..ମୋ କାମ ନଥିଲା। ତୋ ମାଆ କଣ ଅନିନ୍ଦ୍ୟ ସୁନ୍ଦରୀଟେ ଥିଲା ଯେ କାହାର ନଜର ପଡିବ! ତୁମ ଦୁଇଜଣଙ୍କ ପ୍ରତି ଦୟା ଆସେ ମନରେ। ସେଥିପାଇଁ ମୁଁ ତୁମମାନଙ୍କୁ ଦୟା କରେ। ନହେଲେ ତୁ କି ନା ଏ ମୁଁ କିଏ?

ଯାଆ..ଚାଲି ଯା ଏଠୁ। ତୋତେ କିଏ କହିଥିଲା ଆସିବାକୁ ଏଠିକୁ। ମୁହଁରେ ନିଆଁ ଗୁଞ୍ଜିବାକୁ ନା ଛାତିରେ କାଚଗୁଣ୍ଡ ଦଳିବାକୁ? ଦେବା ପାଗଳଙ୍କ ପରି କହି ଚାଲି ଥିଲା ଏଣୁତେଣୁ ଅସ୍ପଷ୍ଟ କଥା ସବୁ। ପାରୋ ତା ବାପା ସହିତ ଛିଡା ହୋଇଥିଲା ବାରଣ୍ଡାରେ। ଅବଶ୍ୟ ଶୁଦ୍ଧି କ୍ରିୟା ସବୁ ତା ବାପାଦ୍ୱାରା ହିଁ ହୋଇଛି!

ଦେବା..! ଡାକଟା ସଂଚରିଗଲା ବହୁଦିନ ପରେ। ଦେବା ମୂର୍ତ୍ତି ପାଲଟିଯାଇଥିଲା ଏତେବେଳୁ। ଏବେ ଟିକେ ହଲିଲା। ଉପରକୁ ଚାହିଁଲା..ପାରୋ ଓ ତା ବାପ ଦୁହେଁ ଛିଡାହୋଇଛନ୍ତି।

ନେ'ଖାଇଦେ'। ମାସେଠୁ ଅଧିକ ହେବ ଖାଲି ତୁଣ୍ଡରେ ହାତ ମାରିଛୁ ସିନା ଖାଇବା ଭଳି ଖାଇନୁ। ଆଜି ଖୁବ୍ ଯତ୍ନରେ ପାରୋ ରାନ୍ଧିଛି ତୋ ପାଇଁ। ପାରୋ ତଳକୁ ନାଇଁ ପଡି ଦେବଦାସ ଆଗରେ ରଖିଦେଲା ଭାତ,ଡାଲମା,ବଡି ବାଇଗଣ ରାଇ,ସଜନା ଛୁଇଁ ଭଜା,ଶାଗ ଭଜା,ପାମ୍ପଡ,ଟମାଟୋ ଖଟା,ଛେନା ତରକାରି ଏମିତି କେତେ କଣ। ଦେବା ଥାଳିକୁ ଠେଲିଦେଲା ଦୂରକୁ..କିଛି ଖାଦ୍ୟ ତଳେ ବୁଣି ହୋଇଗଲା।

ଥାଉ ବାପା। ଘରକୁ ଚାଲ। ଦେବା ଆଜିଯାଏଁ ବି ମଣିଷ ହୋଇପାରିନି। ଆଉ ଏବେ କେମିତି ହେବ? ମୁଁ ତ ମନା କରୁଥିଲି। ତୁମେ ବାଧ୍ୟ କଲ ବୋଲି ଆସିଲି! ପାରୋର ଆକ୍ଷେପମୂଳକ କଥା ତୀର ଭଳି ବିନ୍ଧିଦେଲା ଦେବାକୁ।

ହେଇ..କଣ କହିଲୁ? ମୁଁ ମଣିଷ ନୁହଁ? ଦେବା ଏତେଦିନ ପରେ ପାଟି କରି ପଚାରିଲା।

ନା..ଅମଣିଷ।

ଆଚ୍ଛା ଅମଣିଷ କଣ କରିପାରେ ଜାଣିଛୁ ତ?

ଯାହାସବୁ ପୂର୍ବରୁ କରିଛୁ ସେସବୁ ତ ଅମଣିଷପଣିଆ! ଆଉ ଯଦି କଣ କରିବୁ କର। ଜାଣିଛି ପଶୁତ୍ୱ ଆବୋରି ବସିଛି ତୋତେ। ମିନି ଖୁଡୀର ଆତ୍ମା କାନ୍ଦୁଥିବ ଆଜି। ଭଲ ହୋଇଛି ସେ ନର୍କରୁ ମୁକ୍ତି ପାଇଯାଇଛି! ଦେବୀଟେ ହୋଇ ରାକ୍ଷସକୁ ଜନ୍ମ କରି କେତେ ପଶ୍ଚାତାପ କରୁଥିବ ଏବେ। କିନ୍ତୁ ଏବେ କିଛି ଦୁଃଖ ନାହିଁ। ଦେବା ନୀରବି ଗଲା ପୁରା। ନିରୀହ ଭୋକିଲା ଛୁଆଟେ ପରି ଥାଳିଟାକୁ ଟାଣି ଆଣିଲା ପାଖକୁ। ଆନନ୍ଦରେ ଖାଇ ଚାଲିଲା ଆଗ୍ରହରେ। ପାରୋ ଆଖିରୁ କାହିଁକି କେଜାଣି ଦୁଇଟୋପା ଲୁହ ଝରିପଡିଲା। ଭାବିଲା ଏଥର ଦେବା ସ୍ୱାଭାବିକ ହେବ। ନିଜର ଦାୟିତ୍ୱ ଠିକ୍‌ରେ ନେଇପାରିବ। ତା ମାଆ ଆଖିର ସ୍ୱପ୍ନ ଏବେ ତା ଆଖିରେ ନେସି ହୋଇଯିବ। ଆଉ ଥକିବନି। ବରଂ ସମସ୍ତ ସୁଖ ଦୁଃଖର ମୁକାବିଲା କରି ଆଗକୁ ବଢିପାରିବ। କାରଣ ତା ମାଆ ହିଁ ତା ଦୁର୍ବଳତା ଓ ସବଳତା। ଏଥର ସେ ଠିକ୍ ବାଟକୁ ଯିବ।

ତାପରେ ଦେବା ସ୍ୱାଭାବିକ ଭଳି ଅନୁଭବ ହୋଇଛି! ପେଟପାଇଁ ଚିନ୍ତା ତାକୁ ଘାରିଛି! ସେପଟେ ହାତରୁ ମୁକୁଳି ଯାଇଛି ସମୟ। ପରଘରେ ଖଟିବା ଉତରାଧିକାର ସୂତ୍ରରେ ମିଳିଛି ତାକୁ। ଏବେ ପାଠରେ ଡୋରି ଲାଗିବ। ଜୀବିକା ଅନ୍ୱେଷଣରେ ସେ ନିଜଠୁ ଦୂରକୁ ଧାଇଁବ। କିପରି ମାଆର ସ୍ୱପ୍ନକୁ ସାର୍ଥକ କରିବ! କେମିତି ମାଆକୁ ଦେଇଥିବା କଥା ରଖିବ! ଏମିତି ଅନେକ ପ୍ରଶ୍ନ ଓ ସମସ୍ୟାରେ ଛନ୍ଦି ହୋଇ ଦିଗହଜା ହୋଇଯାଉଥିଲା ଦେବା। ଲାଗୁଥିଲା ଜୀବନ ଏବେ ପୋଇ କିମ୍ବା କଖାରୁ ଡଙ୍କ ଭଳି ମାଡିଗଲାଣି ତା ସ୍ୱପ୍ନରେ..। ଉଇ ଚରିଗଲାଣି ତା ସମ୍ଭାବନାରେ। ଛତୁଟା କରିବ ଏବେ।

ଏମିତି ଘରେ ବସିବସି କୋଢିଆ ହୋଇଯିବା ଅପେକ୍ଷା ଅନ୍ୟମାନଙ୍କ ବିଲରେ ହଳ କଲା। ନିଜର କିଛି ଜମିରେ ଚାଷକାମ ବି ଆରମ୍ଭ କରିଦେଲା। କିନ୍ତୁ ଏଇ କଣ ତା ଜୀବନ? ଏମିତି କଣ ସେ ଜୀଇଁବାକୁ ତା ମାଆ ଚାହିଁଥିଲା? ହେଲେ ସେ ବା କରିବ କଣ! ଏବେ ତ ଭବିଷ୍ୟତ ଅନ୍ଧକାର। ବାଟ ବି ଦିଶୁନି ଆଗକୁ। କିଏ ସେ ମୁକାଳିବ ତାକୁ ଏ ଘନାନ୍ଧକାରରୁ? କିଏ ସେ ତା ପାଇଁ ଲାଇଟ୍ ହୋଇ ଜଳିବ?

ଏମିତି ଭାବୁଭାବୁ ମୁଣ୍ଡ ଉପରେ ସୂର୍ଯ୍ୟ ଆସର ଜମେଇ ସାରିଥାନ୍ତି। ସେପଟେ ଜମି ମାଲିକ ପାଟି କରେ-କଣ କିରେ ଦେବା..ବସିଗଲୁ କାଇଁକି। ବେଗି ବେଗି ହାତ ଚଳା। କାମ ପୁଣି ସାରିବାକୁ ହବ ନା! କେବେଦିନେ ଜମିକୁ ଆସିନଥିବା ଦେବା ଝାଳ ବୁହାଇ ଦିଏ ସେଇଠି। ମାଆ କଥା ସେତେବେଳେ ଢେର୍ ମନେପଡେ। ଲୁହତକ ଝାଳରେ ମିଶିଯାଆନ୍ତି। ପାରୋ ଖାଇବା ନେଇଆସେ। କେତେବେଳେ ଜୀବନ ପ୍ରତି ତୀବ୍ର ରାଗରେ ଖାଏନି ତ ପୁଣି କେତେବେଳେ କିଛି ବାଟ ନପାଇ ଗ୍ରହଣ କରେ ତା ହାତର ଖାଦ୍ୟ। ଅସହାୟତାର ରାହୁଗ୍ରସ୍ତରେ ଦେବଦାସ ଜୀବନ ଗୋଟେ ସୋଲ ପରି ଉଡିଯାଉଥାଏ ପବନରେ। ହୁଏତ ଖୋଜୁଥାଏ କାହା ହାତର ସ୍ପର୍ଶ! ସେଦିନ ପାରୋକୁ ଦେଖି ଅନ୍ୟମନସ୍କ ଭାବେ ପଚାରିଲା ଦେବା-ତୁ ମୋ ପାଇଁ ଏତେସବୁ କାଇଁ କରୁଛୁ? ମାଆ ତ ଚାଲିଗଲାଣି। ତୋର ମୋ ସହିତ କିଛି ବି ସଂପର୍କ ନାହିଁ।

ପାରୋ ଆଘାତ ନପାଇ କହିଲା-ତୁ ଚାକିରୀ କଲେ କଡାଗଣ୍ଡା ହିସାବ କରି ଆଦାୟ କରିବି ଯେ! ଯାହାହେଲେ ବି ମିନି ଖୁଡୀର ପୁଅ ତୁ। ସେ ଚାଲିଗଲା ବୋଲି କଣ ତା ସହିତ ମୋ ସଂପର୍କ କଟିଗଲା?

ଚାକିରୀ..କୋଉ ଚାକିରୀ? ଜମିବାଡିରେ ହଳ,ଚାଷବାସ କରିବାର ଚାକିରୀ? ଯାହାପାଇଁ ମୋ ପୂର୍ବପୁରୁଷମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖାଯାଏ!

ନା..ନା ତୁ କିଛି ଗୋଟାଏ ଚିନ୍ତା କରିବାକୁ ସମୟ ନେ'। +୨ ତ ସରିଯିବ। ପରୀକ୍ଷା ଦେଇସାରି କିଛି ପ୍ଲାନିଂ କର। ମିନିଖୁଡୀର ସ୍ୱପ୍ନ ପୂରଣ କର। ତାପରେ ମୋ ସବୁ ଋଣ ଶୁଝିଦେବୁ।

କିନ୍ତୁ ଏତେ ଗୁଡେ ଟଙ୍କା..!

ତା ପାଇଁ ବାପା ତୋତେ ସାହାଯ୍ୟ କରିବ। ଆବଶ୍ୟକ ପଡିଲେ ସବୁ ବନ୍ଧା ପକାଇଦେବୁ ପଛେ ନିଜ ସ୍ୱପ୍ନରୁ ଓହରିବୁନି।

ହେଃ..ପାଗଳୀଙ୍କ ପରି କଣ କହୁଚୁ ସବୁ ବନ୍ଧା ପକେଇଦେବି ବୋଲି? ମୋ ମାଆ ଏଇ ଘରେ ଶେଷ ନିଶ୍ୱାସ ନେଇଛି। କେମିତି ଯାକୁ ଅନ୍ୟ ହାତରେ ଟେକିଦେବି? ତୋ ମୁଣ୍ଡ ଫୁଣ୍ଡ ଖରାପ ନା ମୋ ଘରବାଡି ହଡପ କରିବାର ନୂଆ ଫାନ୍ଦ ତୋର।

ଯାହା ଭାବିବୁ ଭାବ। ଗୋଟେ ବାଟ ଦେଖାଇଲି। ତୋ ଇଚ୍ଛା। କହି ଉଠି ଛିଡା ହେଲା ଦେବଦାସର ଅଇଁଠା ଥାଳି ଧରି। ପୁଣି ପଛକୁ ଫେରି କହିଗଲା-ବୁଝିଲୁ ଦେବା ଏତେ ପାଠ ପଢି ବି ଗଣ୍ଡମୂର୍ଖ ହୋଇ ରହିଗଲୁ। ତୋ ମାଆର ଶେଷ ସନ୍ତକ ତୁ..ଏ ଘର ନୁହଁ। ତୁ ବଢିଲେ କିମ୍ବା ଉନ୍ନତି କଲେ ତୋ ମାଆର ଆତ୍ମସନ୍ତୋଷ ଓ ସାର୍ଥକତା..। ଏ ଘର ଖାଲି ବାହାନା ପୂର୍ବପୁରୁଷଙ୍କ ନାଁକୁ ଗଡାଇବାର।

ଏତେ ଗଭିର କଥା ପାରୋ ଭାବିପାରେ କିପରି! ସତରେ କଣ ଝିଅମାନେ ଶୀଘ୍ର ବଡ ହୋଇଯାଆନ୍ତି ଘରକରଣା ଜ୍ଞାନରେ? ହେଲେ ପାରୋ ତ ବୁଦ୍ଧିମତୀ ପାଲଟି ଯାଇଛି ଯା ଭିତରେ। କେତେ ଗହନ କଥା କହିପାରୁଛି। ଅକାଟ୍ୟ ଯୁକ୍ତିର ମୁକାବିଲା କରିବାର ଶକ୍ତି ନାହିଁ ତା ପାଖେ। ଅବଶ୍ୟ ଏସବୁ ବହିଜ୍ଞାନ ନୁହେଁ। ପାରୋର ବୁଦ୍ଧି ଆଉ ବହି ଭିତରେ ସୀମିତ ହୋଇ ରହିନାହିଁ ବୋଲି ଦେବଦାସ ବୁଝିପାରିଥିଲା। ହେଲେ ତା ବାପା କଣ ତାକୁ ତା ଆକାଶରେ ଉଡିବୁଲିବାର ସ୍ୱାଧୀନତା ଦେବ? ନା। କେବେ ନୁହେଁ। ଏକମାତ୍ର ଉତରାଧୀକାରୀ ଭାବେ ପାରୋ ହିଁ ତାର ସବୁକିଛି। ପାରୋକୁ ସେ ଯେମିତି ହେଲେ ପଙ୍କ କାଦୁଅ ଭିତରକୁ ଟାଣିବ ଓ ପାରୋ ବି ଟାଣି ହୋଇଯିବ ନିଶ୍ଚୟ।

ସେ ଭାବୁଥିଲା ଆଉ ଭାବୁଥିଲା। ପରୀକ୍ଷା ଦେଇସାରିଲା ପରେ କଣ କରିବ ବୋଲି ଗୋଟେ ବାଟ ଖୋଜୁଥିଲା। ବନ୍ଧୁବାନ୍ଧବରେ ବି ସେମିତି କେହି ନଥିଲେ ବାଟ ଦେଖାଇବାକୁ। ତେଣୁ ତାକୁ ହିଁ ନିଜ ବାଟ ଚୟନ କରିବାକୁ ହେବ।

ଆଜିକାଲି ଯାହା କିଛି ପାରୋ ତା ପାଇଁ ଆଣେ ଗୋଟେ ହିସାବ ଖାତାରେ ତାକୁ ଟିପି ରଖେ। ତା ବାପ ଭଳି ଟିକିନିଖି ହିସାବ କରେ। ପୁରା ବାପାର ଛାଂଚ ପରି ସେ। ଦେବଦାସର ଅନୁମାନ ସତ୍ୟ ହେଲା। ପାରୋର ବାପା ପାରୋକୁ ନିଜର ଛାଇ ବନାଇଦେଲା। କିନ୍ତୁ ବାପଠାରୁ ଏ ଝିଅ ଆହୁରି ବେଶୀ ବେପାରି। ଏମିତିକି ସୁଧମୂଳ ଆଦାୟ କଲା ବେଳେ ତା ବାପ ପାରୋର ସାହାରା ନିଏ।

ଅବଶ୍ୟ ଆଗଭଳି ଉଙ୍କୁଣି ଆଉ ପାରୋର ସମସ୍ୟା ହୋଇ ରହିନି। ତା ଅସୁନ୍ଦରପଣ ବି ନାହିଁ। ସମୟ ସହିତ ଢେର୍ ବଦଳିଛି ସେ। ହେଲେ ଦେବଦାସର କିଛି ଯାଏ ଆସେ ନାହିଁ। ପାରୋ ପ୍ରତି ତା ମନତଳେ କୋଉଠି ନା କୋଉଠି ଚଲୁଏ ଘୃଣା ଉଦ୍‌ଜୀବିତ ହୋଇ ରହିଛି ଏଯାବତ୍। ମାଆ ଯିବା ପରେ ଅବଶ୍ୟ ବହୁତ ସାହାଯ୍ୟ କରିଛି,ହେଲେ କାହିଁକି କେଜାଣି ତା ପ୍ରତି ସୁମନୋଭାବ ରହେନି ଦେବଦାସର।

ପରୀକ୍ଷା ପରେ ସେ ଯେତେବେଳେ ସାମାଜିକ ଲାଞ୍ଛନାରେ ଅତିଷ୍ଠ ହୋଇପଡିଲା ସେତେବେଳେ ପାରୋ ହିଁ ତାକୁ ସାହାଯ୍ୟ କରିଥିଲା ବ୍ୟାଙ୍ଗାଲୋର୍ ଯିବା ପାଇଁ। ସବୁ ଜିନିଷ ଯୋଗାଇ ଦେଇଥିଲା ତାକୁ। ତା ସମସ୍ୟାଙ୍କ ସହିତ ଲଢି ତାକୁ ରାଜ୍ୟ ବାହାରକୁ ଛାଡିଲା। ସେ ନଥିଲେ ଅବଶ୍ୟ ନିଜ ବିଷୟରେ ଅଧିକ ଚିନ୍ତା କରିବାକୁ ସାହସ ହୋଇନଥାନ୍ତା! ଏମିତିକି ଭବିଷ୍ୟତ ପାଇଁ ତା ବାପା ପାଖରେ ଘରବାଡି ବନ୍ଧା ପକାଇଲା। ପାରୋ ତ ଉପାୟ ବତାଇଥିଲା ତାକୁ। ଦେବା ପାଇଁ ଆଉ କିଛି ଉପାୟ ବି ତ ନଥିଲା। ପାରୋ କେବଳ ଅନ୍ୟର ପାହାଚ ହୋଇପାରେ..ସାଙ୍ଗ ସାଥୀ ନୁହେଁ। **(କ୍ରମଶଃ...)**

## ବିଶେଷ କବିତା

# ନିରବତାର ଝଡ଼


ରମାକାନ୍ତ ଗୋଛାୟତ

**କୋ**ମଳାଙ୍ଗୀ କାହାକୁ ବୁଝାଇବ
ବିଶ୍ୱସନୀୟ ଆଖିରେ ବି ସନ୍ଦେହ
ମୁଣ୍ଡ ଉପରୁ ଦୂରେଇ ଯାଇଛି
ଆଶିଷର ହାତ

ଓଃ, ବନ୍ଦକର ଇଏ କି ପ୍ରଶ୍ନ
ଏତେ କଟୁବାକ୍ୟ
ସଭ୍ୟତାର ବାଡ଼ ଡେଇଁ ଯାଉଛି ତଦନ୍ତ
ନିଜ ଇଚ୍ଛାରେ ନା ବଳପୂର୍ବକ
ଏଇ ରାସ୍ତାରେ କାହିଁକି ଯାଇଥିଲୁ ଏକା ଏହା
ଜଣେ, ଦୁଇଜଣ ନା ତିନିଜଣ
ପ୍ରଥମେ କିଏ, କ'ଣ ଖୋଲିଥିଲା
ତା'ପରେ
କୋଉଠି ପକାଇଥିଲା ହାତ
କେତେ ସମୟ କାଟିଥିଲେ
ଚିତ୍କାର କଲୁନି କାହିଁକି
କେତେରେ କଥା ଛିଡିଥିଲା

ତଦନ୍ତ ଅଧିକାରୀ ପଛକୁ
ଗଣମାଧ୍ୟମର ପ୍ରଶ୍ନବାଣରେ
ବାରବାର ଧର୍ଷିତା ନିର୍ବାକ

ନିରାପଦ ଦୂରତାରେ ଖଟିରେ ବିମର୍ଷ
ଦେଖୁଛୁ ପବନର ହାବଭାବ
କାହିଁକି ଏତେ କମ୍‌ବସ୍ତ୍ର
ଦେଖା ହେଉଛି ନାଭି କଟୀ ଦେଶ



ବାହୁ, ପିଠି ଖୋଲାମେଲା
ନାରୀ ସ୍ୱାଧୀନତା
ଏଇଥିପାଇଁ ଏତେ କଥା

ଡାକ୍ତରୀ ମାଇନାରେ
ଆଉଥରେ ହାତଟେକେ ବିବଶତା
ହସାହସି ହେଉଥା'ନ୍ତି ସେବିକାଗଣ
ଏଇ ସେ ଅଲାଜୁକ
କଳା ବୋଳିଛି ନିଜ ମୁହଁରେ
ଦେଖଣାହାରୀଙ୍କୁ
ମୁହଁ ଲୁଚାଉଥାଏ ଦୁଃଖିନୀ।

ଅସମୟରେ ରଙ୍ଗଦେଉଥାଏ
ରାଜନୀତି
ଲାଜରେ ମୁହଁ ଫେରାଉଥା,ନ୍ତି
ନିଜ ଲୋକ
ପୀଡିତା ଏକା ସାମ୍ନା କରୁଥାଏ
ଗୋଟେ ସଭ୍ୟତାର ଝଡ଼।

*ମୋ-୮୯୧୭୫୫୦୬୫୪*

## ଗଛ


ମାନିନୀ ମିଶ୍ର

(୧)

**ଗ୍ରା**ମ ଦେବତୀର
ଦେହବୋଳା ସିନ୍ଦୁର
ନାବାଳିକା ଆକାଶର
ଛାତିର ଲୁଗା
ମଲ୍ଲି ଫୁଲିଆ ରାତିର ଉଡାଣ
ବାଇଆ ପ୍ରେମିକର
ସିଗାରେଟ ପିଆ
ଦରଶିଆ କଳା ଓଠ
ସବୁକୁ ତାର ଲୋଭ
ସବୁଠି ତାର ମୋହ
ତାର ସାବୁନ ବୋଳା ହାତ
ଲପ୍ ଲପାଏ ଶବ୍ଦରେ
ଅକ୍ଷରରେ, ସାବ୍‌ଜା ପତ୍ରରେ।
ତାର ଝାଳ ସର୍ ସର୍ ଦେହସାରା
ଘା ଖୋଦେଇ କାରିଗର ମାନଙ୍କର
ଶହ ଶହ ଟାଙ୍ଗିଆର ଚୋଟ।

(୨)

**ପୋ**ଡା ମନ, ପୋଡା ସ୍ୱପ୍ନ
ପୋଡା ସହର, ପୋଡା ଅରଣ୍ୟ
ସବୁକୁ ନିଜ ରକ୍ତରେ ନିଜେ ଚକଟି
ନିଆଁର ସ୍କୁଲିଙ୍ଗରେ ବିଛାଏ
କରତ କଟା ଦେହ
ଆଇଁଶିଆ ପବନରେ ସେକ୍
କବାବ୍ ଶିଝୁଥାଏ
ମହ ମହ ଚହଟୁଥାଏ ହେମାଳ ଭୋକ।

*ରେଢ଼ାଖୋଲ ହସ୍ପିଟାଲ*
*ସମ୍ବଲପୁର*

## କୁନାବାପାଙ୍କ କୁନିକଥା


୪୮

**ସେ**ଦିନ ସଂଧ୍ୟାରେ କୁନାକୁ, ଜେଜେମା ବସି ପୁରାଣ କଥା କାହାଣୀ ଶୁଣାଉଥାନ୍ତି। କୁନା ଆମର ସୁନାପିଲା ହୋଇ ଗପ ଶୁଣୁଥାଏ। କିପରି ଯୁଧିଷ୍ଠିର ସର୍ବଦା ସତକଥା କୁହନ୍ତି, ସେଇକଥା କହି, ସର୍ବଦା ସତ କହିବାକୁ କହୁଥାନ୍ତି। କୁନାବାପା ମଧ୍ୟ ଅଫିସରୁ ଫେରି ଆସିଥାନ୍ତି। କୁନାକୁ, କୁନାବୋଉ ଖୁଆଇବାକୁ ନେଲା ବେଳକୁ, ସେ ଗପ ଶୁଣି ଖାଇବାକୁ ଅଝଟ କଲା। ସମସ୍ତେ ଜରକ ପରେ ଜଣେ ଖାଇଲେ, ଆଉ ଶୋଇବାକୁ ଗଲେ। କୁନାବୋଉ କୁନାକୁ ଶୁଆଇଦେଇ କୁନାବାପାଙ୍କୁ ପଚାରିଲେ, ଏଇଟା କୋଉ ଯୁଗ? କୁନାବାପା ଚକିତ ହୋଇ ପଚାରିଲେ, କାହିଁକି? ଦ୍ୱାପର ଯୁଗରେ ପଶାଖେଳ ହେଉଥିଲା ଏବଂ ନାରୀଙ୍କୁ ପଣ୍ୟ ସାମଗ୍ରୀ ଭାବେ ବ୍ୟବହାର କରାଯାଉଥିଲା। ଏବେବି ସେମିତି ଜୁଆଖେଳ ଚାଲିଛି ଆଉ ଜୁଆଖେଳରେ ଏବେବି ସ୍ତ୍ରୀକୁ ବାଜି ଲଗାଉଛନ୍ତି। ଏ କି ଯୁଗ ହେଲା କେଜାଣି? କୁନାବୋଉଙ୍କର ଏଇ କ୍ଷୋଭ ଭରା କଥା ଦୁଇପଦ ଭାରି ଆଲୋଡନ ସୃଷ୍ଟିକଲା କୁନାବାପାଙ୍କ ମନରେ? ସତରେ କ'ଣ ଜଣେ ସ୍ୱାମୀ କେବେ ନିଜ ସ୍ତ୍ରୀକୁ ପଣ୍ୟ ଭାବରେ ବ୍ୟବହାର କରିପାରେ? ସତରେ କ'ଣ ପିଶା ଓ ପଶାଖେଳ ମଣିଷକୁ ଅମଣିଷ କରିପାରେ ଏବଂ ଏତେ ନିମ୍ନ ସ୍ତରକୁ ନେଇପାରେ। ତେବେ କଥାରେ ସାରମର୍ମ ବୁଝିବା ବା ଭାବିବା ପୂର୍ବରୁ ନିଦ ଆସିଯାଇଥିଲା କ୍ଲାନ୍ତ ଆଖିକୁ?

ସକାଳୁ ପାର୍କରେ ମର୍ଣ୍ଣିଂୱାର୍କରେ ଦେଖାହେଲେ ଘରପାଖ ପତିବାବୁ। ଦୁଇବନ୍ଧୁ ଘରକୁ ଫେରିବା ବାଟରେ ଟିକିଏ ବିଶ୍ରାମ ନେବା ଓ ଚା'ପାନ କରିବା ଉଦ୍ଦେଶ୍ୟରେ ଘରପାଖ ଓମଫେଡ ଦୋକାନରେ ପହଞ୍ଚିଲେ। ଗତକାଲିର ଖବର ଓ କୁନାବୋଉଙ୍କ ପ୍ରଶ୍ନ ବିଷୟରେ କହିଲେ। ପତିବାବୁ ଚା' ଢୋକଟା ନେଇ କହିଲେ, ବୁଝିଲେକି ଆଜ୍ଞା, ମୋର ଯେତିକି ଜ୍ଞାନ, ସମୟର ଚକ ବୁଲୁଛି ଓ ସେହି ଅନୁସାରେ ଦେଖିବାକୁ ଗଲେ ଏଇ କଳିଯୁଗ ପରେ ସତ୍ୟଯୁଗ ଆସିବା କଥା। ତେବେ ସତ୍ୟଯୁଗଟା ସ୍କିପ କରି ଡାଇରେକ୍ଟ ଦ୍ୱାପର କେମିତି ଆସିଲା? ତ୍ରେତୟା କୁଆଡେଗଲା। କଥାଟା ଯେତିକି ହାଲୁକାରେ ପତିବାବୁ ନେଲେ, ଚା' ଦୋକାନୀ ନେଇ ପାରିଲାନି। କହିଲା, ବୁଝିଲେ ସାଆରେ, ଘୋର କଳି ଏଇଟା। ଅପଗଣ୍ଡ ନିଜ ପରିବାରର ଇଜ୍ଜତକୁ ଏମିତି ନିଲାମ କରୁଛନ୍ତି। ଏଇ ଅବସ୍ଥାରେ ଘରେ ଝିଅଟିଏ ଥିଲେ ଡର ଲାଗୁଛି। ସ୍ୱାମୀ ତା' ସ୍ତ୍ରୀକୁ ରକ୍ଷା କରିବ କ'ଣ ବିକୁଛି। ଏଗୁଡାଙ୍କୁ ନର୍କରେ ବି ସ୍ଥାନ ନାହିଁ। ଆର କଲୋନୀର ପାକେଲା ବାଳିଆ ସାହଙ୍କୁଡ଼ାର ସବୁଥିରେ ମାମଲାଟି। ସେ କହିଲେ, ଆରେ ଏଇଟା ହାଇବ୍ରିଡହ ଯୁଗ, ଏଠି ସତ୍ୟ, ତ୍ରେତୟା, ଦ୍ୱାପର ସବୁଥିର ମିକ୍ସଚର। କଥାଟା ଆହୁରି ହାଲକେଇ ଦେଲେ ପତିବାବୁ, କହିଲେ, ବୁଝିଲେକି ଆଜ୍ଞା, ଏଇଟା ପିଓର ସତ୍ୟଯୁଗର ଏଣ୍ଟ୍ରି ଷ୍ଟେଜ। ଯୁଧିଷ୍ଠିରତ ସତ୍ୟ ଏବଂ ଧର୍ମର ପ୍ରତୀକ, ତେଣୁ ତାଙ୍କୁ ବ୍ରାଣ୍ଡ ଆମ୍ବାସଡର କରି ସତ୍ୟଯୁଗ ଫେରିବ ବୋଧେ। ତେବେ ସବୁକଥା ଶୁଣି, କ୍ଷୀର ପକେଟଟା ଧରି ଘରକୁ ଫେରିବା ବାଟରେ କୁନାବାପା ଭାବୁଥାନ୍ତି। ସତରେ, ନିଶା ଓ ପଶା ଆଜିକାଲି ମଣିଷଙ୍କ ସଂଖ୍ୟା କମେଇବାରେ ବ୍ୟସ୍ତ। ନହେଲେ, ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମକୁ ସାଥିହେବାର ପ୍ରାଣ କରିଥିବା ଲୋକଟେ, କ'ଣ ନିଜ ସ୍ତ୍ରୀକୁ ବିକି ପାରନ୍ତା? ସର୍ବେ ଭବନ୍ତୁ ସୁଖୀନଃ।

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**

## ବର୍ଷା


ଶ୍ୱେତପଦ୍ମା ଲେଙ୍କା

ଯେତେବେଳେ ବର୍ଷା ଆସେ
ଆଶ୍ରା ନେବାକୁ ହୁଏ ପ୍ରାସାଦରେ, କୁଡିଆରେ
କାହାକୁ ଲୁଚିବାକୁ ପଡେ ଗୁମ୍ଫା ଭିତରେ
କିନ୍ତୁ କେବେ ବର୍ଷାରେ ମାନେ ନାହିଁ ମନ
ତୁମେ କ'ଣ ସେଇ ବୋଲି ପ୍ରଶ୍ନଟେ ପଚାରେ।




ସେଇ ଅଳିକ ଭାବନାରେ
କେବେ କେବେ ଦେଖିପାରେ
ସୀମାହୀନ ଆକାଶର କୋଳେ ତୁମକୁ
ଅନ୍ତହୀନ ସେ ଇଲାକାରେ
ଝରି ଯାଉଥାଏ ମୋ ଆଖିର ଅଶ୍ରୁ କେତେ କେତେ।
ମନ ବନ ଦଗ୍ଧ ହେଲା ବେଳେ
ତୁମ ଆକାଶରେ ରଙ୍ଗୀନ୍ ବିଜୁଳି
ସ୍ତୁପ ସ୍ତୁପ ମେଘ ମାଳା, ଶୂନ୍ୟ ସ୍ୱପ୍ନ
ମୋ ଜୀବନ ମୁର୍ମୁଷୁ କରି ନିଦ ଭାଙ୍ଗିଦିଏ।

*ବଲାଙ୍ଗୀର-୭୬୭୦୦୧*

## ଅନ୍ତରାଳେ

ନୃସିଂହ ଚରଣ ବେହେରା



**ଛା**ତ୍ର ଜୀବନରୁ କବିତା ଏବଂ କ୍ଷୁଦ୍ରଗଳ୍ପ ଲେଖିବା ମୋହନର ଗୋଟିଏ ଅଭ୍ୟାସ । ସେ ଅନେକ ଦିନୁ ଲେଖା ଲେଖି କରୁଥିଲେ ମଧ୍ୟ ତା'ର କୌଣସି ଲେଖା ପତ୍ର ପତ୍ରିକାରେ ପ୍ରକାଶ ପାଇନାହିଁ। ସେ ମଧ୍ୟ ଏ ଦିଗରେ କେବେ ଚେଷ୍ଟା କରିନାହିଁ । ତା'ର ଏକାନ୍ତ ଇଛା ଭବିଷ୍ୟତରେ କେବେ କବିତା କିମ୍ବା ଗଳ୍ପ ସଂକଳନ ପ୍ରକାଶ କରିବା ସେ ତା'ର ଲେଖା କାର୍ଯ୍ୟରେ କେବେ ତୃଟି କରିନାହିଁ। ନିୟମିତ ଲେଖେ। ଥରେ ତା'ର ଜଣେ ବନ୍ଧୁ କିଛି କବିତା ଓ ଗଳ୍ପକୁ ନେଇ କେତେକ ପୂଜା ସଂଖ୍ୟାରେ ପ୍ରକାଶ କରିବାକୁ ସକ୍ଷମ ହେଇଥିଲା । ଲେଖା ଗୁଡିକ ପାଠକ ମାନଙ୍କ ଦ୍ୱାରା ଆଦୃତ ହେଲା । ପ୍ରକାଶକ ମାନେ ଲେଖା ପ୍ରକାଶ କରିବାକୁ ଆଗେଇ ଆସିଲେ । ଏଥିରେ ମୋହନର ଉତ୍ସାହ ବଢିଲା ଓ ଲେଖା ଲେଖି ଚାଲିଥାଏ ।

ବିବାହ ବନ୍ଧନରେ ବାନ୍ଧିହୋଇ ସଂସାରିକ ଜୀବନରେ ଲେଖିବାର ଗତି କମିଗଲା ସତ ବନ୍ଦ ହେଲାନାହିଁ । ଚାକିରି କାଳରେ କେତେ ଯାଗାକୁ ବଦଳି ହେଲା । ପିଲାମାନଙ୍କ ପାଠ ପଢାରେ ଅସୁବିଧା ହେଲେବି ସଂସାର ଠିକ୍ ଚାଲିଥାଏ । ପିଲାମାନଙ୍କର ପାଠ ପଢା ପ୍ରାୟ ଶେଷ ହେବା ଉପରେ। ବଡଝିଅ ପାଇଁ ବରପାତ୍ର ଖୋଜା ଚାଲିଛି, ମାତ୍ର ସ୍ଥିର ହୋଇ ପାରୁ ନଥାଏ । କାହାର ଜାତକ ମିଳୁନାହିଁ ତ କିଏ ଅଧିକ ଯୌତୁକ ମାଗୁଛି । ସ୍ତ୍ରୀଙ୍କର ଇଛା ଡାକ୍ତର କିମ୍ବା ଇଂଜିନିୟର ଦରକାର । କିନ୍ତୁ ମୋହନ କ'ଣ କରିପାରିବ ? ବନ୍ଧୁମାନେ ଆଶ୍ୱସନା ଦେଇ କହୁଛନ୍ତି ବେଳ ଆସିଲେ ଆପେ ଆପେ ଠିକ୍ ହୋଇଯିବ । ବ୍ୟସ୍ତ ହେବାର କିଛି ନାହିଁ। ଶ୍ରୀମତୀ କୁହନ୍ତି ମୋହନ ଅପଦାର୍ଥ, ଅଫିସ ଭଲ ତ ସବୁ ଭଲ। ଅନ୍ୟ ବନ୍ଧୁ ବାନ୍ଧବଙ୍କ ସହିତ ସମ୍ପର୍କ ନକହିଲେ ଭଲ । ତିନି ବର୍ଷ ତଳେ ବିବାହର ରୋପ୍ୟ ଜୟନ୍ତି ପାଳିତ ହୋଇଛି ।

ଦିନକର କଥା,ଗୋଟିଏ ପତ୍ରିକାରେ ସଂପାଦକ ଟେଲିଫୋନ୍ କରି କହିଥିଲେ ଲେଖାଟିଏ ପଠାଇବା ପାଇଁ । ସେ ମୋହନର ଲେଖା ଗୁଡିକ ସବୁବେଳେ ପ୍ରକାଶ କରନ୍ତି । କ୍ଷୁଦ୍ର ଗଳ୍ପଟିଏ ଲେଖା ସରିଥାଏ,କବିତାଟିଏ ଲେଖିଲେ କାମ ସରିଯିବ । ତେଣୁ ସେ କବିତା ଲେଖିବାରେ ଲାଗିଗଲେ । ପଦଟିଏ ଲେଖାହେଲା-

"କଲମୁ ସରିଛି କାଳି ଲଖନୀ ମୋ ସରିଛି
ମନର ମାନସୀ ମୋର ବହୁଦିନୁ ମରିଛି ।"


ଏତିକିବେଳେ ଟେଲିଫୋନ୍‌ର ଘଣ୍ଟି ବାଜି ଉଠିଲା । ମୋହନ କବିତା ଛାଡି ଟେଲିଫୋନ ଧରିଲେ। ବନ୍ଧୁ ଯଦୁବାବୁ ଫୋନ୍‌ରେ ଜଣାଇ ଦେଲେ ଶୀଘ୍ର ଅଫିସକୁ ଯିବାପାଇଁ କାରଣ ବଡ ହାକିମ ପରିଦର୍ଶନରେ ଆସିବେ । ଟେଲିଫୋନ ପାଇବା ପରେ ମୋହନର ବ୍ୟସ୍ତତା ବଢିଗଲା । ସେ ଆଉ ଡେରି ନକରି ସିଧା ଗାଧୁଆ ଘରକୁ ଯାଇ ନିତ୍ୟକର୍ମ ସାରି ଖାଇ ଦେଇ ଅଫିସ୍‌କୁ ଚାଲିଗଲେ ।

ଅଫିସ୍ ଛୁଟିପରେ ଘରକୁ ଆସି ପୋଷାକ ବଦଳାଇ ଚୌକି ଉପରେ ବସି କପେ ଚା' ପାଇଁ ଅପେକ୍ଷା କରିଥାନ୍ତି ମୋହନ । କିଛି ସମୟ ପରେ ଖାଲି ହାତରେ ଝଡ ବେଗରେ ଛୁଟି ଆସିଲେ ଘରଣୀ । ମୁହଁ ଫଣଫଣ,ନାକ ସଣ ସଣ କରି ଝାଡି ଦେଇଗଲେ କେତେ କ'ଣ । ମୋହନ କିଛି ବୁଝି ପାରୁନଥାନ୍ତି । ପଚାରିଲେ ଶ୍ରଦ୍ଧାରେ କ'ଣ ହୋଇଛି ? କାହିଁକି ଏ ଅବତାର ? ଆଉ ଭଲ ଲେକି ଦେଖାନି କହି ମନଇଛା ଝାଡି ଚାଲିଲେ ଘରଣୀ । ବୁଡି ବୁଡି ପାଣି ପିଉଛନ୍ତି ଯେମିତି କିଛି ଜାଣି ପାରୁ ନାହାନ୍ତି । ଗୋଟେ ପଣେ ତୁଳସୀ ଇତ୍ୟାଦି କେତେ କ'ଣ କହି ଚାଲିଥାନ୍ତି । ଏ କଥା ଶୁଣି ମୋହନର ଧୈର୍ଯ୍ୟର ବାଲିବନ୍ଧ ଭୁଷୁଡି ପଡିଲା ଏବଂ ବିରକ୍ତି ମିଶା ରାଗରେ କହିଲା ବନ୍ଦ କର ଏ ନାଟକ । କ'ଣ ହୋଇଛି କୁହ ! ସଙ୍ଗେ ସଙ୍ଗେ ଘର ଭିତରକୁ ଦୌଡିଯାଇ ଖଣ୍ଡେ କାଗଜ ଦେଖାଇ କହିଲେ ଏ ମନର ମାନସୀ କିଏ ? ମୁଁ ଘଟଣାକୁ ଠଉରାଇ କିଛି କହିବା ପୂର୍ବରୁ ପଡୋଶୀ ରୀନାବୋଉକୁ ଲକ୍ଷ୍ୟକରି ଶ୍ରୀମତୀ କହିଲେ ଓ ତାକୁ ତାହାହେଲେ ପ୍ରେମ କରୁଛ । ଏ କଥା ଶୁଣି ମୋହନର ରକ୍ତ ଗରମ ହୋଇଗଲା । ଯାହା ସହିତ ଦିନେ ପାଇଁ କଥାବାର୍ତ୍ତା ହୋଇ ନାହିଁ ଯଦିଓ ତାଙ୍କ ବିଷୟରେ ନାନା କଥା ଶୁଣାଯାଏ। ତାଙ୍କୁ ଲକ୍ଷ୍ୟକରି ଆଖେପ କରିଥିବାରୁ ମୋହନ ଅସମ୍ଭାଳ ହୋଇ କହିଲା ଚୁପ୍‌କର, ଦୀର୍ଘ ୨୮ ବର୍ଷର ବିବାହିତ ଜୀବନ ପରେ ଆଜି ଏକଥା କହି ପାରିଲ, ତୁମକୁ ଲଜ୍ଜ୍ୟା ନାହିଁ ? ଶିକ୍ଷା ନାହିଁ ବୋଲି ଦୀର୍ଘଦିନର ଅନୁଭୂତିରୁ କ'ଣ କିଛି ଶିକ୍ଷା ଲାଭ କରିନ ? ମନେରଖ ଯଦି ଆଉ କେବେ ଏପରି ବ୍ୟବହାର କର ତେବେ ସେ ଦିନ ମତେ ଚିହ୍ନିବ ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨*
*ଫୋନ-୯୦୯୦୪୫୯୭୪୫*








ବେଦାନ୍ତ ବୈଭବ ପଣ୍ଡା

ଷ୍ଟାଣ୍ଡାର୍ଡ-୮
ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲ
ନିମାପଡା, ପୁରୀ






ସୋନାଲ ଚିନ୍ମୟ ସାହୁ
ଷ୍ଟାଣ୍ଡାର୍ଡ-...
କେମ୍ବ୍ରିଜ୍ ସ୍କୁଲ, ଠାକୁର କମ୍ପ୍ଲେକ୍ସ, କାନ୍ଦିଭାଲି-ଇଷ୍ଟ, ମୁମ୍ବାଇ

# ସିଆଇଆଇ ସହ ସମ୍ପର୍କ ଛିନ୍ନ କଲା ଓଡ଼ିଶା

**ଭୁବନେଶ୍ୱର :** ଓଡ଼ିଶାରେ ପୁଞ୍ଜିନିବେଶ ପ୍ରୋତ୍ସାହନ ଗତିବିଧି ଓ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ଉଦ୍ୟୋଗୀ ସହଯୋଗୀ ଥିବା ଭାରତୀୟ ବାଣିଜ୍ୟ ମହାସଂଘ (ସିଆଇଆଇ) ସହ ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି ଓଡ଼ିଶା ସରକାର। ଏନେଇ ଶିଳ୍ପ ବିଭାଗ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିଳ୍ପ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କ ସ୍ୱାକ୍ଷରରେ ଜୁନ୍ ୮ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ୨୦୧୫ ଅକ୍ଟୋବର ୧ ତାରିଖର ବିଜ୍ଞପ୍ତିରେ ସଂଶୋଧନ କରିଛନ୍ତି। ଯେଉଁଥିରେ ଓଡ଼ିଶାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଗତିବିଧି ଓ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ସିଆଇଆଇ ସହଯୋଗୀ ରହିଥିଲା। ନୂଆ ବିଜ୍ଞପ୍ତି ଅନୁସାରେ ସିଆଇଆଇକୁ ଏହି କାର୍ଯ୍ୟରୁ ଦାୟିତ୍ୱମୁକ୍ତ କରାଯାଇଛି। ଚଳିତବର୍ଷ ନଭେମ୍ବର ମାସରେ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ରେ ଉଦ୍ୟୋଗୀ ସହଯୋଗୀ ଭାବେ ସିଆଇଆଇ ବଦଳରେ ଅନ୍ୟ କୌଣସି ସଂସ୍ଥାକୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ଏହି ଦୌଡ଼ରେ 'ଆସୋଚାମ୍' ଆଗରେ ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ ୪ତାରିଖରେ ସିଆଇଆଇ ଓଡ଼ିଶା ପରିଷଦର ଅଧ୍ୟକ୍ଷ ରାଜ୍ୟ ଶିଳ୍ପ ସଚିବଙ୍କୁ ଚିଠି ଲେଖି ମେକ୍ ଇନ୍ ଓଡ଼ିଶା-୨୦୧୮ କନ୍‌କ୍ଲେଭ୍‌ରେ ଉଦ୍ୟୋଗୀ ସହଯୋଗୀ ସିଆଇଆଇ ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ଯାହାକୁ ନେଇ ସେତେବେଳେ ରାଜନୀତିକ ହଟଚମଟ ସୃଷ୍ଟି ହୋଇଥିଲା। ତେବେ ମେ' ୧୦ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ସଚିବ ଶ୍ରୀ ଚୋପ୍ରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ସିଆଇଆଇ ପୁଣିଥରେ ଏହି କାର୍ଯ୍ୟକ୍ରମରେ ସହଯୋଗୀ ହେବାକୁ ଇଚ୍ଛା ପ୍ରକାଶ କରିଛି। ଭୁଲ୍ ବୁଝାମଣା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସିଆଇଆଇ ଆନୁଷ୍ଠାନିକ ଭାବେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରିଥିଲା। ତେବେ ସିଆଇଆଇ ପୁଣିଥରେ ସହଯୋଗୀ ରହିବ କି ନାହିଁ ସେ ନେଇ ଶ୍ରୀ ଚୋପ୍ରା କିଛି ସ୍ୱଷ୍ଟ କରିନଥିଲେ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ସହଯୋଗୀ ହେବାକୁ ଅନ୍ୟ ୨-୩ଟି ସଂସ୍ଥା ଆଗ୍ରହ ବ୍ୟକ୍ତ କରିଛନ୍ତି ବୋଲି କହିଥିଲେ। ତେବେ ଚଳିତମାସ ୮ ତାରିଖରେ ସିଆଇଆଇକୁ ସରକାର ରାଜ୍ୟରେ ପୁଞ୍ଜିନିବେଶ ପାଇଁ ପ୍ରୋତ୍ସାହନମୂଳକ ଗତିବିଧି ଓ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ କାର୍ଯ୍ୟକ୍ରମରୁ ବାଦ୍ ଦେଇଛନ୍ତି।

## ରାସ୍ତା କାମରେ ଦୁର୍ନୀତି ଭିଜିଲାନ୍ସ ତଦନ୍ତ ଦାବି

**ଖୋରଧା :** ଗମନା ଗମନର ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଅନେକ ସ୍ଥାନରେ ଠିକାଦାରମାନଙ୍କ ମନ ମୁଖି କାର୍ଯ୍ୟ ଯୋଗୁଁ ରାସ୍ତା ନିର୍ମାଣର ଅଳ୍ପ ଦିନ ପରେ ପିଚୁ ଉଠି ନଷ୍ଟ ହୋଇ ଯାଉଛି। ଫଳରେ ରାସ୍ତା ନଥିବା ବେଳେ ଲୋକମାନେ ଯେତିକି ହଇରାଣ ହେଉଥିଲେ ରାସ୍ତା ନିର୍ମାଣର କିଛି ଦିନ ପରେ ନଷ୍ଟ ହୋଇଯିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢି ଯାଉଛି। ଖୋରଧା ବ୍ଲକ୍ ଅଧିନସ୍ଥ ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁମୋଦନର ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ଅନୁଦାନ ଅର୍ଥକୁ ହଡ଼ପ କରି ଠିକାଦାରମାନେ ନିମ୍ନମାନର କାର୍ଯ୍ୟ କରୁଥିବା ଦେଖାଯାଉଛି। ନିକଟରେ ଖୋରଧା ଗୁରୁଜଙ୍ଗ ଠାରୁ କୁମାରବସ୍ତ ଦେଇ ପିତାପଲ୍ଲୀ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣା ବେକ୍ଷଣା ନିମନ୍ତେ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାର କିଛି ଦିନ ପରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ପିଚୁ ଉଠିଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ଫଳକ ଲେଖାଯାଇ ନାହିଁ ଏବଂ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ମହାଶୟ କୌଣସି ଉତ୍ତର ଦେଇ ପାରି ନଥିଲେ। ଏ ସମ୍ପର୍କରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଦାବି ହେଉଛି।

## ମଦ ଦୋକାନକୁ ବିରୋଧ : ଆନ୍ଦୋଳନ ତୀବ୍ରତର





**ମାର୍ଶାଘାଇ :** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ବଜାରରେ ଥିବା ମଦ ଦୋକାନ ବିରୋଧରେ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ବୁଧବାର ଅଙ୍ଗୁଳାଇ ସରପଞ୍ଚ ଏବଂ ସମିତିସଭ୍ୟଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ମଦ ଦୋକାନ ଉଚ୍ଛେଦ ଦାବିରେ ଅଙ୍ଗୁଳାଇ -ଓରତ ରାସ୍ତା ଅବରୋଧ କରିବା ସହିତ ମହାତ୍ମା ଗାନ୍ଧିଙ୍କ ଫଟୋ ରଖି ବେଦେଶୀ ମଦ ଦୋକାନ ଆଗରେ ଅନଶନରେ ବସିଥିଲେ।ମଦ ଦୋକାନର ମାଲିକ ମନ୍ମଥ ସାହୁ ଘଟଣା ସ୍ଥଳରେ ପହଞ୍ଚିବାରୁ ଉତ୍ୟକ୍ତ ଲୋକେ ତାଙ୍କୁ ମାଡ ମାରି କ୍ଷତାକ୍ତ କରିଥିଲେ। କେନ୍ଦ୍ରାପଡା ଡିଏସପି କାର୍ତ୍ତିକ ମଲିକ ଏବଂ ମାର୍ଶାଘାଇ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହିତ ଏକ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ଏବଂ ମଦ ଦୋକାନ ସେପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପ୍ରତିଶୃତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଗୁରୁବାର ସକାଳୁ ମଦ ଦୋକାନ କର୍ମଚାରୀ ଆସି ଦୋକାନ ଖୋଲିବାରୁ ସରପଞ୍ଚ ଦୁର୍ଗାବତୀ ଏହାକୁ ବିରୋଧ କରିଥିଲେ।ସରପଞ୍ଚଙ୍କ ସ୍ୱାମୀଙ୍କୁ କର୍ମଚାରୀ ଜଣକ ମାଡ ମାରିଥିଲେ ।ଏହା ଦେଖି ସରପଞ୍ଚଙ୍କ ସମର୍ଥକ ଏବଂ ଗ୍ରାମବାସୀ ଉକ୍ତ କର୍ମଚାରୀଙ୍କୁ ନିସ୍ଥୁକ ମାଡ ମାରିବା ସହିତ ଅଚେତ ଅବସ୍ଥାରେ ମଦ ଦୋକାନରେ ପକାଇ ଦେଇଥିଲେ। ମଦ ଦୋକାନ ଭଙ୍ଗାରୁଜା କରିଥିଲେଏବଂ ମଦ ବୋତଲ ଲୁଟି ନେଇଥିଲେ।ଅଚେତ ଅବସ୍ଥାରେ ପଡି ରହିଥିବା ମଦ ଦୋକାନ କର୍ମଚାରୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲ ମଧ୍ୟ ଯିବାକୁ ଦେଇ ନ ଥିଲେ ଆନ୍ଦୋଳନକାରୀ। ଘଟଣା ସ୍ଥଳରେ ସଦର ଥାନା ଆଇଆଇସି କାବୁଲି ବାରିକ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରି ଏବଂ ନିଜେ ମଦ ଦୋକାନ ସିଲ କରିବାର ପ୍ରତିଶୃତି ଦେବା ପରେ ସ ଜ୍ଞାହୀନ ଅବସ୍ଥାରେ ପଡିଥିବା କର୍ମଚାରୀଙ୍କୁ ପୋଲିସ ଗାଡି ଯୋଗେ କେନ୍ଦ୍ରାପଡା ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଏହି ଘଟଣାରେ ମଦ ଦୋକାନର ମାଲିକଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇ କେନ୍ଦ୍ରାପଡା ମେଡିକାଲରେ ୨ଜଣ ଚିକିତ୍ସିତ ହେଉଥିବା ବେଳେ ଅଙ୍ଗୁଳାଇ ସରପଞ୍ଚଙ୍କ ସ୍ୱାମୀ ମାଧବାନନ୍ଦ ପାତ୍ର ଆହତ ହୋଇ କୁରୁତୁଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଦେଶୀ ଓ ବିଦେଶୀ ଦୁଇଟି ମଦ ଦୋକାନ ଥିବା ବେଳେ ବିଦେଶୀ ମଦ ଦୋକାନକୁ ବିରୋଧ କରି ଏଭଳି ଘଟଣା ଘଟିଥିବା ବେଳେ ଦେଶୀ ମଦ ଦୋକାନକୁ ନେଇ କୌଣସି ବିରୋଧ ଦେଖିବାକୁ ମିଳି ନ ଥିଲା।ଅପରାହ୍ନ ୩ ଟା ପରେ ଘଟଣା ସ୍ଥଳରେ କେନ୍ଦ୍ରାପଡା ଆଡିସନାଲ ଏସପି ବିକାଶ ଦାସ ଏବଂ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ ଏକ ପ୍ଲାଟୁନ ଫୋର୍ସ ସହିତ ପହଞ୍ଚି ମଦ ଦୋକାନ ସିଲ୍ କରିଥିଲେ। ଆସନ୍ତା ସୋମବାର ସରପଞ୍ଚ ଏବଂ ଜିଲ୍ଲାପାଳଙ୍କ ମଧ୍ୟରେ ଆଲୋଚନା ହେବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଆନ୍ଦୋଳନ କାରୀଙ୍କୁ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶରେ ଏକକ ...

ପାଇଁ ଏହି ପଦକ୍ଷେପଗୁଡ଼ିକ ଅତି ଜରୁରି ବୋଲି ମୋଦି କହିଛନ୍ତି। ଦେଶର ବିକାଶରେ ଐତିହାସିକ ପରିବର୍ତ୍ତନ ଆଣିବା ପାଇଁ ନୀତି ଆୟୋଗର ପରିଚାଳନା ପରିଷଦ ଏକ ପ୍ଲାଟ୍‌ଫର୍ମ ବୋଲି ସେ କହିଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ୟା ପରିସ୍ଥିତିର ମୁକାବିଲା ଲାଗି କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେବେ। 'ଟିମ୍ ଇଣ୍ଡିଆ' ସମବାୟ ଓ ପ୍ରତିଯୋଗିତାମୂଳକ ସଂଘୀୟ ବ୍ୟବସ୍ଥା ଆଧାରରେ କାର୍ଯ୍ୟ କରୁଥିବାରୁ ଏହି ପରିଷଦ ଶାସନ କ୍ଷେତ୍ରରେ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛି। ନୀତି ନିର୍ଦ୍ଧାରଣରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କର ପ୍ରମୁଖ ଭୂମିକା ରହୁଛି। ସ୍ୱଚ୍ଛ ଭାରତ ମିଶନ, ଡିଜିଟାଲ କାରବାର ଓ କୌଶଳ ବିକାଶ ଭଳି ପ୍ରସଙ୍ଗରେ ଉପ-ଗୋଷ୍ଠୀ ଓ କମିଟିଗୁଡ଼ିକ ଜରିଆରେ କାର୍ଯ୍ୟ କରାଯାଉଛି। ଏହି ଉପ-ଗୋଷ୍ଠୀଗୁଡ଼ିକର ସୁପାରିସ୍ ଆଧାରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଲେ, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ୧.୫ ଲକ୍ଷ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଉଛି। ୧୦ କୋଟି ପରିବାରଙ୍କୁ ସ୍ୱାସ୍ଥ୍ୟ ଓ ଚିକିତ୍ସା ବାବଦରେ ପ୍ରତି ବର୍ଷ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ଶିକ୍ଷା କ୍ଷେତ୍ରରେ ଏକ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ମୁଦ୍ରା ଯୋଜନା, ଜନଧନ ଯୋଜନା ଓ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ ଭଳି ଯୋଜନାଗୁଡ଼ିକ ଅଧିକ ଆର୍ଥିକ ଅନ୍ତର୍ଭୁକ୍ତିରେ ସହାୟକ ହେଉଛି। ଆର୍ଥିକ ଅସନ୍ତୁଳନ ଦୂର କରିବା ପାଇଁ ଏହା ନିହାତି ଆବଶ୍ୟକ। ୧୧୫ଟି ଲକ୍ଷ୍ୟଭିତ୍ତିକ ଜିଲ୍ଲାରେ ମାନବ ବିକାଶର ପାରାମିଟରଗୁଡ଼ିକର ପରିପୂରଣ କରାଯାଉଛି। ଗ୍ରାମ ସ୍ୱରାଜ ଅଭିଯାନ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ଏକ ନୂଆ ମଡେଲ ଭାବରେ ଉଭା ହୋଇଛି। ଏହି ଯୋଜନା ୪୫ ହଜାର ଗ୍ରାମକୁ ସମ୍ପ୍ରସାରିତ କରାଯାଇଛି। ଭାରତରେ ଦକ୍ଷତା ଓ ସମ୍ବଳର ଅଭାବ ନାହିଁ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକ କେନ୍ଦ୍ରଠାରୁ ୧୧ ଲକ୍ଷ କୋଟି ଟଙ୍କା ପାଇବେ। ପୂର୍ବ ସରକାର ସମୟରେ ଏହାର ପରିମାଣ ୬ ଲକ୍ଷ କୋଟି ଟଙ୍କା ଥିଲା। ଅନୁଷ୍ଠିତ ନିତି ଆୟୋଗ ପରିଚାଳନା ପରିଷଦ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ବହୁ କେନ୍ଦ୍ରମନ୍ତ୍ରୀ ଓ ନିତି ଆୟୋଗର ଅଧିକାରୀମାନେ ଯୋଗ ଦେଇଥିଲେ।

### ଆଉ ସପ୍ତାହେ ...

ଯୋଗାଇବାକୁ ପରାମର୍ଶ ଦେଇଛି। ତଳିକୁ ସିଧାସଳଖ ପ୍ରଖର ସୂର୍ଯ୍ୟକିରଣରୁ ସୁରକ୍ଷା ନିମନ୍ତେ ଜମିକୁ ଡାଳଆଦି ଛାମୁଣ୍ଡିଆରେ ଆଚ୍ଛାଦିତ କରିବାକୁ କୁହାଯାଇଛି। ଏହି ଗରମ ଶୁଖିଲା ପାଗ ଜୁନ୍ ୨୫ତାରିଖ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଅଛି ବୋଲି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଜାରି କରାଯାଇଛି। ସେହିପରି ୟୁଏନ୍‌ଡିପି ଓ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ସିଏଚ୍‌ଆଇ ରିପୋର୍ଟ ଅନୁସାରେ ଓଡ଼ିଶା ପ୍ରତି ସର୍ବାଧିକ ବିପଦ ସାଇକ୍ଲୋନ୍(ବାତ୍ୟା) ନୁହେଁ ବରଂ ହିଟ୍‌ୱେଭ୍‌ରୁ ରହିଛି। ରିପୋର୍ଟରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ସବୁଠୁ ଉତ୍ତପ୍ତ ରାଜ୍ୟ ହେବାର ଆଶଙ୍କା ବ୍ୟକ୍ତ କରାଯାଇଛି। ସିଏଚ୍‌ଆଇ ରିପୋର୍ଟ ଅନୁସାରେ ହିଟ୍‌ୱେଭ୍ ଇଣ୍ଡେକ୍ସ ଅନୁସାରେ ଓଡ଼ିଶା ୬.୯୫ ଅଙ୍କ ସହ ଦେଶର ସବୁଠୁ ଉତ୍ତପ୍ତ ରାଜ୍ୟ ହେବାକୁ ଯାଉଛି। ଏନ୍‌ଓଏଏ ଶୈଳୀ ଆପଣାଇ ରାଜ୍ୟର ବିଭିନ୍ନ ଜିଲ୍ଲାର ତାପମାତ୍ରା ଓ ଆଦ୍ରତାକୁ ଆକଳନ କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ହାରାହାରି ତାପମାତ୍ରା ଇଣ୍ଡେକ୍ସ ୫୪ ଅଙ୍କ ଉପରେ ରହିଛି। ଛତିଶଗଡ଼ ଓ ତେଲେଙ୍ଗାନ ପରେ ଓଡ଼ିଶା ପ୍ରତି ବଜ୍ରପାତରେ ମଧ୍ୟ ଅଧିକ ବିପଦ ରହିଛି। ୨୦୧୫ରୁ ୨୦୧୭ ମସିହା ମଧ୍ୟରେ ବଜ୍ରପାତରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ତାତିକୁ ଅନୁମାନ କରି ୧୮ ତାରିଖରେ ଖୋଲାଯିବାକୁ ଥିବା ବିଦ୍ୟାଳୟ ଗୁଡିକର ଖୋଲିବା ତାରିଖ ୨୧ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ସେହିଭଳି ଜୁନ ପ୍ରଥମାର୍ଦ୍ଧରେ ଅଧିକ ସକ୍ରିୟ ରହିବା ପରେ ମୌସୁମୀ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି। ତେବେ ଆସନ୍ତା ୪-୫ ଦିନ ମଧ୍ୟରେ ଏହା ପୁଣି ଥରେ ସକ୍ରିୟ ହେବ ବୋଲି କହିଛି ଭାରତୀୟ ପାଣିପାଗ ବିଭାଗ। ମୌସୁମୀ ପ୍ରବାହରେ ମଝିରେ ମଝିରେ ଏଭଳି ମାନ୍ଦାବସ୍ଥା ସୃଷ୍ଟି ହେବା ସ୍ୱାଭାବିକ ବୋଲି ବିଭାଗ ତରଫରୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମ ମୌସୁମୀର ଉତ୍ତର ସୀମା ଥାନେ, ମୁମ୍ବାଇ, ଅହମଦନଗର, ଅମରାବତୀ, ବୁଲଧାନା, ଗୋନ୍ଦିଆ, ଟିଟଲାଗଡ଼, କଟକ, ମିଦନାପୁର, ଗୋଆଲପଡ଼ା ଓ ବାଗଦୋଗଡ଼ା ଦେଇ ଗତି କରିବାରେ ଲାଗିଛି। ଯାହା ଫଳରେ ଏହା ଆଗକୁ ମୌସୁମୀ ଗତି କରିପାରି ନାହିଁ।

### ଏଣିକି ଆତଙ୍କବାଦୀ ...

ବାହିନୀକୁ ଟାର୍ଗେଟ୍ କରିବା ସତ୍ତ୍ୱେ ଯବାନମାନେ ଯଥେଷ୍ଟ ସଂଯମ ଆଚରଣ କରି ମୁସ୍‌ଲିମ୍ ଭାଇଭଉଣୀମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ରମ୍‌ଜାନ୍ ପାଳନ କରିବାକୁ ସୁଯୋଗ ଦେଇଛନ୍ତି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, କେନ୍ଦ୍ରର ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବେ ବୋଲି ଆଶା କରାଯାଉଥିଲା। ସୁରକ୍ଷା ବାହିନୀ ଉଲ୍ଲେଖନୀୟ ସାହସିକତା ଓ ସଂଯମ ଆଚରଣ କରିଛନ୍ତି। ଅଥଚ ଆତଙ୍କବାଦୀମାନେ ସେମାନଙ୍କର ଆକ୍ରମଣରୁ ନିବୃତ ହୋଇନାହାନ୍ତି। ପୂର୍ବରୁ ଆତଙ୍କବାଦୀଙ୍କ ମୁକାବିଲା ଓ ହିଂସାକାଣ୍ଡ ରୋକିବା ପାଇଁ ବିହିତ ପଦକ୍ଷେପ ନେବାପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ସେମାନେ ଯଥାସାଧ୍ୟ ସଂଯମ ଆଚରଣ କରିଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସରକାର ଜମ୍ମୁ-କଶ୍ମୀରରେ ଆତଙ୍କ ଓ ହିଂସାମୁକ୍ତ ପରିବେଶ ସୃଷ୍ଟି ପାଇଁ ଉଦ୍ୟମ ଜାରି ରଖିବେ। ସବୁ ଶ୍ରେଣୀର ଶାନ୍ତିକାମୀ ଜନତା ଏକତ୍ର ହୋଇ ଆତଙ୍କୀଙ୍କୁ ଏକଘରକିଆ କରିବା ଉଚିତ। ଆତଙ୍କୀଙ୍କ ବିରୋଧରେ ଅପରେସନ ପୁଣି ଚାଲିବ। ଚଳିତ ବର୍ଷ ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ କଶ୍ମୀର ଉପତ୍ୟକାରେ ୫୫ ଜଣ ଆତଙ୍କୀ ଓ ୨୭ ଜଣ ସାଧାରଣ ନାଗରିକ ନିହତ ହେଲେଣି। ବିଗତ ୪ ମାସ ମଧ୍ୟରେ ୮୦ରୁ ଉର୍ଦ୍ଧ୍ୱ ହିଂସାକାଣ୍ଡ ଘଟିଲାଣି।

### ସଫଳତାର ...

ରାଜନୀତିକ ଓ ସାଂସ୍କୃତିକ ପରିଦୃଶ୍ୟର ପରିବର୍ତ୍ତନ ମଧ ଏହି ପୁସ୍ତକରେ ଉଲ୍ଲେଖ ରହିଛି। ଏଥିରେ ଓଡ଼ିଶାର ୮୦ବର୍ଷର ଯାତ୍ରାର ତଥ୍ୟକୁ ସଚିତ୍ର ଉପସ୍ଥାପିତ କରାଯାଇଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ସଂସ୍କରଣ ପ୍ରକାଶ କରିଛି, ଯାହାକି ଅନ୍ୟ କୌଣସି ରାଜ୍ୟ କରିନାହାନ୍ତି। ନୀତି ନିର୍ଦ୍ଧାରଣ, ଗବେଷକ ଓ ସ୍କଲାରଙ୍କ ପାଇଁ ଏହି ପୁସ୍ତକ ବେଶ୍ ଉପାଦେୟ ଦସ୍ତାବିଜ ସାବ୍ୟସ୍ତ ହେବ। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହୋଇଥିଲା। ଓଡ଼ିଆ ନେତୃତ୍ୱ ଯଥା ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଭୁବନାନନ୍ଦ ଦାସ ଓ ଅନ୍ୟମାନଙ୍କ ସହଯୋଗରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଛି। ବଜେଟ୍ ହେଉଛି କୌଣସି ସରକାରର ନୀତିର ପ୍ରତିବିମ୍ବ। ୧୯୩୬ ମସିହାରୁ ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଏପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ୮୦ଟି ବଜେଟ୍‌ରୁ ପ୍ରତିଫଳିତ ହେଉଛି। ୧୯୩୬-୩୭ ମସିହାରେ ରାଜ୍ୟର ବଜେଟ୍ ୧.୭୭କୋଟି ଟଙ୍କା ଥିବାବେଳେ ୨୦୧୮-୧୯ରେ ୧,୨୦,୦୨୮ କୋଟି ଟଙ୍କାରେ ପହଞ୍ଚିଛି। ବିଗତ ବର୍ଷଗୁଡ଼ିକରେ ରାଜ୍ୟର ଲୋକଙ୍କ କଲ୍ୟାଣ ଓ ବୃହତର ବିକାଶ ଲକ୍ଷ୍ୟକୁ ହାସଲ ପାଇଁ ବଜେଟ୍‌ରେ ସରକାରମାନେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ୨୦୧୩-୧୪ ମସିହାରୁ ରାଜ୍ୟରେ କୃଷି ବଜେଟ୍‌କୁ ଅଲଗା କରାଯାଇଛି। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ବଜ୍ରପାତ ସୂଚନା ...

ବ୍ୟବହାର କରାଯିବ। ସୂଚନା ମିଳିବା ମାତ୍ରେ ଲୋକମାନଙ୍କୁ ଏସ୍‌ଏମ୍‌ଏସ୍ ସହାୟତାରେ ସତର୍କ କରାଯିବ। ଏହାସହ ସୂଚନା ମିଳିବା ମାତ୍ରେ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ବିଭିନ୍ନ ସୋଶାଲ୍ ମିଡିଆ, ଟିଭି ଏବଂ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବେ। ଏଥିପାଇଁ ଏକ ମୋବାଇଲ୍ ଆପ୍ ମଧ ପ୍ରସ୍ତୁତ କରାଯାଇଛି। ବଜ୍ରାଘାତ କାରଣରୁ ଏପ୍ରିଲ ୨୦୧୦ ଠାରୁ ଏ ପର୍ଯ୍ୟନ୍ତ ୨ ହଜାର ୯୬୩ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଗତବର୍ଷ ଏହି କାରଣରୁ ୪୫୯ ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୦୧ ଜଣଙ୍କ ଜୀବନ ଗଲାଣି। ବିଗତ ପାଞ୍ଚଦିନ ମଧ୍ୟରେ ୨୨ ଜଣ ବ୍ୟକ୍ତି ଏବଂ ୨୬ଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ତେଣୁ ନିକଟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଲୋକମାନଙ୍କୁ ଆଗୁଆ ବଜ୍ରପାତ ସୂଚନା ଦେବା ପାଇଁ ନିଷ୍ପତ୍ତି କରାଯାଇଥିଲା। ତଦନୁସାରେ ଉକ୍ତ ଆମେରିକୀୟ କମ୍ପାନୀ ସହିତ ରାଜ୍ୟ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଆର୍ଥ ନେଟ୍‌ୱାର୍କ ସଂସ୍ଥା ପୂର୍ବରୁ ୫୦ଟି ଦେଶରେ ସକ୍ରିୟ ରହିଛି। ଭାରତର ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ କର୍ଣ୍ଣାଟକରେ ମଧ ଏହି ସଂସ୍ଥା କାମ କରୁଛି।

### ଅଗଷ୍ଟ ୧୫ରୁ ...

ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ମାଗଣା ଚିକିତ୍ସାସେବା ଉପଲବ୍ଧ ହେବ। ରାଜ୍ୟର ସ୍ୱାସ୍ଥ୍ୟାନୁଷ୍ଠାନଗୁଡିକରେ ବାର୍ଷିକ ପ୍ରାୟ ୪ କୋଟି ୮୪ ଲକ୍ଷ ରୋଗୀ-ଉପସ୍ଥାନକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ରୋଗ ପାଇଁ ବିନାମୂଲ୍ୟରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇ ଦିଆଯିବ। ତା'ଛଡ଼ା ପୂର୍ବରୁ ଲାଗୁ ହୋଇଥିବା ୟୁଜର୍ସ ଫି' ବ୍ୟବସ୍ଥା ମଧ ସମସ୍ତ ସରକାରୀ ଡାକ୍ତରଖାନାରୁ ଉଚ୍ଛେଦ ହେବ। ଅର୍ଥାତ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ମିଳୁଥିବା ସବୁପ୍ରକାର ସ୍ୱାସ୍ଥ୍ୟସେବା ଏଣିକି ନିଃଶୁଳ୍କ କରାଯିବ। ଏହି ଯୋଜନାରେ ଆର୍ଥିକ ଦୃଷ୍ଟିରୁ ପଛୁଆ ଓ ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ପରିବାରଗୁଡ଼ିକ ପାଇଁ ପ୍ରାଥମିକ ଚିକିତ୍ସା ସେବାଠାରୁ ଆରମ୍ଭ କରି ଶୀର୍ଷସ୍ତରୀୟ ଚିକିତ୍ସାସେବା ନିମନ୍ତେ ବର୍ଷକୁ ୫ ଲକ୍ଷ ଟଙ୍କାର ସୁବିଧା ମିଳିପାରିବ। ଏହାଦ୍ୱାରା ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତ ଅର୍ଥାତ ୭୦ ଲକ୍ଷ ପରିବାରଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ ହେବ। ଏହି ପରିବାରଗୁଡ଼ିକର ୩.୫ କୋଟି ଲୋକ ଏହି ଯୋଜନାରେ ସାମିଲ ହେବେ। ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ସେହିଦିନଠାରୁ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକୁ ଆସୁଥିବା ସମସ୍ତ ଗର୍ଭବତୀ ମହିଳା ଓ ଅସୁସ୍ଥ ଶିଶୁଙ୍କୁ ସ୍ୱାସ୍ଥ୍ୟାନୁଷ୍ଠାନରୁ ନିଜ ଘରକୁ ଫେରିବା ନିମନ୍ତେ ୫୦୦ ଟଙ୍କାର ଯାତାୟତ ଖର୍ଚ୍ଚ ପ୍ରଦାନ କରାଯିବ। ଏହା ଫଳରେ ବର୍ଷକୁ ୬କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ଅସୁସ୍ଥ ନବଜାତ ଶିଶୁ ଉପକୃତ ହେବେ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଜନିତ ଆର୍ଥିକ ବୋଝରୁ ମୁକ୍ତି ଦେବା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ରାଜ୍ୟ ବଜେଟ୍‌ରୁ ବିଭିନ୍ନ ପ୍ରକାର ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ କରାଯାଉଛି। ତନ୍ମଧ୍ୟରେ ରହିଛି ବିନାମୂଲ୍ୟରେ ଔଷଧ ବିତରଣ ପାଇଁ 'ନିରାମୟ', ନିଃଶୁଳ୍କ ରୋଗ ନିରୂପଣ ସେବା ପାଇଁ 'ନିଦାନ' ଓ ନିଃଶୁଳ୍କ ଡାୟାଲିସିସ୍ ସେବା ପାଇଁ 'ସହାୟ' ଆଦି ଯୋଜନା। ସେହିପରି ବିନାମୂଲ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ୧୦୮ ଓ ଜନନୀ ଏକ୍ସପ୍ରେସ୍ ୧୦୨ ସେବା ମଧ କାର୍ଯ୍ୟକାରୀ ହେଉଛି। ଦୁର୍ଗମ ଅଞ୍ଚଳରେ ଗର୍ଭବତୀ ମହିଳାମାନଙ୍କ ନିମନ୍ତେ ସରକାରୀ ଡାକ୍ତରଖାନାରେ ପ୍ରସବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ ଏକ ହଜାର ଟଙ୍କାର ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ କରାଯାଉଛି। ରକ୍ତ ସମସ୍ୟାରେ ଆକ୍ରାନ୍ତ ରୋଗୀମାନଙ୍କୁ ଯାତାୟତ ଖର୍ଚ୍ଚ ବାବଦରେ ମାସିକ ୫୦୦ ଟଙ୍କା ପ୍ରଦାନ, ବିନାମୂଲ୍ୟରେ କର୍କଟ ରୋଗୀମାନଙ୍କୁ ସେବାଯତ୍ନ କରାଯାଉଛି। ବିଭିନ୍ନ ପ୍ରକାର ସଂକ୍ରାମକ ଓ ଅଣ-ସଂକ୍ରାମକ ରୋଗ ପାଇଁ ମାଗଣା ଚିକିତ୍ସା ବ୍ୟବସ୍ଥା ହୋଇଛି। ଏତଦ୍‌ବ୍ୟତୀତ ବିଜୁ କୃଷକ କଲ୍ୟାଣ ଯୋଜନା, ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍) ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମ୍‌ଆର୍‌ଏଫ୍) ଜରିଆରେ ବିନାମୂଲ୍ୟରେ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରାଯାଉଛି। ରାଜ୍ୟରେ ଉପଲବ୍ଧ ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ, ଗୁଣାତ୍ମକ, ସୁଦୃଢ଼ ଓ ଅଧିକ ପ୍ରଭାବୀ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଉପରୋକ୍ତ ତିନୋଟି ନୂତନ କାର୍ଯ୍ୟକ୍ରମ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ମିଶନ୍‌କୁ ସଫଳ କରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।



**Bijay Kumar Singh**
Advocate

Odisha Govt. and Jagannath Temple Authority both are responsible.



**ଭାଗବତ ପରିଡା**
**ମୁମ୍ବାଇ**

ରାଜନୈତିକ ନେତାମାନଙ୍କର ଅତ୍ୟଧିକ ହସ୍ତକ୍ଷେପ ଯୋଗୁଁ ଶ୍ରୀମନ୍ଦିର ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହୋଇଛି।

**ପ୍ରଶାନ୍ତ ଚନ୍ଦ୍ର ଢେସୁ**

ସବୁ ବ୍ରାହ୍ମଣ (ସେବାୟତ ତଥା ଅନ୍ୟାନ୍ୟ ବିଭାଗର ବ୍ରାହ୍ମଣ ସବୁକୁ କାଢ଼ି) ଅନ୍ୟ ବର୍ଗର ଲୋକମାନଙ୍କୁ ଦାୟିତ୍ୱ ଦେଲେ ସବୁ ସମାଧାନ ହୋଇଯିବ। କାରଣ ଠକିଖିଆ ବ୍ରାହ୍ମଣ ଟିପି ନାକେ ଚନ୍ଦନ ଜାଣିବା ପରେ ବି ସରକାର ବା ଗଜପତି ଶୁଣୁନାହାନ୍ତି।



**ରଶ୍ମିରଞ୍ଜନ ମହାନ୍ତି**
**ସାମ୍ବାଦିକ, ନାଉଗାଁ, ଜଗତସିଂହପୁର**

ପୁରୀ ଶ୍ରୀମନ୍ଦିରରେ ଘଟିଥିବା ଘଟଣା ଏବେ ସାରା ରାଜ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି। ରତ୍ନଭଣ୍ଡାରର ଚାବି କୁଆଡେ ଗଲା? ବାସ୍ତବରେ କାହା ପାଖରେ ଥିଲା ଚାବି? ଶେଷଥର ଚାବି କିଏ ଆଣିଥିଲେ? ଆଉ ଚାବି ଫେରିଥିଲା କି ନାହିଁ? ଏହା ପଛରେ ଦାୟୀ କିଏ? ଏମିତି ଅନେକ ଅସମାହିତ ପ୍ରଶ୍ନ ସାରା ରାଜ୍ୟରେ କୋଟି କୋଟି ଓଡ଼ିଆଙ୍କ ମନରେ ଉଙ୍କି ମାରୁଛି। ଆଉ ଏହା ପଛରେ ଆଉ ଏକ ସନ୍ଦେହ ଆସୁଛି ଯେ, ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ? ୧୯୬୦ ମସିହାରୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ପ୍ରଶାସନିକ ଦାୟିତ୍ୱ ଓଡ଼ିଶା ସରକାରଙ୍କ ହାତକୁ ଚାଲିଯାଇଅଛି। ୧୯୬୦ ରୁଲ୍‌ର ନିର୍ଦ୍ଦେଶ ମତେ ଭିତର ରତ୍ନଭଣ୍ଡାର ତାଲା ବନ୍ଦ ହେବା ପରେ ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ ଉକ୍ତ ଚାବିକୁ ସରକାରୀ ଟ୍ରେଜେରୀରେ ଦାଖଲ କରିଥାନ୍ତି। ୨୦୦୪ ମସିହାଠାରୁ ଶ୍ରୀମନ୍ଦିର ପରିଚାଳନା କମିଟିର ଉପାଧକ୍ଷ ଥିବା ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ସମସ୍ତ ନିଷ୍ପତ୍ତି ହୋଇଥାଏ ଏବଂ ସେମାନଙ୍କ ଦାୟିତ୍ୱରେ ରହିଥାଏ। ୧୯୬୦ ପୂର୍ବରୁ ଗଜପତି ରାଜା ସୁପରିଣ୍ଟେଣ୍ଡେଣ୍ଟ ହିସାବରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ବହନ କରୁଥିଲେ। ମାତ୍ର ମନ୍ଦିର ଆଇନ ପ୍ରଣୟନ ପରେ ସରକାର ସର୍ବୋଚ୍ଚ ଅଧିକାରୀ ହେଲେ। ଗଜପତିଙ୍କ ହାତରୁ ସମସ୍ତ କ୍ଷମତା କାଢ଼ି ନିଆଗଲା। ବର୍ତ୍ତମାନ ମୁଖ୍ୟ ପ୍ରଶାସକଙ୍କ ହାତରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ରହିଛି। କେବଳ ବ୍ୟବସ୍ଥାବଳୀ ଉପରେ ପରିଚାଳନା କମିଟି ନିଷ୍ପତ୍ତି ନେଇପାରିବେ। ପରିଚାଳନା କମିଟିର କୌଣସି ପ୍ରଶାସନିକ ଦାୟିତ୍ୱ ନାହିଁ। ଗଜପତି ମହାରାଜ କେବଳ ବୈଠକରେ ଅଧକ୍ଷତା କରନ୍ତି। ମୁଖ୍ୟ ପ୍ରଶାସକ ସମସ୍ତ ନିଷ୍ପତ୍ତି ଗ୍ରହଣ କରନ୍ତି ଏବଂ ତାଙ୍କୁ ଅନୁପାଳନ କରନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ମୁଖ୍ୟ ପ୍ରଶାସକ ସମନ୍ୱୟ ରକ୍ଷା କରନ୍ତି। ଏତେସବୁ ଆଇନ ଥାଇ ମଧ ରତ୍ନଭଣ୍ଡାର ଚାବି ହଜିବା ଏକ ନିନ୍ଦନୀୟ ଘଟଣା। ବିଶେଷକରି ଏହି ଘଟଣା ରାଜ୍ୟରେ ଥିବା ରାଜନୈତିକ ଦଳ ଗୁଡିକୁ ରାଜନୀତି କରିବାକୁ ଖୁବ୍ ଖୋରାକ ଯୋଗାଇଛି। ଘଟଣାର ସମାଧାନ କିପରି ହେବ ସେ ବିଷୟରେ ଚିନ୍ତା ନକରି ଉଭୟ ଉଭୟଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଫିଙ୍ଗି ହେଉଛନ୍ତି।



**ନିବେଦିତା ମହାନ୍ତି**
**କୋଣାର୍କ**

ହିନ୍ଦୁ ଧର୍ମର ସଂସ୍କୃତି ଓ ପରମ୍ପରା ଜଗନ୍ନାଥ ମନ୍ଦିର ସହ ଓତଃପ୍ରୋତଃ ଭାବେ ଜଡିତ। କିନ୍ତୁ ଆଜି ସେହି ମନ୍ଦିର ସଙ୍କଟରେ। କାରଣ ପଣ୍ଡା ସେବକମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ। କିଛି ମାତ୍ରାରେ ଅନ୍ଧବିଶ୍ୱାସ ଭି ଦାୟୀ। ଆଉ ରାଜନୀତିକରଣ। ମହାପ୍ରଭୁଙ୍କ ସେବକମାନେ ରାଜନୀତିଜ୍ଞମାନଙ୍କର ଛତ୍ରଛାୟା ତଳେ ରହି ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ପ୍ରତିପାଦନ ନ କରିବା ମଧ୍ୟ କିଛି ମାତ୍ରାରେ ଦାୟୀ। ବେଳେ ବେଳେ ଖବରକାଗଜରେ ପ୍ରକାଶିତ ହୁଏ ମନ୍ଦିର ପରିସୀମା ମଧ୍ୟରେ କାହାର ମୃତଦେହ ପଡିଛି। ଏଗୁଡିକ ଆମ କର୍ତ୍ତବ୍ୟର ଅବହେଳାକୁ ଦର୍ଶାଉନାହିଁ କି। ରାତିରେ ଶ୍ରୀମନ୍ଦିର ପହଡ ହେବା ପରେ କିଏ କେମିତି ଭିତରକୁ ଗଲା। ଶ୍ରୀମନ୍ଦିର ପ୍ରଶାସନ ଏତେ କଡା। ତା'ପରେ ବି ଚାବି ହଜିଯାଉଛି, ଯେତେବେଳେ କି ଏହି କାମ ପାଇଁ ସ୍ୱତନ୍ତ୍ର ଭାବେ ସରକାର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ଦଳ ଗଢ଼ି ଏହି କାମ ନ୍ୟସ୍ତ କରିଥିଲେ। ପୁଣି ବ୍ରହ୍ମ ପରିବର୍ତ୍ତନରେ ବିଭ୍ରାଟ ହେଉଛି। ମୋ ମତରେ ପଣ୍ଡା ସେବାୟତମାନଙ୍କର ମନମୁଖୀ କାର୍ଯ୍ୟକଳାପ ଏଥିପାଇଁ ଦାୟୀ।



**ଶୁଭଦର୍ଶିନୀ ମହାପାତ୍ର**
**ଭୁବନେଶ୍ୱର**

ଜଗନ୍ନାଥ ମନ୍ଦିରର ସଙ୍କଟ ପାଇଁ ଆମେ କାହାକୁ ଦାୟୀ କରିବା ଉଚିତ ହେବନି। କଥାରେ ଅଛି କରି କରାଉ ଥାଏ ସେହି। ତା'ବିନୁ ଅନ୍ୟଗତି ନାହିଁ। କାହାର ଶକ୍ତି ଅଛି ଠାକୁରଙ୍କର କିଛି କରିପାରିବ। ସବୁ ତା'ରି ନିର୍ଦ୍ଦେଶରେ। ଏମିତି ନହେଲେ ବାଇଶ ପାହାଚରେ ମୀନ କେମିତି ଖେଳିବ। ରାବଣ ବଧ ପାଇଁ ବି ସ୍ୱୟଂ ରାମଚନ୍ଦ୍ରଙ୍କୁ ମାୟା ରଚିବାକୁ ପଡିଥିଲା। ସୀତାଙ୍କୁ ନେଇ ବଣକୁ ଯାଇଥିଲେ। ରାବଣ ଚୋରି କରି ନେଲା ପରେ ତା'ର ବଧ କରିଥିଲେ। ତେଣୁ ଯେ ସବୁ ଯାହା ଘଟୁଛି ସବୁ ଠାକୁରଙ୍କ ଲୀଳା। କିଛି ଲୋକ ବିଶେଷ କରି ପଣ୍ଡା ସେବକମାନଙ୍କ ଜରିଆରେ ମହାପ୍ରଭୁ ପାପ କରାଉଛନ୍ତି। ବହୁତ ଶୀଘ୍ର ମହାପ୍ରଭୁ ସେମାନଙ୍କୁ ଦଣ୍ଡ ଦେବେ।



**କବିତା ଷଡ଼ଙ୍ଗୀ**
**ନିମାପଡା**

ମହାପ୍ରଭୁ ଜଗନ୍ନାଥ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ବସବାସ କରନ୍ତି। ଭକ୍ତର ଭକ୍ତି ଓ ଭାବାବେଗ ସହ ଶ୍ରୀଜଗନ୍ନାଥ ସଂସ୍କୃତି ଜଡିତ। ଏବେ କେବଳ ମନ୍ଦିରରେ କାହିଁ ସବୁଠି, ସବୁ କ୍ଷେତ୍ରରେ ଅସହିଷ୍ଣୁତା ଓ ତୁରନ୍ତ ପ୍ରତିକ୍ରିୟା ଦେଖାଯାଉଛି। ଗୁରୁ, ପଣ୍ଡିତମାନେ କିଛି କିଛି ସାଧୁ ଉଦ୍ୟମ କରି ନକରାତ୍ମକ ମାନସିକତାକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତୁ। ବର୍ତ୍ତମାନର ପିଢ଼ି ପାପପୁଣ୍ୟ ବିଚାରର ମାନସମନ୍ଥନ କରିବ। ସବୁପାଇଁ ସରକାର, ଆଇନ ଇତ୍ୟାଦି ତ ସମାଧାନର ବାଟ ସବୁବେଳେ ବାହାର କରିପାରିବେ ନାହିଁ ନା। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଲୋଡା।



**ସଂଘମିତ୍ରା ପଟ୍ଟନାୟକ**
**ଭୁବନେଶ୍ୱର**

ଆଜି ଜଗନ୍ନାଥ ମନ୍ଦିରରେ ଯାହା ସବୁ ଘଟୁଛି ସେ ସବୁ ଅତ୍ୟନ୍ତ ଦୁଃଖଦାୟକ। ରାଜନୈତିକ ହସ୍ତକ୍ଷେପ ହିଁ ମନ୍ଦିର ଶୃଙ୍ଖଳାକୁ ନଷ୍ଟ କରିସାରିଲାଣି। ପଣ୍ଡା ସେବକମାନେ ପୂଜା ପାଠ କମ୍ କରୁଛନ୍ତି। ରାଜନୀତି ବେଶି କରୁଛନ୍ତି। ସେମାନେ ଆଇନକୁ ବି ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ପିଲାବେଳୁ ଆମେ ଶୁଣିଆସିଛୁ ଠାକୁରଙ୍କ ବ୍ରହ୍ମ ପରିବର୍ତ୍ତନ ରାତିରେ ହୁଏ। ଯେ ବର୍ଷ କିନ୍ତୁ ଦିନରେ କଲେ। ସତ କି ମିଛ ମୁଁ ଜାଣେନା ବ୍ରହ୍ମର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଲା। ଏହାଦ୍ୱାରା ଲୋକମାନଙ୍କ ମନରେ ସନ୍ଦେହ ହଉଛି ସତରେ ସେ ମନ୍ଦିର ଭିତରେ ଠାକୁର ଅଛନ୍ତି। ମୋ ମତରେ ପଣ୍ଡା ସେବକମାନଙ୍କ ସହ ପ୍ରଶାସନ ହିଁ ଦାୟୀ।



**ଅନିଲ କୁମାର ମହାନ୍ତି**
**ସମାଜସେବୀ, ବାଲେଶ୍ୱର**

ଜଗନ୍ନାଥଙ୍କ ପାଇଁ ଓଡ଼ିଶା ଗର୍ବିତ। କଳାଠାକୁରଙ୍କ ସହ ଦେଶ ଏବଂ ଦେଶ ବାହାରେ ଅନେକ ଭକ୍ତଙ୍କର ଭାବାବେଗ ଜଡିତ। କିନ୍ତୁ ବର୍ତ୍ତମାନ ଶ୍ରୀମନ୍ଦିରରେ ଅନେକ ବିଶୃଙ୍ଖଳା ଘଟୁଛି। ସେବାୟତ ମାନଙ୍କର ଖରାପ ବ୍ୟବହାର ଦିନକୁ ଦିନ ବର୍ଦ୍ଧିତ ହେଉଅଛି। ସେବାୟତମାନେ ମନ୍ଦିର ଭିତରେ ଭକ୍ତଙ୍କୁ ମାଡ ମାରୁଛନ୍ତି। ମହିଳାମାନେ ଅସଦାଚରଣର ଶିକାର ହେଉଛନ୍ତି। ଦାନ ଆଳରେ ଭକ୍ତଙ୍କୁ ଶୋଷଣ କରାଯାଉଛି। ମନ୍ଦିରର ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ରହିବା ସହ, ମନ୍ଦିର ପରିଚାଳନା ନିମନ୍ତେ ମନ୍ଦିର ପ୍ରଶାସନ ଏବଂ ବିଭିନ୍ନ କମିଟି ରହିଛି। ହେଲେ ଏସବୁକୁ ସେବାୟତଙ୍କର ଖାତିର ନାହିଁ। ମନମୁଖୀ କାର୍ଯ୍ୟ କରିବା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାରି। ବ୍ରହ୍ମବିଭ୍ରାଟ, ରଥଯାତ୍ରାରେ ବିଶୃଙ୍ଖଳା ଘଟାଉଛନ୍ତି। ସେମାନଙ୍କ ଆଗରେ ସରକାର ନିଷ୍କ୍ରିୟ ଓ ଆଇନ କାନୁନ ପାଣିର ଗାର ସଦୃଶ। ସରକାର ମଧ ଦାୟିତ୍ୱହୀନ ଭଳି କାର୍ଯ୍ୟ କରୁଛନ୍ତି ଏହାର ପ୍ରମାଣ ରତ୍ନଭଣ୍ଡାରର ଚାବି ହଜିବା ଘଟଣାରୁ ସ୍ପଷ୍ଟ ହୋଇଛି। ଶ୍ରୀମନ୍ଦିର ବିଶୃଙ୍ଖଳା ପାଇଁ ଉଭୟ ଦାୟୀ। କିନ୍ତୁ ଏବେ ସମୟ ଆସିଛି ସମସ୍ତେ ଏକତ୍ରିତ ହୋଇ ସେବାୟତଙ୍କୁ ଉଚିତ ଶିକ୍ଷା ଦେବା ସହ ସଠିକ ମାର୍ଗକୁ ଆଣିବା ଏବଂ ଆମ ମନ୍ଦିର, ସଂସ୍କୃତି, ପରମ୍ପରାକୁ ବଞ୍ଚେଇବା।



**ଚିରଞ୍ଜିତ ପଣ୍ଡା**
**କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର**

ଓଡ଼ିଶାର ଆତ୍ମା ଜଗନ୍ନାଥ। ଓଡ଼ିଶା ବାହାରେ ଓଡ଼ିଶାକୁ ଜଗନ୍ନାଥ ଦେଶ ବୋଲି କୁହନ୍ତି। ପବିତ୍ର ଭୂମିରେ ଜନ୍ମ ଓ ପ୍ରତ୍ୟକ୍ଷ ଠାକୁରଙ୍କୁ ଦର୍ଶନ କରି ନିଜକୁ ଗର୍ବିତ ମନେ କରେ। ପ୍ରଭୁଙ୍କ ସେବା କରିବାର ସୁଯୋଗ ସମସ୍ତଙ୍କୁ ମିଳେନା। ସେବାୟତ ମାନଙ୍କର ଏହି ପିଢ଼ି ଏହା ବୁଝିବା ଦରକାର। ତେବେ ଓଡ଼ିଶା ସରକାର ଓ ପ୍ରଶାସନ ମନ୍ଦିର ଦାୟିତ୍ୱକୁ ନିଜ ହାତରେ ନେଇ କଡା ବ୍ୟବସ୍ଥା କରିବା ଏବଂ ଉପଯୁକ୍ତ ବ୍ୟକ୍ତିଙ୍କୁ ମନ୍ଦିରର ଯତ୍ନ, ପ୍ରଭୁଙ୍କ ସେବା ନିମନ୍ତେ ନିଯୁକ୍ତି କରିବା ଉଚିତ ବୋଲି ଭାବୁଛି।



**ଲୋପାମୁଦ୍ରା ପଟ୍ଟନାୟକ**
**ବାଲେଶ୍ୱର**

ଜଗନ୍ନାଥ ମନ୍ଦିରରେ ଘଟୁଥିବା ସମସ୍ତ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ମୋ ମତରେ ପଣ୍ଡା ସେବକମାନଙ୍କର ରାଜନୀତିକରଣ ଏଥିପାଇଁ ଦାୟୀ। ସେମାନେ ବିଭିନ୍ନ ରାଜନୈତିକ ଦଳର ଛତ୍ରଛାୟା ତଳେ ରହି କାହାକୁ ବି ମାନିବାକୁ ନାରାଜ। ସେମାନଙ୍କର ରାଜନୀତିରେ ଆଗ୍ରହ ରହୁ ମନା ନାହିଁ। ହେଲେ ସେମାନେ ଦଳର କୌଣସି ପଦ ପଦବୀରେ ରହିଲେ ବିଶୃଙ୍ଖଳା ଦିନକୁ ଦିନ ଆହୁରି ବଢ଼ିବ।

# ରକ୍ତଦାତା ଆଲୋକ ଓ ସାବିତ୍ରୀ ସମ୍ବର୍ଦ୍ଧିତ

**ଭବାନୀପାଟଣା :** କଳାହାଣ୍ଡିର ଦୁଇ ଯୁବ ରକ୍ତଦାତା ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱର ରେଡ୍‌କ୍ରସ୍ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା କାର୍ଯ୍ୟକାରିଣୀ କମିଟି ଅଧକ୍ଷ ପ୍ରତାପ ଜେନା ନିୟମିତ ସ୍ୱେଚ୍ଛାକୃତ ରକ୍ତଦାତା ଭାବେ ଭବାନୀପାଟଣାର ସୁଶ୍ରୀ ସାବିତ୍ରୀ ମହାରଣା ଓ ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲଡ୍ ଗ୍ରୁପ୍ ସିଷ୍ଟମ୍ ତଥା ଆର୍‌ଏଚ୍ ଫେକ୍ଟର୍‌ର ଆବିଷ୍କାରକ ନୋବେଲ୍ ବିଜେତା କାର୍ଲ୍ ଲେଣ୍ଡ୍‌ଷ୍ଟିନର୍‌ଙ୍କ ଜନ୍ମଦିନ ଅବସରରେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଆୟୋଜିତ ଉକ୍ତ ସମାରୋହରେ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତିର ଯୁଗ୍ମ ନିର୍ଦ୍ଦେଶକ ଡା. ଅମିତାଭ ଦାଶ ଓ ରାଜ୍ୟ ରକ୍ତ ସଂଚାରଣ ପରିଷଦର ଅତିରିକ୍ତ ନିର୍ଦ୍ଦେଶକ ଡା. ରାମଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଡା. ବିନାୟକ ପ୍ରସାଦ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସଂପାଦିକା ଡା. କଳ୍ପନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜଣେ କୃତୀ ଶିକ୍ଷୟିତ୍ରୀ ତଥା ବେତାର ଉପସ୍ଥାପିକା ଭାବେ କାର୍ଯ୍ୟରତ ସାବିତ୍ରୀ ମହାରଣା ରକ୍ତଦାନ ସମେତ ଅଭିନୟ, ଲୋକନୃତ୍ୟ, ସଙ୍ଗୀତ, ବେତାର ଉପସ୍ଥାପନା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଦେବଗିରି ଯୁବ ସମ୍ମାନ ସମେତ ବିଭିନ୍ନ ପୁରସ୍କାର ଓ ସମ୍ମାନ ପାଇସାରିଛନ୍ତି। ସେହିପରି ଅଭିନୟ ଓ ସମାଜସେବାରେ ରୁଚି ରଖିଥିବା ଆଲୋକ କୁମାର ସାହୁ ରକ୍ତଦାତା ତଥା ମଞ୍ଚ ଅଭିନେତା ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉଭୟଙ୍କୁ କଳାହାଣ୍ଡି ଯୁବ ଲେଖକ ସମାବେଶ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବୁଢ଼ୀପଦର ସମେତ ବିଭିନ୍ନ ଅନୁଷ୍ଠାନ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି।



## ଗୁଳି ମାଡରେ ଚା' ଦୋକାନୀଙ୍କ ମୃତ୍ୟୁ ମାମଲା

# ବ୍ୟବସାୟିକ ଶତ୍ରୁତାରୁ ହତ୍ୟାକାଣ୍ଡ, ଅଭିଯୁକ୍ତ ଗିରଫ

**ସୋନପର :** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ର ବିନିକା ପଡାରେ ଗତ ମଙ୍ଗଳବାର ଦିନ ବିଳମ୍ବିତ ରାତ୍ରିରେ ଜଣେ ଦୃବୃତଙ୍କ ଗୁଳି ମାଡରେ ଜଣେ ଚା ଦୋକାନୀ ଜୟନ୍ତ ଦାଶଙ୍କ ମୃତ୍ୟୁ ହୋଇଯାଇଛି । ଏହି ଘଟଣାର ପର୍ଦ୍ଦାଫାଶ ହେବାସହ ବ୍ୟବସାୟିକ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଛି । ଗୁଳି ମାଡ କରିଥିବା ଆସାମି ଦେବେନ୍ଦ୍ର ଦାସ ଓରଫ (ବୁନୁ)କୁ ବିନିକା ପୋଲିସ ଗିରଫ କରିଛି । ଏଥି ସହ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଦେଶୀ ପିସ୍ତଲ,ଦୁଇଟି ମାଗାଜିନ୍ ,ଦୁଇଟି ଅଫୁଟା ଗୁଳି ଓ ଗୋଟିଏ ମୋବାଇଲ ଜବତ କରି ଘଟଣାର ଅଧିକ ତଦନ୍ତ ଚାଲୁଥିବା ସାମ୍ବାଦିକ ସମ୍ମିଳନିରେ ଏସପି ପ୍ରଫୁଲ୍ଲ କୁମାର ପାତ୍ର ସୁଚନା ଦେଇଛନ୍ତି ।

ପ୍ରକଶ ଯେ ମଙ୍ଗଳବାର ରାତିରେ ବିନିକା ବିଜୁ ପଟ୍ଟନାଏକ ମାର୍କେଟ କମ୍ପ୍ଲେକ୍ସରେ ଚା ଦୋକାନ କରିଥିବା ଜୟନ୍ତ ଦାଶ ତାଙ୍କର ଘର ସାମନା ବାରଣ୍ଡାରେ ଶୋଇଥିଲେ । ତାଙ୍କୁ କେହି ଦୃର୍ବୃତ ଗୁଳିମାଡ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଜୟନ୍ତଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିନିକା ଡାକ୍ତରଖାନା ଓ ପରେ ବୁର୍ଲା ବଡମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା । ବୁର୍ଲାରେ ଜୟନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତଙ୍କ ମା ଅହଲ୍ୟା ଦାସ ଙ୍କ ଅଭିଯୋଗ କ୍ରମେ ବିନିକା ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ ପାଇଁ ଏସପି ଶ୍ରୀ ପାତ୍ର ଦୁଇଟି ପୋଲିସ ଟିମ ଗଠନ କରିଥିଲେ । ସୋନପୁର ଏସଡିପିଓ ଭବାନିଶଙ୍କର ଉଦ୍‌ଗାତା ବଲାଙ୍ଗୀର ସାଇନ୍‌ଟିଫକ୍ ଟିମ ଓ ସନ୍ଧାନି କୁକୁର ଘଟଣା ସ୍ଥଳକୁ ଆଣି ଛାନ୍‌ଭିନ୍ ଆରମ୍ଭ କରିଥିଲେ । ଅଭିଯୁକ୍ତକୁ ଧରିବା ପାଇଁ ସାଧାପୋଷାକ ଧାରି ପୋଲିସ ବିନିକା ଅଚଂଳର ଜଗି ବସିଥିଲେ । ଅପରାହ୍ଣ ପ୍ରାୟ ୨ଟା ସମୟରେ ବିନିକା ଟାଉନରୁ ଆସାମି ଦେବେନ୍ଦ୍ରକୁ ପୋଲିସ କାବୁ କରିଥିଲା । ଅଭିଯୁକ୍ତ ଦେବେନ୍ଦ୍ର ,ଜୟନ୍ତକୁ ଗୁଳି କରିଥିବା ପୋଲିସ ଆଗରେ ସ୍ୱିକାର କରିଥିବା ବେଳେ ବିନିକା ମାର୍କେଟ କମ୍ପ୍ଲେକ୍ସ ର ଅଳିଆ । ଗଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ପିସ୍ତଲ,ଗୁଳି,ମାଗାଜିନ୍,ଆଦି ପୋଲିସ ଜବତ କରିଥିଲା । ପ୍ରକାଶ ଥାଉ କି ଗତ ଜନୁଆରି ମାସରେ ମୃତଙ୍କ ଭାଇ ପ୍ରଶାନ୍ତଙ୍କ ଉପରକୁ ହୋଇଥିବା ମରଣାନ୍ତକ ଆକ୍ରମଣରେ ମଧ୍ୟ ଦେବେନ୍ଦ୍ର ସମ୍ପୃକ୍ତି ଥିବା ପୋଲିସ ଆଗରେ ସ୍ୱିକାର କରିଛି । ଅଭିଯୁକ୍ତ ଦେବେନ୍ଦ୍ର ମଧ୍ୟ ସେହି ଅଚଂଳରେ ଏକ ଚା ଓ ପାନ ଦୋକାନ କରିଛି । ଫଳରେ ଜୟନ୍ତଙ୍କ ସହ ବ୍ୟବସାୟିକ ଶତ୍ରୁତା ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୁଚନା ଦେଇଛି । ସାମ୍ବାଦିକ ସମ୍ମିଳନିରେ ଏସପି ପ୍ରଫୁଲ୍ଲ କୁମାର ପାତ୍ର ସହ ଏସଡିପିଓ ଭବାନିଶଙ୍କର ଉଦ୍‌ଗାତା ,ବିନିକା ଥାନା ଆଇଆଇସି କଲ୍ୟାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନାଗଡ ରେଲୱେ ସାଇଡିଂରୁ ଝାରଖଣ୍ଡ ଗଲା ୨୬ ହଜାର କ୍ୱିଣ୍ଟାଲ ଚାଉଳ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ପାଇଁ ଏକ ସ୍ମରଣୀୟ ଦିବସ ଥିଲା । କ୍ରମାଗତ ଭାବେ କଳାହାଣ୍ଡି ଜିଲ୍ଲା ଓଡିଶାର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲ୍ଲାର ମାନ୍ୟତା ପାଇଆସୁଛି । ପୂର୍ବରୁ କେବଳ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ରେଲୱେ ଷ୍ଟେସନ ଠାରେ ରେଲୱେ ସାଇଡିଂ ବ୍ୟବସ୍ଥା ଉପଲବ୍ଧ ଥିଲା । କେସିଙ୍ଗା ରେଲୱେ ସାଇଡିଂ ରୁ ଏଫ୍‌ସିଆଇ ଜରିଆରେ ର୍‌ୟାକ୍ ଆନ୍ତଃରାଜ୍ୟ ପଠାଯାଉଥିଲା । ତେବେ ଆଜି ଦ୍ୱିତୀୟ ରେଲୱେ ସାଇଡିଂ ଜୁନାଗଡ ରେଳ ଷ୍ଟେସନରେ କାର୍ଯ୍ୟକ୍ଷମ ହୋଇଛି । ଜୁନାଗଡସ୍ଥିତ କେନ୍ଦ୍ରୀୟ ପନ୍ୟାଗାର ଠାରୁ ଟ୍ରକ ଯୋଗେ ଜୁନାଗଡ ରେଲୱେ ସାଇଡିଂ ପର୍ଯ୍ୟନ୍ତ ଚାଉଳ ପରିବହନ କରାଯାଇଥିଲା । ସେଠାରୁ ୪୨ଟି ୱାଗନରେ ୨୬ ହଜାର କ୍ୱିଣ୍ଟାଲ ଚାଉଳ ଝାରଖଣ୍ଡକୁ ଏଫ୍‌ସିଆଇ ପଠାଇଛି । ଆଜିର ଏହି ରେଲୱେ ସାଇଡିଂ ର୍‌ୟାକ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜୁନାଗଡ କେନ୍ଦ୍ରୀୟ ପନ୍ୟାଗାରର ମ୍ୟାନେଜର, ଏଫ୍‌ସିଆଇର ଏରିଆ ମ୍ୟାନେଜର, ଜିଲ୍ଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରା, ଟ୍ରକ ୟୁନିୟନ୍‌ର କର୍ମକର୍ତ୍ତା ଓ ଶ୍ରମିକ ୟୁନିୟନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ । ସକାଳ ସାଢ଼େ ୧୦ଟା ରେ ଜୁନାଗଡ ରେଲୱେ ସାଇଡିଂ ରେ ୱାଗନରେ ଚାଉଳ ବୋଝେଇ ଆରମ୍ଭ ହୋଇଥିଲା । ପ୍ରଥମ ଦଫାରେ ଜୁନାଗଡ ରେଲୱେ ସାଇଡିଂରୁ ୨୬ ହଜାର କ୍ୱିଣ୍ଟାଲ ଚାଉଳ ଝାଡଖଣ୍ଡକୁ ପଠାଯାଇଛି । କଳାହାଣ୍ଡିରେ ଦ୍ୱିତୀୟ ରେଲୱେ ସାଇଡିଂ କାର୍ଯ୍ୟକ୍ଷମ ହେବା ପରେ ଜିଲ୍ଲାରେ ଗୋଦାମ ସମସ୍ୟାର ସମାଧାନ ହେବ । ଉଭୟ କେସିଙ୍ଗା ଓ ଜୁନାଗଡ ରେଲୱେ ସାଇଡିଂରୁ ଚାଉଳ ର୍‌ୟାକ୍ ପଠାଯିବା ଦ୍ୱାରା କେନ୍ଦ୍ରୀୟ ପନ୍ୟାଗାର ଓ ଏଫ୍‌ସିଆଇ ଗୋଦାମ୍‌ରେ ସ୍ଥାନ ଅଭାବ ସମସ୍ୟା ଦୂର ହେବ । ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହା କଳାହାଣ୍ଡି ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଦୋରା ପ୍ରକାଶ କରିଛନ୍ତି । ଏଥି ସହିତ ଦୁଇଟି ସ୍ଥାନରେ ରେଲୱେ ସାଇଡିଂ ରୁ ଚାଉଳ ର୍‌ୟାକ୍ ପରିବହନ ଦ୍ୱାରା ଶ୍ରମିକ ଓ ଟ୍ରକ ମାନେ ମଧ ଉପକୃତ ହେବେ।

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଚାଲିଛି ମନମୁଖି କାର୍ଯ୍ୟ

**କେନ୍ଦ୍ରାପଡ଼ା :** ଶ୍ରମିକ ପରିବାର କଲ୍ୟାଣ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଉକ୍ତ ଶ୍ରମିକ ତଥା ତାଙ୍କ ପରିବାର ପାଇଁ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରୁଛନ୍ତି। ସେଥି ମଧ୍ୟରୁ ଯନ୍ତ୍ରପାତି ଓ ସାଇକେଲ କ୍ରୟ, ପିଲାଙ୍କ ପାଠ ପଢା ନିମନ୍ତେ ଅର୍ଥ ଯୋଗାଣ ଇତ୍ୟାଦି। ସରକାର ଶ୍ରମିକଙ୍କୁ ସହଯୋଗର ହାତ ବଢାଉଥିବା ବେଳେ ଶ୍ରମ ବିଭାଗର କାର୍ଯ୍ୟାଳୟରେ ତାହା ଓଲଟା ଦେଖିବାକୁ ମିଳୁଛି। ସହରର ତିନିମୂହାଣୀସ୍ଥିତ ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ମନମୂଖୀ କାର୍ଯ୍ୟ ଚାଲୁଥିବାର ଜାଣିବାକୁ ମିଳିଛି। ବିଶେଷକରି ଜଣେ ମହିଳା କର୍ମଚାରୀଙ୍କ ରୁକ୍ଷ୍ୟ ବ୍ୟବହାର ଏଠାକୁ ଆସୁଥିବା ଲୋକଙ୍କୁ ଖୁବ୍ ଅତିଷ୍ଟ କରୁଥିବାର ବାରମ୍ବାର ଅଭିଯୋଗ ହେଉଛି। ବାର୍ଷିକ ରେନ୍ୟୁଆଲ ଦେୟ ଭରଣା ପାଇଁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରମଜୀବୀମାନେ ଖର୍ଚ୍ଚ ନଦେଇ ନିରାଶ ହୋଇ ଫେରୁଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ "ଆମେ ଅନେକ ଦୂରରୁ ପଇସା ଖର୍ଚ୍ଚକରି ଦେୟ ଭରଣା ପାଇଁ ଆସୁଛୁ ହେଲେ ନିରାଶ ହୋଇ ଫେରୁଛୁ'। ପଚାରିଲେ ଜବାବ ମିଳୁଛି 'ନେଟୱାର୍କ ଫେଲ'। ଏମିତି କିଥରେ ନୁହେଁ ଏଥରକୁ ମିଶାଇ ପାଂଚ ଥର ହେଲା ଦେୟ ନ ରଖି ଫେରାଇ ଦେଉଛନ୍ତ। ବାର୍ଷିକ ରେନ୍ୟୁଆଲ ଦେୟର ଦେବାର ସପ୍ତାହରେ ମାତ୍ର ଦୁଇଦିନ ସୋମବାର ଓ ମଙ୍ଗଳବାର ରହିଛି। ଏହି ଦୁଇଦିନରେ ଜିଲ୍ଲାର ବଭିନ୍ନ ପ୍ରାନ୍ତରୁ ଯଥା- ଆଳି, ରାଜନଗର, ରଜକନିକା, ପଟ୍ଟାମୁଣ୍ଡାଇ,ପାଟକୁରା, ମାର୍ଶାଘାଇ, ମହାକାଳପଡ଼ା ଓ କେନ୍ଦ୍ରାପଡ଼ାରୁ ଅନେକ ଶ୍ରମଜୀବୀମାନେ ନିଜର ଜୀବୀକା ବନ୍ଦ କରିଆସୁଛନ୍ତି। ହେଲେ ଏହି ବାର୍ଷିକ ରେନ୍ୟୁଆଲ ଦେୟ ଦେଇ ନପାରି ଅସନ୍ତୋଷ ହୋଇ ଫେରୁଛନ୍ତ। ଉକ୍ତ ଶ୍ରମ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ଅନେକ ସନ୍ତୁଷ୍ଟ ନଥିବାର ଜାଣିବାକୁ ମିଳୁଛି। ଏପରି ଖର୍ଚ୍ଚାନ୍ତରୁ ମୁକ୍ତି ପାଇବାପାଇଁ ଭିତିରିଆ ଲାଂଚ ଦେଇ ବାର୍ଷିକ ରେନ୍ୟୁଆଲ ଦେୟ ଭରଣା କରିଛୁ ବୋଲି ନିଜର ନାମ ଗୋପନ ରଖି ଜଣେ ଶ୍ରମଜୀବୀ ପ୍ରକାଶ କରିଛନ୍ତି। ଏ ଅଭିଯୋଗକୁ ଆଧାର କରି ଆମ ଜିଲ୍ଲା ପ୍ରତିନିଧି ଶ୍ରମ ଅଧିକାରୀଙ୍କୁ ଭେଟିଥିଲେ ହେଲେ ସେହି ଗୋଟିଏ କଥା 'ଆଜକୁ ଦୁଇମାସ ହେବ ନେଟୱାର୍କ ଫେଲ୍ ଆମେ ଆମର ଉପରସ୍ଥ ଅଫିସରଙ୍କୁ ଅବଗତ କରାଇଛୁ ଏବଂ ଏହାର ସାଇଟ୍ କାମ ଚାଲିଛି, ଏବେ ଆମେ ନାଚାର।' ତେବେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଏପରି ସମସ୍ୟାକୁ ପ୍ରଶାସନ ଗୁରୁତ୍ୱ ନଦେଲେ ଆଗକୁ ନିଶ୍ଚିତ ସମସ୍ୟା ସୃଷ୍ଟିହେବ।




## ବଢ଼ିଚାଲିଛି ବେଆଇନ୍ ମଦ କାରବାର

**କେନ୍ଦ୍ରାପଡ଼ା :** ବେଆଇନ୍ ମଦ କାରବାର କେନ୍ଦ୍ରାପଡାରେ ବଢିବାରେ ଲାଗିଛି। ସହର ସମେତ ଜିଲ୍ଲାର କୋଣ ଅନୁକୋଣରେ ଖୁବ୍ ଚତୁରତାର ସହ କଳାବଜାରୀମାନେ ଏହି କାରବାର ଚଳାଉଥିବାର ଜଣାଯାଏ। ସହରର ବିଭିନ୍ନ ଅଂଚଳ ଯଥା- ତିନିମୁହାଣୀ, ମହିପାଳ, ନୂଆ ବସ୍‌ଷ୍ଟାଣ୍ଡ, କାକଟ ଲକ୍, ବଡହାଟ, ବଳଗଣ୍ଡି, ସାନ୍ତସାହି, ସାନମଙ୍ଗଳା ଓ ଇଚ୍ଛାପୁର ଭଳି ସ୍ଥାନରେ ଏକାଧିକ ଲୋକେ ଚୋରାରେ ବିଦେଶୀ ତଥା ଦେଶୀ ମଦ କାରବାର କରୁଥିବାର ଜଣାପଡିଛି। ହେଲେ ଟାଉନ୍ ଥାନାର ମାତ୍ର ୨୦୦ ଏବଂ ୫୦୦ ମିଟରରେ ଏହି କଳାଧନ୍ଦା ଦୀର୍ଘଦିନ ଧରି ଚାଲିଆସୁଛି, ଯାହାକି ଖୁବ୍ ଆଶ୍ଚର୍ଯ୍ୟ ପରି ମନେ ହୁଏ। ସେହିପରି ସଦର ଥାନା ନିକଟରେ ମଧ୍ୟ ସମାନ ଭଳି କାର୍ଯ୍ୟ ଚାଲୁରହିଛି। ତେବେ କିଛିଦିନ ପୂର୍ବେ ନୂଆକରି ଆସିଥିବା ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ନାହିଁ ନା' ସବୁ ଜାଣିଶୁଣି ନିଜ ସ୍ୱାର୍ଥ ପାଇଁ କିମ୍ବା ଉପରସ୍ଥ ଅଧିକାରୀଙ୍କ ଚାପରେ ଚୁପ ରହୁଛନ୍ତି। ଯାହାକି ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନଉଠେ। ଅବଶ୍ୟ ପୂର୍ବରୁ ଏ ସମ୍ପର୍କରେ ଖବର ପାଇ ଅବକାରୀ ବିଭାଗ ତଥା ପୋଲିସ୍ ପ୍ରଶାସନ ଅନେକ ଥର ଚଢାଉ କରି ଉକ୍ତ ମଦ ବେପାରୀଙ୍କୁ ଗିରଫ କରିଥିଲେହେଁ, ସେମାନେ ଜାମିନ୍‌ରେ ଆସି ପୂନର୍ବର ଏହି ଧନ୍ଦାରେ ଲିପ୍ତ ରହୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ହୋଇ ପଡିଛି।



> 'ଦିନ ଆସିବ ଶ୍ରୀମନ୍ଦିରକୁ ଲୋକେ କବଲା କରି ନେଇଯିବେ । ସବ୍‌ରେଜିଷ୍ଟ୍ରାର ଅଫିସ ମଧ୍ୟ ଏଥିରୁ ବାଦ ପଡିନପାରେ ।'

# ଶ୍ରୀମନ୍ଦିର ସଙ୍କଟ ପାଇଁ କିଏ ଦାୟୀ ?

କୋଟି ହୃଦୟର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଠାକୁର । ସହସ୍ର ବର୍ଷ ଧରି ଶ୍ରୀମନ୍ଦିର ଓଡ଼ିଆ ଜାତିର ସଂସ୍କୃତି, ସ୍ୱାଭିମାନ ଓ ଆଧାତ୍ମିକ ଭାବନା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ସମଗ୍ର ବିଶ୍ୱରେ ଜଗନ୍ନାଥ ପ୍ରେମୀମାନେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ଅଲୌକିକତାରେ ବିଶ୍ୱାସ କରନ୍ତି । ହିନ୍ଦୁ ଧର୍ମର ସବୁ ଠାକୁରଙ୍କ ଠାରୁ ଭିନ୍ନ ଶ୍ରୀମନ୍ଦିରର ନୀତିକାନ୍ତି । ସର୍ବଧର୍ମ ସମନ୍ୱୟର ଠାକୁର ଭାବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିବେଚନା କରାଯାଇଥାଏ । ସହସ୍ର ବର୍ଷ ଧରି ଶ୍ରୀଜୀଉଙ୍କ ଲୀଳାଖେଳା ଶ୍ରୀକ୍ଷେତ୍ରକୁ ପୁଣ୍ୟଭୂମିର ଆଖ୍ୟା ଦେଇଥିଲା ବେଳେ ଶ୍ରୀମନ୍ଦିରକୁ ଦର୍ଶନ ନିମନ୍ତେ ଆସୁଥିବା ଅଗଣିତ ଭକ୍ତଙ୍କ ମନରେ ଏବେ ଅସନ୍ତୋଷ ଦାନା ବାନ୍ଧୁଛି । ରାଜତନ୍ତ୍ର ଲୋପ ପରେ ପ୍ରଶାସନ ନିୟନ୍ତ୍ରଣରେ ଥିବା ଶ୍ରୀମନ୍ଦିର ପରିଚାଳନାକୁ ନେଇ ନାନା ବିଭ୍ରାଟ ଦେଖାଦେବା ଓ ଭକ୍ତଙ୍କୁ ସେବାୟତଙ୍କ ଦୁର୍ବ୍ୟବହାର ଏହାର ପ୍ରମୁଖ କାରଣ । ପାଉଣା ଅସୁଲ କରିବା ଠାରୁ ଦାନ ସଂଗ୍ରହ ସବୁଥିରେ ସେବାୟତ ଓ ଭକ୍ତମାନେ ମୁହାଁମୁହିଁ ସ୍ଥିତିରେ ରହୁଛନ୍ତି । ଫଳରେ ଏକ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି । ଯେଉଁଥିପାଇଁ ବିଦେଶଗତ ହିନ୍ଦୁ ଭକ୍ତମାନେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି । ସେବାୟତଙ୍କ ବିଶୃଙ୍ଖଳା ଏବେ ଏଭଳି ଚରମ ସୀମାରେ ପହଞ୍ଚିଛି ଯେ, ଯେଉଁଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିଛନ୍ତି । ଭକ୍ତମାନଙ୍କୁ ସେବକ ଶୋଷଣ କରିବା ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ ଅଙ୍କୁଶ ଲଗାଇଛନ୍ତି । ଏଥିରେ କେନ୍ଦ୍ର-ରାଜ୍ୟକୁ ସୁପ୍ରିମ୍‌କୋର୍ଟ ରିପୋର୍ଟ ତଲବ କରିବା ସହିତ ସେବକ ପାଉଣା କର୍ତ୍ତୃପକ୍ଷ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭକ୍ତଙ୍କ ମୁକ୍ତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମ୍‌କୋର୍ଟ । ନିକଟରେ ଜଣେ ସେବାୟତ ଯୁବତୀଙ୍କୁ ଅଶ୍ଳୀଳ ଆଚରଣ କରି ଗିରଫ ମଧ୍ୟ ହୋଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଛାଟ ପରେ ମଧ୍ୟ ସେବାୟତଙ୍କ ଆଚରଣରେ ପରିବର୍ତ୍ତନ ନହେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଘଟଣା । ଏହାରି ମଧ୍ୟରେ ଅଧିକ ବିବାଦ ସୃଷ୍ଟି କରିଥିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା । କେଉଁ ପରିପ୍ରେକ୍ଷୀରେ ରତ୍ନଭଣ୍ଡାର ଭଳି ଗୁରୁତ୍ୱପୂର୍ଣ୍ଣ ତାଲାର ଚାବି ହଜିଗଲା ଏହା ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା ବେଳେ ନିକଟରେ ଏହାର ଏକ ଡୁପ୍ଲିକେଟ୍ ଚାବି ପୁରୀ ଜିଲ୍ଲାପାଳଙ୍କ ରେକର୍ଡ ରୁମ୍‌ରୁ ମିଳିବା ଘଟଣାକୁ ଆହୁରି ରହସ୍ୟମୟ କରିଦେଇଛି । ଯଦିଓ ତଦନ୍ତ କମିଶନ ନିଜର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି ତଥାପି ଲୋକଙ୍କ ମନରୁ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ଅସନ୍ତୋଷ ଜାରି ରହିଛି । ବ୍ରହ୍ମ ବିଭ୍ରାଟ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ତ୍ତମାନ ରତ୍ନଭଣ୍ଡାରକୁ ନେଇ ରହସ୍ୟ ବଢ଼ିଚାଲିଛି । କାରଣ ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ମୂଲ୍ୟବାନ ଅଳଙ୍କାରକୁ ନେଇ ଏଯାବତ ସଠିକ୍ ତାଲିକା ନଥିବା ମଧ୍ୟ ସାମ୍ନାକୁ ଆସିଛି । ସୁନାରୁପା ତାଲିକା ଥିବା ସତ୍ତ୍ୱେ ହୀରାନୀଳା ସମ୍ପର୍କରେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ କିଛି ଉଲ୍ଲେଖ ନଥିବା ଜଣାପଡିଛି । ହୁଏତ ଅତୀତରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ କରାଯାଇ ଏହାର ଧନସମ୍ପତ୍ତି ଲୁଟ୍ କରିବା ପାଇଁ ଉଦ୍ୟମ କରାଯାଇଥିଲା । ତେଣୁ ଏହି ଆକ୍ରମଣରୁ ବର୍ତ୍ତିବା ପାଇଁ ହୀରାନୀଳାର ତାଲିକା ପ୍ରସ୍ତୁତ କରାଯାଇ ନଥିବା ମଧ୍ୟ ଏକ କାରଣ ବୋଲି ବିଚାର କରାଯାଇପାରେ । ୧୯୭୮ ମସିହା ଗହଣା ତାଲିକା ଏବଂ ରାଜ୍ୟ ଅଭିଲେଖାଗାରରେ ରତ୍ନଭଣ୍ଡାର ଅଳଙ୍କାର ତାଲିକା ଥିବା ଜଣାପଡିଛି । ଗୋଟିଏ ତାଲିକା ସୁନାରୁପା ଏବଂ ଅନ୍ୟଟିରେ ହୀରା, ନୀଳା, ମୋତି, ମାଣିକ୍ୟ ଏବଂ ବୈଦୁର୍ଯ୍ୟ ବୋଲି କୁହାଯାଉଛି । ତେବେ ଏହାର ମୂଲ୍ୟ ଆକଳନ କରାଯାଇନାହିଁ । ରତ୍ନଭଣ୍ଡାର ଗହଣା ସମ୍ପର୍କରେ ୧୯୫୨ରେ ପ୍ରକାଶିତ ମାଦଳାପାଞ୍ଜି ଏବଂ ୧୯୫୬ ଓଡ଼ିଶା ଗେଜେଟିୟରରେ ତଥ୍ୟ ରହିଛି । ସମ୍ପ୍ରତି ରତ୍ନଭଣ୍ଡାର ଚାବି ହଜିବା ଓ ସେବାୟତଙ୍କ ଆଚରଣକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ଓ କ୍ଷୋଭ ପ୍ରକାଶ ପାଉଛି । ଏଭଳି ପରିସ୍ଥିତିରେ ଶ୍ରୀମନ୍ଦିର ଯେ ଅଧିକ ସଙ୍କଟ ଦେଇ ଗତି କରୁଛି ତାହା ସ୍ପଷ୍ଟ ପ୍ରତୀୟମାନ । ତେଣୁ ଶ୍ରୀମନ୍ଦିର ସଙ୍କଟ ପାଇଁ କେଉଁମାନେ ଦାୟୀ-ଏହାକୁ ନେଇ ସୋସାଲ ମିଡିଆ ଜରିଆରେ 'ଏକମାତ୍ର' କିଛି ଜନମତ ସଂଗ୍ରହ କରିଛି । ଶ୍ରୀକ୍ଷେତ୍ର ଓ ଶ୍ରୀଜୀଉଙ୍କୁ ଭଲ ପାଉଥିବା ସମସ୍ତ ଜଗନ୍ନାଥପ୍ରେମୀଙ୍କ ପାଇଁ ଏହି ଜନମତ ଏଠାରେ ଉପସ୍ଥାପିତ କରିଛୁ । - **ସମ୍ପାଦକ**



**ପବିତ୍ର ମୋହନ ରାଉତରାୟ**
**ଚେୟାରମ୍ୟାନ, ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର**

କୋଟି ପ୍ରାଣର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ ବାସ୍ତବରେ ଜଗତର ନାଥ । ତାଙ୍କ ସେବା-ପୂଜା ନୀତିକାନ୍ତି ସମଗ୍ର ବିଶ୍ୱରେ ବିରଳ । କାରଣ ଜଗନ୍ନାଥ ଏଭଳି ଦେବତା ଯିଏ କି ଷାଠିଏ ପଉଠି ଭୋଗ ଖାଇବା ସହ ଶୋଇବା ପୂର୍ବରୁ ପାନ ମଧ୍ୟ ଖାଇଥାନ୍ତି । ଶ୍ରୀମନ୍ଦିରରେ ଦ୍ୱାର ଫିଟା ନୀତି ଠାରୁ ଶ୍ରୀଜୀଉଙ୍କ ଶୟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ସେବାୟତ ନିୟୋଜିତ ରହିଛନ୍ତି । ତଳଚ୍ଛୁ ମହାପାତ୍ର ଦ୍ୱାର ଫିଟାଉଥିଲା ବେଳେ ସିଂହାରୀମାନେ ଶ୍ରୀଜୀଉଙ୍କୁ ଶୁଆଇବା କାର୍ଯ୍ୟ ସମ୍ପାଦନ କରନ୍ତି । ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ପରଠୁ ତତ୍କାଳୀନ ଗଜପତି ମହାରାଜାମାନେ ଏଥିପାଇଁ ବିଧିବିଧାନ ସ୍ଥିର କରିଥିଲେ । ତେଣୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ବିଭିନ୍ନ ସେବକ-ସେବାୟତ ଏହି କାର୍ଯ୍ୟରେ ନିୟୋଜିତ ଥାଇ ଏଯାବତ୍ କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । ହେଲେ ସମୟକ୍ରମେ ରାଜତନ୍ତ୍ର ଉଚ୍ଛେଦ ପରେ ୧୯୬୦ ମସିହାରେ ସରକାର ଶ୍ରୀମନ୍ଦିର ପରିଚାଳନାର ଭାର ଗ୍ରହଣ କରିଥିଲେ । ସେହିଦିନଠୁ ପରିଚାଳନାର ଦାୟିତ୍ୱ ବଦଳିଥିଲେ ମଧ୍ୟ ନୀତିକାନ୍ତି ଓ ସେବକ-ସେବାୟତମାନେ ପୂର୍ବ ଭଳି ରହିଛନ୍ତି । ଦୀପଦାନ ଠାରୁ ଆରମ୍ଭ କରି ଆନନ୍ଦବଜାର ମହାପ୍ରସାଦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷ ଏହାକୁ ଶୃଙ୍ଖଳିତ ଭାବେ ପାଳନ କରି ଆସୁଥିବା ବେଳେ ଗତ କିଛିବର୍ଷ ହେବ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଯାହାକି ଆଧାତ୍ମିକ ଭାବନା ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ କ୍ଷତି ପହଞ୍ଚାଇଛି । ଏହାରି ମଧ୍ୟରେ ଶ୍ରୀଜୀଉଙ୍କ ସେବା ନୀତି ପାଇଁ ଉଦ୍ଦିଷ୍ଟ ଅଳଙ୍କାର ସମେତ ଅନ୍ୟାନ୍ୟ ବହୁମୂଲ୍ୟ ଧନସମ୍ପଦ ରଖିବାକୁ ସ୍ଥାନ ନିରୁପିତ ହୋଇଥିବା ବେଳେ ଏବେ ଏଥିରେ ବ୍ୟତିକ୍ରମ ଦେଖାଯିବା କାରଣରୁ ଅସନ୍ତୋଷ ଦେଖାଦେଇଛି । ଯାହାକି ଶ୍ରୀମନ୍ଦିର ପରିଚାଳନା କ୍ଷେତ୍ରରେ ଆଦୌ ସମୀଚିନ ନୁହେଁ । ଉଦ୍ଦିଷ୍ଟ ନିଯୋଗର ସହଯୋଗରେ ଶ୍ରୀଜୀଉଙ୍କ କାର୍ଯ୍ୟ ସମ୍ପାଦନ କରାଯିବାର ପରମ୍ପରାରେ ପରିବର୍ତ୍ତନ ଘଟିଲେ ବିଶୃଙ୍ଖଳା ହେବା ସ୍ୱାଭାବିକ । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତ ଜଗନ୍ନାଥ ବିଶ୍ୱାସୀଙ୍କୁ ବିନମ୍ର ଅନୁରୋଧ ଯେ, ତର୍କବିତର୍କ ମାଧ୍ୟମରେ ଶ୍ରୀମନ୍ଦିର ସଙ୍କଟ ସମାଧାନ ପନ୍ଥା ଖୋଜିବା ପରିବର୍ତ୍ତେ ଭକ୍ତି ଭାବନା ସହ ଏନେଇ ଉଦ୍ୟମ କରନ୍ତୁ । ଶ୍ରୀମନ୍ଦିର ସ୍ୱତ୍ୱଲିପିକୁ ସଠିକ୍ ଅନୁଶୀଳନ ଓ ଅନୁସରଣ କରି ପ୍ରଶାସନ ମଧ୍ୟ ନିଜର କର୍ତ୍ତବ୍ୟ ତୁଲାଇଲେ ସଙ୍କଟର ସମାଧାନ ହୋଇପାରିବ । କାରଣ ନିର୍ଦ୍ଧାରିତ ଧାରାରୁ ବିଚ୍ୟୁତ ହେଲେ ବିଶୃଙ୍ଖଳା କମିବା ପରିବର୍ତ୍ତେ ବଢ଼ିବ । ତେଣୁ ଅବକ୍ଷୟ ପୂର୍ବରୁ ଶ୍ରୀମନ୍ଦିର ସଂସ୍କାରରେ ପରିବର୍ତ୍ତନ ଆଣି ବ୍ୟବସ୍ଥାକୁ ସୁଦୃଢ଼ କରିବା ହେଉଛି ଅସଲ ପଦକ୍ଷେପ ।



**ଲିଙ୍ଗରାଜ ମିଶ୍ର**
**ସେବାନିବୃତ୍ତ**
**ପ୍ରଧାନ ଶିକ୍ଷକ**
**ଜଗତସିଂହପୁର**

ଗଲା କେତେବର୍ଷ ଧରି ଶ୍ରୀମନ୍ଦିରରେ ଭକ୍ତମାନଙ୍କୁ ମାଡ ଦେବା, ମନିପର୍ସ ଛଡାଇ ନେବା, ବଳପୂର୍ବକ ଦକ୍ଷିଣା ଦାବି କରିବା, ଓଡ଼ିଶାର ଖ୍ୟାତନାମା କେତେକ ବ୍ୟକ୍ତି ବିଶେଷଙ୍କୁ ଅସମ୍ମାନଜନକ ବ୍ୟବହାର ପ୍ରଦର୍ଶନରୁ ଜଣାଯାଏ ଶ୍ରୀମନ୍ଦିର ଯେପରି ସେବାୟତ ମାନଙ୍କ ଅଧିକାରକୁ ଚାଲି ଯାଇଛି ।। ଏଥିପାଇଁ ଯଥା ସମୟରେ କାର୍ଯ୍ୟାନୁଷ୍ଠାନ ନହେବାରୁ ସେମାନେ ଜିଲ୍ଲାପାଳଙ୍କୁ ମଧ୍ୟ ନାଲିଆଖି ଦେଖାଇ ଅବମାନନା କରିବାର ସାହସ ପ୍ରଦର୍ଶନ କଲେ । ଅଶାଳୀନ ଭାଷା ପ୍ରୟୋଗରୁ ଓଡ଼ିଶାର ମଉଡମଣି ଗଜପତି ମହାରାଜା ଓ ଧର୍ମଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ବାଦ ପଡିଲେନାହିଁ । ନିୟମ ଭାଙ୍ଗି ରଥ ଉପରକୁ ସାଧାରଣ ଲୋକଙ୍କୁ ଉଠାଇବା, ବ୍ରହ୍ମ ବିଭ୍ରାଟ କରି ଦୋଷମୁକ୍ତ ହୋଇ ବୁଲିବା ପ୍ରଶାସନର ଚରମ ଦୁର୍ବଳତାକୁ ପଦାରେ ପକାଇଛି । ରତ୍ନଭଣ୍ଡାରର ଚାବି ହଜିବା ବା ଚୋରି ହେବାର ସଠିକତା ନାହିଁ । ଶ୍ରୀମନ୍ଦିରର ଚରମ ବିଭ୍ରାଟ ପାଇଁ ପ୍ରଶାସନିକ ଦୁର୍ବଳତା ହିଁ ସମ୍ପୂର୍ଣ୍ଣ ଦାୟୀ । ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ନିୟମକୁ ଦୃଢ଼ତାର ସହ ପ୍ରୟୋଗ କରି ସଂସ୍କାର ଅଣାଯାଉ ।



**ମାନସ ରଞ୍ଜନ ମହାପାତ୍ର**
**ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ**

ଇତିହାସ ଅନୁସାରେ ପୁରୀ ଗଜପତି ମହାରାଜା ପୂର୍ବରୁ ଶ୍ରୀମନ୍ଦିର ଚଳାଉଥିଲେ । ଗଜପତିଙ୍କ ସମୟରେ ମନ୍ଦିର ପରିଚାଳନା ପାଇଁ ଅର୍ଥ ସଙ୍କଟ ଓ ସାମର୍ଥ୍ୟ ଅଭାବ ଦେଖାଦେବାରୁ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନାର ଦାୟିତ୍ୱ ନେଲେ । ଯେହେତୁ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ତେଣୁ ତାଙ୍କର ସୁରକ୍ଷା ଦାୟିତ୍ୱ ସରକାର ନେଇଥିଲେ । ରାଜାଙ୍କ ସମୟରେ ଶ୍ରୀମନ୍ଦିରର ବିଭିନ୍ନ ସେବା ପୂଜା ପାଇଁ ରାଜା ଯେଉଁମାନଙ୍କୁ କାର୍ଯ୍ୟରେ ନିଯୁକ୍ତ କରିଥିଲେ ସେମାନଙ୍କ ଭୋଗ ଦଖଲ ପାଇଁ ଜମି ପ୍ରଦାନ କରିବା ସହିତ ଦକ୍ଷିଣା ପାଉଣା ମଧ୍ୟ ଦେଉଥିଲେ । ଯେହେତୁ ଶାସନ ବ୍ୟବସ୍ଥା ରାଜା ଚଳାଉଥିଲେ ସେବକମାନେ ଭୃତ୍ୟ ବା ଦାସ ଭାବରେ ଶ୍ରୀମନ୍ଦିରର କାର୍ଯ୍ୟ ସୁଚାରୁରୂପେ କରୁଥିଲେ । ଏହାର ଦୁଇଗୋଟି ପ୍ରମୁଖ କାରଣ ରହିଥିଲା । ପ୍ରଥମତଃ ରାଜାଙ୍କ ହାତରେ ରାଜକୀୟ କ୍ଷମତା ଥିବା ହେତୁ ସେବକମାନେ ଉତ୍ତମ କାର୍ଯ୍ୟ କରିବାକୁ ଉଚିତ ମଣୁଥିଲେ । ଦ୍ୱିତୀୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସେତେବେଳର ସେବକମାନଙ୍କର ପ୍ରଗାଢ଼ ଭକ୍ତି ଏବଂ ସେବକମାନେ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ । ସମୟକ୍ରମେ ରାଜ୍ୟ ସରକାର ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ନେଇ ଏଥିପାଇଁ ପ୍ରଶାସନିକ ବ୍ୟବସ୍ଥାର ଆରମ୍ଭ କଲେ । କିନ୍ତୁ ରାଜାଙ୍କ ଅମଳରେ ସେବାୟତମାନେ ଶ୍ରୀମନ୍ଦିର ପରିଚାଳନା ସହିତ ସଂଶ୍ଲିଷ୍ଟ ନଥିଲା ବେଳେ ସରକାରଙ୍କ ସମୟରେ ସେବାୟତମାନେ ବ୍ୟବସ୍ଥା ସହ ଯୋଡି ହୋଇଗଲେ । ସେମାନେ ନିଜକୁ ଦାସ ବା ଭୃତ୍ୟ ନ ଭାବି ଶାସନ ବ୍ୟବସ୍ଥାର ଏକ ଅଂଶ ବୋଲି ଭାବିନେଲେ । ଗଣତନ୍ତ୍ରରେ ଯେଉଁମାନେ ଶାସନ କଲେ ସେମାନେ ଶାସକ ଏବଂ ଯେଉଁମାନେ ସେବା ଦେଲେ ସେମାନେ ଭୃତ୍ୟ କିମ୍ବା ଗଣତନ୍ତ୍ରର ଦାସ । ତେଣୁ ସେବାୟତମାନେ ଶାସନରେ ଭାଗ ନ ନେଇ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ସହିତ ଅନୁଶାସନକୁ ମାନି ଚଳିବା ଉଚିତ । ଯିଏ ଅନୁଶାସନର ଖିଲାପ କରେ କିମ୍ବା ଦାୟିତ୍ୱବୋଧ ହରାଏ ତାକୁ ଶାସନ ବ୍ୟବସ୍ଥା ଦଣ୍ଡିତ କରିଥାଏ । ଏଠାରେ କିନ୍ତୁ ଭିନ୍ନ ଘଟଣା ଘଟିଲା । ଶାସନ ସେବାୟତଙ୍କୁ ଅଂଶୀଦାର ଭାବେ ଗ୍ରହଣ କରିବା ଫଳରେ ସେମାନେ ନିଜକୁ ଜଗନ୍ନାଥଙ୍କର ଏକ ଅଂଶବିଶେଷ ବୋଲି ଭାବିନେଲେ । ଯଦ୍ୱାରା ଜଗନ୍ନାଥଙ୍କ ପ୍ରତି ଥିବା ଭକ୍ତି, ଭାବ ଏବଂ ସୌଜନ୍ୟତା ଧିରେ ଧିରେ ହ୍ରାସ ପାଇଲା । ସେବାୟତଙ୍କ ବଂଶ ବୃଦ୍ଧି ହେତୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଲା ଏବଂ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ତାଙ୍କର ଭାଗିଦାରୀ ବଢ଼ିଲା । କିଛି ସେବାୟତ ପରିବାର ଆଧୁନିକତା ଫଳରେ ବିଭିନ୍ନ କର୍ମ ନିଯୁକ୍ତି ପାଇବା ସତ୍ତ୍ୱେ ମନ୍ଦିର ପରିଚାଳନା ବ୍ୟବସ୍ଥା ସହିତ ଜଡିତ ରହିଲେ । ଯେହେତୁ ସେମାନେ ସେବାୟତ ବଂଶରେ ଜନ୍ମ ନେଇଛନ୍ତି ସେମାନଙ୍କର ବଂଶବାଦ ହକ୍ ବଜାୟ ରଖିଲେ । ସେବାୟତଙ୍କ ମଧ୍ୟରେ ଭାଗିଦାରୀର ପ୍ରତିଯୋଗିତା ବଢ଼ିବା ଫଳରେ ବିଭିନ୍ନ ଅଘଟଣ ଦେଖାଗଲା । ଯଦ୍ୱାରା ଠାକୁରଙ୍କ ସେବା ପୂଜାରେ ବିଘ୍ନ ଘଟିଲା । କିଛି ସେବାୟତ କେତେକାଂଶରେ ଖୁବ୍ ଧନସମ୍ପତ୍ତି ଅର୍ଜନ କରିପାରିଲେ ଏବଂ ସେମାନେ କିଛି ଅର୍ଥନୈତିକ ଦୁର୍ବଳ ସେବକମାନଙ୍କୁ ବିଭିନ୍ନ ପ୍ରକାର ବ୍ୟବସ୍ଥାରେ ନିଜର ହକ୍ ଦାବି କରିବା ପାଇଁ ପ୍ରୟୋଗ କଲେ । ସମୟକ୍ରମେ ଏହି କେତେକ ମୁଷ୍ଟିମେୟ ବ୍ୟକ୍ତି ଶ୍ରୀମନ୍ଦିରରେ ଅଧିକ ଭାଗିଦାରୀ ବଢ଼ାଇଲେ ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ନିୟମ ମଧ୍ୟ ନିର୍ଦ୍ଧାରଣ କଲେ । ସବୁବେଳେ ସରକାରଙ୍କୁ କ୍ଷମତାରେ ନୁଆଇଁବାକୁ ପ୍ରଚେଷ୍ଟା ଜାରି ରଖିଲେ । ରାଜ୍ୟ ସରକାରଙ୍କ ଶାସନ ଦାୟିତ୍ୱରେ ଥିବା ବିଭିନ୍ନ ପଦାଧିକାରୀ ବିଭିନ୍ନ ସମୟରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନେଲେ ଏବଂ ଦାୟିତ୍ୱ ତୁଲାଉଥିବା ପଦାଧିକାରୀ ନିଜ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ନୀତିକୁ କିଭଳି ସୁରୁଖୁରୁରେ ଚଳାଇ ପାରିବେ ସେଥିପାଇଁ ସେବାୟତଙ୍କ ସହ ସାଲିସ କଲେ । ଯାହା ଫଳରେ ପ୍ରଶାସନର ଦୃଢ଼ତା ଓ କ୍ଷମତା ହ୍ରାସ ପାଇଲା । ଯେହେତୁ ପଦାଧିକାରୀ ଅଳ୍ପ କିଛି ସମୟ ପାଇଁ ଶ୍ରୀମନ୍ଦିର ଶାସନ ବ୍ୟବସ୍ଥାରେ ରହିଥାନ୍ତି କେହି କେବେ ଅପବାଦ ମୁଣ୍ଡାଇବାକୁ ଚାହାନ୍ତିନାହିଁ । ତେଣୁ ଯେନତେନ ପ୍ରକାରେଣ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରି କ୍ଷମତାରୁ ଓହରି ଆସନ୍ତି । ଏହି ପରିକ୍ରମ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଲି ଆସିଛି ଏବଂ ସରକାର କେବେ ମନ୍ଦିର ପ୍ରଶାସନରେ ଦୃଢ଼ମନା ଦେଖାଇ ନାହାନ୍ତି ।

ଅନ୍ୟଏକ ପ୍ରମୁଖ କାରଣ ଭାବେ ଦେଖିଲେ ସରକାର ଶ୍ରୀମନ୍ଦିର ଦାୟିତ୍ୱରେ ଥିବା ପଦାଧିକାରୀଙ୍କୁ ଆକସ୍ମିକ ନିଯୁକ୍ତି ଏବଂ ଅପସାରଣ କରିବା ଫଳରେ କୌଣସି ଅଧିକାରୀ ନିଜକୁ ଭରସା କରିପାରୁନାହାନ୍ତି । ଯାହାଫଳରେ ଶ୍ରୀମନ୍ଦିର ଶାସନ ବ୍ୟବସ୍ଥାରେ ନାନା ବିଶୃଙ୍ଖଳା ଘଟୁଛି । ଏଥିସହିତ କୌଣସି ସମୟରେ ସରକାର ଶ୍ରୀମନ୍ଦିରରେ ସ୍ୱଚ୍ଛତା, ଶାଳୀନତା ଏବଂ ସୁଶାସନର ବ୍ୟବସ୍ଥା କରିବାକୁ ମନ କରିନାହାନ୍ତି । ଏଣୁ ସମୟକ୍ରମେ ଶ୍ରୀଜୀଉଙ୍କ ନୀତି, ସେବା ପୂଜାରେ ବିଘ୍ନ ଘଟିଲା । ଫଳରେ ସାରା ଦେଶରେ ଶ୍ରୀମନ୍ଦିର ବ୍ୟବସ୍ଥାକୁ ନେଇ ଲୋକାପବାଦ ଆସିଲା । ବର୍ତ୍ତମାନ ଶ୍ରୀମନ୍ଦିରରେ ଦେଖା ଦେଇଥିବା ସଙ୍କଟ ସମ୍ପତ୍ତି ହୋଇଥାଉ, ସୁନା ଅଳଙ୍କାର ହୋଇଥାଉ କିମ୍ବା ନୀତି ଓ ପର୍ବପର୍ବାଣୀ ସବୁଥିରେ ଢଳା ଯୋଗୁ ଆଜି ଓଡ଼ିଶାବାସୀ ତାଙ୍କ ସଂସ୍କୃତିର ଦେବତା ଜଗନ୍ନାଥଙ୍କ ପାଇଁ ଖୁବ୍ ଚିନ୍ତିତ ହୋଇପଡିଛନ୍ତି । ଆଶାକରେ ସରକାର ରାଜ୍ୟର ତଥା ଜନସାଧାରଣଙ୍କର ଦୃଢ଼ ବିଶ୍ୱାସକୁ ନେଇ ଶ୍ରୀମନ୍ଦିର ପାଇଁ ଦୃଢ଼ ପ୍ରଶାସନର ବ୍ୟବସ୍ଥା କରିବେ । ଯଦ୍ୱାରା ଶ୍ରୀମନ୍ଦିରର ସେବା ପୂଜାରେ ଏବଂ ଜଗନ୍ନାଥପ୍ରେମୀଙ୍କ ମନରେ କ୍ଷୋଭ ରହିବ ନାହିଁ ।



**ଆର୍ତ୍ତତ୍ରାଣ ଦାଶ**
**ଅବସରପ୍ରାପ୍ତ କୃଷିବିଜ୍ଞାନୀ,ଓୟୁଏଟି, ଭୁବନେଶ୍ୱର**

ଗୋଟିଏ ଜାତିର ସଂସ୍କୃତି ଲୋପ ପାଇଲେ ସମାଜ ଆପେଆପେ ଅବକ୍ଷୟମୁଖୀ ହୋଇଯାଏ । ଯାହାର ପରିଣାମ ଦେଖିବାକୁ ମିଳିଛି ଶ୍ରୀମନ୍ଦିରରେ । ପୂର୍ବେ ଲୋକ ଧର୍ମ ଅର୍ଜନ ପାଇଁ ମନ୍ଦିର ନିର୍ମାଣ କରିବା ସହିତ ଦାନ ମଧ୍ୟ କରୁଥିଲେ । ଦେବସ୍ୱ, ରାଜସ୍ୱ ଓ ବ୍ରହ୍ମସ୍ୱ ଅପହରଣ ଏକ ମହାପାପ ହୋଇଥିଲେ ବି ଏହାକୁ ଏବେ କେହି ମାନୁନାହାନ୍ତି । ଶ୍ରୀଜଗନ୍ନାଥଙ୍କ ହଜାର ହଜାର ଏକର ସମ୍ପତ୍ତି ପୂର୍ବରୁ ହଡପ କରାଯାଇଥିଲେ ବି ଏହାକୁ ଉଦ୍ଧାର କରାଯିବା ପାଇଁ କାହାର ତତ୍ପରତା ନାହିଁ । ଆଗରୁ ଦେବତାଙ୍କ ସମ୍ପତ୍ତି ଅପହରଣ କରିବାକୁ ଲୋକଙ୍କ ମନରେ ଯେଉଁ ଭୟ ସୃଷ୍ଟି ହେଉଥିଲା ଏବେ ସେ ଭୟ ନାହିଁ । ଫଳରେ ଯିଏ ଯାହାର କ୍ଷମତା ବଳରେ ଏହାକୁ ଲୁଣ୍ଠନ କରିବାକୁ ଲାଗିପଡୁଛନ୍ତି । ଠାକୁରଙ୍କ ପ୍ରତି ଭକ୍ତିଭାବ ଓ ନିଷ୍ଠାର ଅଭାବ ଫଳରେ ଲୋକ ଦେଖାଣିଆ ଦାୟିତ୍ୱ ନିର୍ବାହ କରୁଥିବା ଲୋକମାନେ ସଠତା ଆଚରଣ କରିବା ଫଳରେ ନାନା ସମସ୍ୟା ଦେଖାଦେଉଛି । ଗାଁ ଗହଳିଠୁ ଆରମ୍ଭ କରି ସବୁଠାରେ ଦେବୋତ୍ତର ସମ୍ପତ୍ତି ଲୁଣ୍ଠନ କରାଯାଉଛି । ଏହାକୁ କିଛିଲୋକ ନିଜ ନିଜ ଭିତରେ ବାଣ୍ଟି ନେଉଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଘଟଣା ହେଉ କି ଗାଁ ଠାକୁରଙ୍କ କୋଠ ସମ୍ପତ୍ତି ହେଉ ସବୁଠି ଲୁଟ୍ ଚାଲିଛି । ଏହା ସମସ୍ତେ ଦେଖୁଥିଲେ, ଜାଣୁଥିଲେ ସୁଦ୍ଧା କେହି କାହାକୁ କିଛି କହିପାରୁନାହାନ୍ତି । ଫଳରେ ଦିନକୁ ଦିନ ଏହା ବଢ଼ିଚାଲିଛି । ଦିନ ଆସିବ ଶ୍ରୀମନ୍ଦିରକୁ ଲୋକେ କବଲା କରି ନେଇଯିବେ । ସବ୍‌ରେଜିଷ୍ଟ୍ରାର ଅଫିସ ମଧ୍ୟ ଏଥିରୁ ବାଦ ପଡିନପାରେ । ଶ୍ରୀମନ୍ଦିର ପ୍ରସଙ୍ଗକୁ ନେଇ ରାଜନୈତିକ ଦଳମାନେ ନିଜ ନିଜ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି କରୁଛନ୍ତି ସିନା ବାସ୍ତବରେ ଏହାର ସମାଧାନ ପାଇଁ କାହାର ଆନ୍ତରିକତା ନାହିଁ । ବିଜେଡି ବିଜେପିକୁ ଦୋଷ ଦେଉଥିଲା ବେଳେ କଂଗ୍ରେସ ଉଭୟ ଦଳକୁ ଦୋଷ ଦେଉଛି । ଆଉ କେହି ମେଣ୍ଟ ସରକାରର ପ୍ରସଙ୍ଗ ଉଠାଇ ବିଜେପିକୁ କାଠଗଡାକୁ ଟାଣୁଛି । ହେଲେ ଏହାଦ୍ୱାରା ଅସଲ ସମସ୍ୟାର ସମାଧାନ ହେଉନାହିଁ । ବରଂ ବିଶୃଙ୍ଖଳା ବଢ଼ି ବଢ଼ି ଚାଲୁଛି । ଭଦ୍ର ପୋଷାକ ପିନ୍ଧା ମହାଚୋରମାନେ ବିଭିନ୍ନ ପଦପଦବୀରେ ଥାଇ ମଠ ମନ୍ଦିର ସମ୍ପତ୍ତି ଲୁଟ୍ କରିବାକୁ ପଛାଉ ନାହାନ୍ତି । ଯେତେବେଳେ କୌଣସି ପ୍ରସଙ୍ଗରେ ସରକାରଙ୍କୁ ଦୋଷାରୋପ କରାଯାଉଛି ସରକାର କେବଳ ଏକ ତଦନ୍ତ କମିଶନ ଗଠନ କରି ନିଜ ଦାୟିତ୍ୱ ସାରିଦେଉଛନ୍ତି । କିନ୍ତୁ ଫଳ ଘର ଶୂନ୍ । ତଦନ୍ତ କିଭଳି ହେଉଛି ଓ ରିପୋର୍ଟ କେମିତି ଆସୁଛି ତାହାର ଟେର ପାଉନାହାନ୍ତି ସାଧାରଣ ଲୋକେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଓ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ତଦନ୍ତ ଏକ ବାହାନା ପାଲଟିଛି । ତେଣୁ ଶ୍ରୀମନ୍ଦିର କ୍ଷେତ୍ରରେ ଏହା ମଧ୍ୟ ସମାନ । ଆଇନ ଯେତେବେଳେ ପ୍ରଚାର ସର୍ବସ୍ୱ ହୁଏ ଓ ଏହାର କାର୍ଯ୍ୟକାରିତାରେ ସତ୍ୟତା ନଥାଏ ସେଥିରେ କାହାର କିଛି ଲାଭ ହୁଏନି । ତେଣୁ ଶ୍ରୀମନ୍ଦିର ବିଶୃଙ୍ଖଳା ପ୍ରସଙ୍ଗରେ ଏତିକି କହିବି ଯେ, ଲୋକେ ନିଜ ସଂସ୍କୃତିକୁ ଦୃଢ଼ତା ସହିତ ବାନ୍ଧି ରଖି ସଚେତନ ହୋଇ କାର୍ଯ୍ୟ କଲେ ଏଭଳି ସମସ୍ୟାର ବିଲୋପ ଘଟିବ । ଯାହାଫଳରେ ମଠ, ମନ୍ଦିର ଓ ଆଧାତ୍ମିକ କ୍ଷେତ୍ର ଗୁଡିକ ଆଗପରି ସୁରକ୍ଷିତ ରହିପାରିବ ।



**ସୁକାନ୍ତ କୁମାର ପାଣିଗ୍ରାହୀ**
**ବିଜେପି ନେତା, କନ୍ଧମାଳ**

ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ସ୍ୱୟଂ ଜଗନ୍ନାଥ । ପ୍ରତ୍ୟେକ ଓଡ଼ିଆଙ୍କ ଭାବାବେଗ ସହିତ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜିଉ ଜଡିତ । ଆବାହମାନ କାଳରୁ ପ୍ରଭୁଙ୍କ ଲୀଳାଖେଳା ସହିତ ଓଡ଼ିଆ ଜନଜୀବନର ପ୍ରତ୍ୟେକ୍ଷ ଓ ପରୋକ୍ଷ ସମ୍ପର୍କ ରହିଛି । ଆମର ସଂସ୍କୃତି, ଚଳଣି ଏବଂ ସମସ୍ତ ପର୍ବପର୍ବାଣୀ ଶ୍ରୀମନ୍ଦିର ସହିତ ଜଡିତ । ତେଣୁ ଜଗତରନାଥ ଜଗନ୍ନାଥଙ୍କୁ ଏତାଦୃଶ ହତାଦର କରିବାର ହୀନ ମାନସିକତା ନେଇ ଶାସକ ଦଳ ଯେଭଳି କାର୍ଯ୍ୟ କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ । ବ୍ରହ୍ମ ବିଭ୍ରାଟ ଠାରୁ ଏଭଳି ଘଟଣା ପଦାକୁ ଆସିଥିଲେ ବି ପ୍ରଶାସନ ଏ କ୍ଷେତ୍ରରେ ଠୋସ୍ ପଦକ୍ଷେପ ନ ନେବା ଦ୍ୱାରା ଆଜି ସେବାୟତମାନେ ଅତ୍ୟନ୍ତ ବିଶୃଙ୍ଖଳିତ ହୋଇପଡିଛନ୍ତି । ସେହିଭଳି ଶ୍ରୀମନ୍ଦିର ପରିଚାଳନା କମିଟି ଓ ସରକାର ଅହଂକାରବଶତଃ ଧାର୍ମୀୟ ଭାବନା ଅପେକ୍ଷା ନିଜର ପ୍ରତିଷ୍ଠାକୁ ଗୁରୁତ୍ୱ ଦେଉଛନ୍ତି ତାହା ଲଜ୍ଜାଜନକ । ରତ୍ନଭଣ୍ଡାର ଚାବି ହଜିବା ଘଟଣା ହେଉ କିମ୍ବା ଶ୍ରୀମନ୍ଦିରକୁ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତମାନଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ ହେଉ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅପାରଗତା ବେଶ ପ୍ରତିଫଳିତ । ତେଣୁ ସଙ୍କଟ ପାଇଁ ସରକାର ଦାୟୀ ।

ସ୍ଥାନାଭାବରୁ 'ପ୍ରସଙ୍ଗ'ର କିଛି ଅଂଶ ପୃଷ୍ଠା-୭ରେ...



**କେଦାରନାଥ ଜେନା**
**ଶୈଳଶ୍ରୀ ବିହାର, ଭୁବନେଶ୍ୱର**

'ପରମ ପାବନ ଧାମ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥ ଭବ ଦୁଃଖ ବିନାଶ କରି ଅବ୍ୟୟ ସୁଖର କାରଣ ଅଟନ୍ତି । ଏହାଙ୍କୁ ଦାରୁମୟ ବ୍ରହ୍ମ କୁହାଯାଏ ।' କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ପ୍ରଭୁଙ୍କ ଲୀଳା, ମହାତ୍ମ୍ୟ ଓ ଯାତ୍ରାର ବର୍ଣ୍ଣନା କରି କହିଛନ୍ତି -

'ଜୟ ଜୟ ଜଗନ୍ନାଥ ଦାରୁ ରୂପଧାରୀ
ନୀଳ ଗିରୀଶ ଗିରୀଶ ବନ୍ଦନୀୟ ହରି ।'

ସାମ୍ପ୍ରତିକ ସମୟରେ ଶ୍ରୀମନ୍ଦିର ସଙ୍କଟ ପାଇଁ କିଏ ଦାୟୀ ବୋଲି ଭାବିଲା ବେଳେ ସ୍ୱତଃ ମନ ଭିତରକୁ ଆସିଯାଏ ଶ୍ରୀଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଜଣେ ପୁରାତନ କବି ଲେଖିଥିବା ଭଜନର ପଂକ୍ତିଟିଏ-

'କାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକା ଆଖି, ଚକା ଆଖି ?

ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ହିନ୍ଦୁ ଧର୍ମର ସମସ୍ତ ଠାକୁରଙ୍କ ଠାରୁ ସ୍ୱତନ୍ତ୍ର ଓ ଭିନ୍ନ । ପ୍ରାଚୀନ କାଳରେ ଉତ୍କଳର ଗଜପତିମାନେ ଦାକ୍ଷିଣାତ୍ୟ ଜୟ କରି ମହଣ ମହଣ ସୁନାରୁପା ହୀରାନୀଳା ହସ୍ତୀ ଉପରେ ଲଦି ଆଣି ଶ୍ରୀମନ୍ଦିର ଭଣ୍ଡାର ଘରେ ମହଜୁଦ କରିଥିଲେ । ପ୍ରାୟତଃ ଉତ୍କଳର ନରପତିମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଶ୍ରୀମନ୍ଦିରର ନୀତିକାନ୍ତିରେ ଅଙ୍ଗାଙ୍ଗୀ ଭାବେ ଜଡିତ ଥିବାରୁ ପରିଚାଳନାଗତ ବିଭ୍ରାଟର ନଜିର ନଥିଲା । ରାଜତନ୍ତ୍ରର ବିଲୁପ୍ତ ପରେ ପ୍ରଶାସନର ଶ୍ରୀମନ୍ଦିର ପରିଚାଳନା ସେତେଟା ନିୟନ୍ତ୍ରିତ ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ । ରାଜତନ୍ତ୍ରର ଡର, ଭୟ କ୍ରମଶଃ ସେବକମାନଙ୍କର ଦେହସୁହା ହୋଇଗଲା । କେତେକ ଶ୍ରୀମନ୍ଦିରକୁ ବ୍ୟକ୍ତିକୈନ୍ଦ୍ରିକ ଭାବେ ବ୍ୟବହାର କଲେ । ବଡ ଆଶ୍ଚର୍ଯ୍ୟର କଥା ତିରୁପତି, ସିରିଡି ସାଇ, ସତ୍ୟସାଇ ଇତ୍ୟାଦି ମନ୍ଦିରରେ ଯେପରି ଶାନ୍ତି ଶୃଙ୍ଖଳାରେ ଭକ୍ତ ଦର୍ଶନ କରି ଆନନ୍ଦଲାଭ କରେ ତାହା ଆମ ଶ୍ରୀମନ୍ଦିରରେ ପରିଲକ୍ଷିତ ହେଉନାହିଁ । ପ୍ରାୟତଃ କେତେକ ସେବାୟତଙ୍କ ଏକଚାଟିଆ ଅହମିକା ଭକ୍ତମାନଙ୍କ ହୃଦୟକୁ ବ୍ୟାଘାତ କରିଥାଏ । ଅନ୍ୟପକ୍ଷରେ ପ୍ରଶାସନ ଶୃଙ୍ଖଳା ଓ କେତେକ ସେବାୟତଙ୍କୁ ନିୟନ୍ତ୍ରଣ କରିବାରେ କେତେକ କ୍ଷେତ୍ରରେ ମଧ୍ୟ ବିଫଳ ହୋଇଥାଏ । ସୁତରାଂ ବର୍ତ୍ତମାନ କେତେକ ମୁଷ୍ଟିମେୟ ସେବାୟତଙ୍କ ଏକଚାଟିଆ ମନୋଭାବ ତଥା ଅହମିକା ଉପରେ ଅଙ୍କୁଶ ଲଗାଯିବା ପ୍ରୟୋଜନ । ସାମ୍ପ୍ରତିକ ପରିସ୍ଥିତିରେ ପ୍ରଶାସନ ମାଦଳା ପାଞ୍ଜି ଓ ଓଡ଼ିଶା ଗେଜେଟିୟରର ତଥ୍ୟ ଅନୁସାରେ ରତ୍ନଭଣ୍ଡାର ଅଳଙ୍କାର ତାଲିକା ପୁନଃ ମୂଲ୍ୟାୟନ କରି ଏକ ସୁଦୃଢ଼ ପ୍ରଶାସନିକ ନିୟମାବଳୀର ପ୍ରଚଳନ କରିବାର ସମୟ ପ୍ରତୀୟମାନ । ସ୍ଥାୟୀ ପ୍ରଶାସକ ନିଯୁକ୍ତି ମଧ୍ୟ ଶ୍ରୀମନ୍ଦିର ସଙ୍କଟକୁ ପ୍ରଶମିତ କରିବାରେ ସହାୟକ ହେବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି